ବର୍ଷ-୨୫, ସଂଖ୍ୟା-୧୨୩
ଭୁବନେଶ୍ୱର
୦୬, ମଇ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 123
Bhubaneswar
06,May, 2025, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

## ଏମ୍ଆଇଜିଏମର ସଫଳ ପରୀକ୍ଷଣ

ନୂଆଦିଲ୍ଲୀ,୫।୫(ମହାଭାରତ): ଭାରତ ନିରନ୍ତର ଏହାର ପ୍ରତିରକ୍ଷା କ୍ଷମତା ବୃଦ୍ଧି କରୁଛି । ଭାରତୀୟ ନୌସେନା ମଧ୍ୟ ଦିନକୁ ଦିନ ନିଜର ଶକ୍ତି ବୃଦ୍ଧି କରୁଛି । ଆଜି ଭାରତ ସ୍ୱଦେଶୀ ମଲ୍ଟି-ଇନଫ୍ଲୁଏନ୍ସ ଗ୍ରାଉଣ୍ଡ ମାଇନ୍ (ଏମଆଇଏଜିଏମ) କ୍ଷେପଣାସ୍ତ୍ରର ସଫଳ



ପରୀକ୍ଷଣ କରି ପ୍ରତିରକ୍ଷା କ୍ଷେତ୍ରରେ ଏକ ବଡ଼ ସଫଳତା ହାସଲ କରିଛି ।


ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ ଏବଂ ଭାରତୀୟ ନୌସେନାକୁ ଅଭିନନ୍ଦନ ଜଣାଇଛନ୍ତି ।ଏହା ମଧ୍ୟ କୁହାଯାଇଛି ଯେ ଏହି ପ୍ରଣାଳୀ ଭାରତୀୟ ନୌସେନାର ଯୁଦ୍ଧ କ୍ଷମତାକୁ ଆହୁରି ଉନ୍ନତ କରିବ । ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ନୌସେନା ସ୍ୱଦେଶୀ ଭାବରେ ଡିଜାଇନ୍ ଏବଂ ବିକଶିତ ମଲ୍ଟି-ଇନଫ୍ଲୁଏନ୍ସ ଗ୍ରାଉଣ୍ଡ ମାଇନ୍‌ର ଯୁଦ୍ଧ ଫାୟାରିଂ ପରୀକ୍ଷଣ ସଫଳତାର ସହ କରିଛନ୍ତି ।ଏହି ପ୍ରଣାଳୀ ଏକ ଉନ୍ନତ ଜଳମଗ୍ନ ନୌସେନା ଖଣି ଯାହାକୁ ବିଶାଖାପାଟଣାର ନୌସେନା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରୟୋଗଶାଳା ଦ୍ୱାରା ଅନ୍ୟ ଡିଆରଡିଓ ପ୍ରୟୋଗଶାଳା, ପୁନେର ଉଚ୍ଚ ଶକ୍ତି ସାମଗ୍ରୀ ଗବେଷଣା ପ୍ରୟୋଗଶାଳା ଏବଂ ଚଣ୍ଡିଗଡ଼ର ଟର୍ମିନାଲ୍ ବାଲିଷ୍ଟିକ୍ସ ଗବେଷଣା ପ୍ରୟୋଗଶାଳା ସହିତ ମିଳିତ ଭାବରେ ବିକଶିତ କରାଯାଇଛି ।

## ଦୀଘା ବିବାଦ | 'ଜଗନ୍ନାଥ ଧାମ'ରୁ ଓହରନ୍ତୁ ମମତା

**ପୁରୀ,୫।୫(ମହାଭାରତ):** ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଜିଲ୍ଲା ଅନ୍ତର୍ଗତ ଦୀଘା ଠାରେ ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ କୁହାଯାଇ ପାରିବନାହିଁ ବୋଲି ପୁରୀର ଗଜପତି ମହାରାଜା ଦିବ୍ୟସିଂହ ଦେବ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । ମୁକ୍ତି ମଣ୍ଡପ ପଣ୍ଡିତ ସଭାର ମତ ଅନୁସାରେ ଉଲ୍ଲେଖ କରୁଛି ମହାପ୍ରଭୁ 'ଚତୁର୍ଦ୍ଧା'ଦାରୁ ବିଗ୍ରହ ଭାବେ ପୁରୀରେ ଆର୍ବିଭାବ । ତେଣୁ ଏଭଳି କରିବା ଅନୁଚିତ । ଏ ସଂପର୍କରେ ଗଜପତି ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭାର ମତାମତ ଲୋଡିଥିଲେ ।

ପ୍ରେସ୍ ରିଲିଜରେ ପୁରୀ ରାଜା କହିଛନ୍ତି, ଆମେ ବିଭିନ୍ନ ଗଣମାଧ୍ୟମରୁ ଜାଣିବାକୁ ପାଇଲୁ ଯେ, ପଶ୍ଚିମବଙ୍ଗର ପୂର୍ବ ମେଦିନାପୁରର ଦୀଘାରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ତଥା ଜଗନ୍ନାଥ ଧାମ ସାଂସ୍କୃତିକ କେନ୍ଦ୍ର ନାମରେ ନାମିତ କରାଯାଇଛି । ଏହି ପରିପ୍ରେକ୍ଷୀରେ, ଆମେ ୩ ମେ' ୨୦୨୫ରେ ଏକ ଚିଠି ମାଧ୍ୟମରେ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ମତାମତ ମାଗିଥିଲୁ, ଯାହାର ଉତ୍ତର ଆମେ ୪ ମେ' ୨୦୨୫ରେ ପାଇଲୁ ।

ମୁକ୍ତିମଣ୍ଡପ ପଣ୍ଡିତ ସଭା ଗଜପତିଙ୍କୁ ଜଣାଇଛନ୍ତି ଯେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମୂଳ ପୀଠ ହେଉଛି ପୁରୁଷୋତ୍ତମ କ୍ଷେତ୍ର । ପୁରୀ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଚତୁର୍ଦ୍ଧାମୂର୍ତ୍ତି ବିଗ୍ରହଙ୍କର ଶାସ୍ତ୍ରୀୟ ମତ





ଅନୁସାରେ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ତାହା ଜଗନ୍ନାଥ ଧାମ, ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର, ଶ୍ରୀକ୍ଷେତ୍ର ଓ ନୀଳାଚଳ ଧାମ ଭାବେ ନାମିତ କରାଯାଇ ପାରିବନାହିଁ । ତେଣୁ ଦୀଘାରେ ଥିବା ଜଗନ୍ନାଥ ମନ୍ଦିରକୁ ଶ୍ରୀ ଜଗନ୍ନାଥ ଧାମ, ଶ୍ରୀ କ୍ଷେତ୍ର, ପୁରୁଷୋତ୍ତମ କ୍ଷେତ୍ର ଅବା ନୀଳାଚଳ ଧାମ ବୋଲି କୁହାଯାଇପାରିବ ନାହିଁ ଗଜପତି ସ୍ପଷ୍ଟ କରିଛନ୍ତି । ଏ ସମ୍ପର୍କରେ ମହର୍ଷି ବେଦବ୍ୟାସଙ୍କ ରଚିତ ସ୍କନ୍ଧ ପୁରାଣର ବୈଷ୍ଣବ ଖଣ୍ଡରେ ଶ୍ରୀ ପୁରୁଷୋତମ କ୍ଷେତ୍ର ମାହାତ୍ମ୍ୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦିବ୍ୟ ମହିମା ବ୍ୟାପକ ଭାବେ ଉଲ୍ଲେଖ ରହିଛି । ସ୍କନ୍ଧ ପୁରାଣରେ ଶ୍ରୀଜଗନ୍ନାଥ ଧାମ ସଂପର୍କରେ ଅନେକ ତଥ୍ୟ ରହିଛି । ପୁରୀ କେବଳ ଜଗନ୍ନାଥ ଧାମ ବୋଲି ମତ ରଖିଛନ୍ତି । ପୁରୀ ହେଉଛି ପରମ ଆରାଧ୍ୟ ମହାପ୍ରଭୁ ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କ ପବିତ୍ର ଆଦ୍ୟ ଏବଂ ନିତ୍ୟ ପୀଠ । ଭଗବାନ ବ୍ରହ୍ମାଙ୍କ ଜୀବନକାଳର ପ୍ରଥମ ପରାର୍ଦ୍ଧ ସମୟରେ ମହାପ୍ରଭୁ ଶ୍ରୀପୁରୁଷୋତ୍ତମକ୍ଷେତ୍ର ପୁରୀରେ ନୀଳମାଧବ ରୂପରେ ଥିଲେ । ଏହାପରେ ଭଗବାନ ବ୍ରହ୍ମାଙ୍କର ୫୧ ତମ ବର୍ଷରେ ମହାପ୍ରଭୁ ଚତୁର୍ଦ୍ଧା ଦାରୁ ବିଗ୍ରହ ଭାବେ

ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପୁରୀରେ ଆର୍ବିଭାବ ହୋଇ ଉପାସିତ ହେଉଛନ୍ତି ।

## ଦୀଘାକୁ ଯାଇନି ବଳକା ଦାରୁ କାଠ : ଆଇନମନ୍ତ୍ରୀ

ଭୁବନେଶ୍ୱର,୫।୫(ମହାଭାରତ): ଦାରୁ ଘର ଭିତରେ କାଠ ସୁରକ୍ଷିତ ଅଛି । ଦୀଘାରେ ହୋଇଥିବା ଜଗନ୍ନାଥ ମନ୍ଦିରରେ ବଳକା ଦାରୁ କାଠ ବିଗ୍ରହ ନିର୍ମାଣ ସମ୍ପୂର୍ଣ୍ଣ ମିଛ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ତେଣୁ ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ରଙ୍କ ବିବାଦୀୟ ମନ୍ତବ୍ୟ ଯୋଗୁ ଯେଉଁ ବିବାଦ ଓ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା ତାହାର ପୂର୍ଣ୍ଣଚ୍ଛେଦ ପଡିଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ନେଇ ଗତ କିଛିଦିନ ଧରି ଗଣମାଧ୍ୟମରେ ପ୍ରଚାରିତ ହେଉଥିବା ପ୍ରସସଙ୍ଗରେ ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ରାଜ୍ୟ ସରକାରଙ୍କୁ ଅନ୍ତରୀଣ ତଦନ୍ତ କମିଟି ରିପୋର୍ଟ ପ୍ରଦାନ କରିଛନ୍ତି । ଶ୍ରୀଜଗନ୍ନାଥଙ୍କର ମନ୍ଦିର ଦିଘାଠାରେ ହେବା, ମନ୍ଦିରର ନାମକୁ ଜଗନ୍ନାଥ ଧାମ ଲେଖାଯିବା, ଏଠାରୁ ସେବାୟତମାନେ ମନ୍ଦିର ପ୍ରତିଷ୍ଠାରେ ଯୋଗଦେବା ତଥା ବଳକା ଦାରୁ କାଠରେ ପ୍ରତିମା ନିର୍ମାଣ ହେବା ଇତ୍ୟାଦି ବାବଦରେ ଅନ୍ତରୀଣ ତଦନ୍ତ କମିଟି କରିଥିବା ରିପୋର୍ଟକୁ ଡ. ପାଢ଼ୀ ଆଜି ଲୋକସେବା ଭବନରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରିଛନ୍ତି । ଏହି ରିପୋର୍ଟ ଗ୍ରହଣ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଦିଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ଅନ୍ତରୀଣ ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖା ଯାଇଥିଲା । ଆଜି ଏହାର ରିପୋର୍ଟ ଆମର ହସ୍ତଗତ ହୋଇଛି । ମହାରଣା ସେବକ, ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ନିଯୋଗ, ଦାଇତାପତି ନିଯୋଗ ଓ ଯେଉଁମାନେ ଦିଘା ମନ୍ଦିର ଯାଇଥିଲେ ସେମାନଙ୍କୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତିନିଦିନ ଧରି ମାରାଥନ ବୈଠକ ଅନୁଷ୍ଠିତ ହୋଇଥିଲା । ଏହା ପରେ ସମସ୍ତ ଦିଗକୁ ଅନୁଧ୍ୟାନ କରି ବିଭିନ୍ନ ପ୍ରସ୍ତାବ ଏବଂ ବିସ୍ତୃତ ରିପୋର୍ଟକୁ ରାଜ୍ୟ ସରକାରଙ୍କୁ ଦାଖଲ କରିଛନ୍ତି ଶ୍ରୀମନ୍ଦିର ପ୍ରଶାସନ । ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବା ସହ ଏହି ରିପୋର୍ଟକୁ ସଂପୂର୍ଣ୍ଣ ଅନୁଧ୍ୟାନ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ଓ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି ଓ ଅନ୍ୟପକ୍ଷରେ ସେବାୟତମାନେ କୌଣସି ସ୍ଥାନକୁ ଯାଇ ସେଠାରେ ପୂଜା ଅର୍ଚ୍ଚନା କରିବା ବିଧି ନାହିଁ । ଏଥି ସହିତ ଜଗନ୍ନାଥଙ୍କ ବିଭିନ୍ନ ନୀତିକାନ୍ତି ବିଷୟରେ ବାହାରେ କ'ଣ ସବୁ ପ୍ରକାଶ କରି ପାରିବେ ଓ ନ କରିପାରିବେ ସେଥିନେଇ ମାର୍ଗଦର୍ଶିକା ଜାରି ହେବ ।

## ପୁରୀ ଏୟାରପୋର୍ଟକୁ କେନ୍ଦ୍ରର ମଞ୍ଜୁରୀ

ନୂଆଦିଲ୍ଲୀ,୫।୪(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ କେନ୍ଦ୍ର ସରକାର ଦେଶବ୍ୟାପୀ ବିମାନ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ସଂକଳ୍ପବଦ୍ଧ ଅଛନ୍ତି । ଏହି କ୍ରମରେ ଆଉ ଏକ ପଦକ୍ଷେପ ସ୍ୱରୂପ, ଓଡ଼ିଶାର ପୁରୀ ଏବଂ ରାଜସ୍ଥାନର କୋଟାଠାରେ ନୂଆ ବିମାନ ବନ୍ଦର ନିର୍ମାଣକୁ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି ।କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡ଼ୁ କିଞ୍ଜରପୁ ଆଜି ଏହି ଦୁଇଟି ଗ୍ରୀନଫିଲ୍ଡ ବିମାନ ବନ୍ଦର ନିର୍ମାଣକୁ ନୀତିଗତ ଅନୁମୋଦନ ପ୍ରଦାନ କରିଛନ୍ତି ।



ଭାରତର ଅନ୍ୟତମ ପବିତ୍ର ତୀର୍ଥସ୍ଥଳ ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ପୁରୀ ଏକ ବିଶ୍ୱପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ର ରୂପେ ଦେଶ ତଥା ଦୁନିଆର ଲକ୍ଷ ଲକ୍ଷ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ପୁରୀଠାରେ ଏକ ବିମାନ ବନ୍ଦର ପ୍ରତିଷ୍ଠା କରିବାର ନିଷ୍ପତ୍ତି ଏହି ଅଞ୍ଚଳରେ ଧାର୍ମିକ ପର୍ଯ୍ୟଟନ, ଆଞ୍ଚଳିକ ବିକାଶ ଏବଂ ସାମଗ୍ରିକ ଯୋଗାଯୋଗକୁ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରିବ ।ଏହି ବିମାନ ବନ୍ଦର ପୁରୀ ଏବଂ ଭାରତର ପ୍ରମୁଖ ମହାନଗରଗୁଡ଼ିକ ମଧ୍ୟରେ ସିଧାସଳଖ ବିମାନ ଯୋଗାଯୋଗକୁ ବୃଦ୍ଧି କରିବାରେ ସହାୟକ ହେବ ଏହି ନିଷ୍ପତ୍ତି ପୁରୀ ଏବଂ ଓଡ଼ିଶା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଏବଂ ଏହା ଶେଷ ମାଇଲ ବିମାନ ସଂଯୋଗକୁ ମଜବୁତ କରିବ ବିମାନ ଯାତ୍ରାକୁ ସମସ୍ତଙ୍କ ପାଇଁ ସୁଲଭ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାର ଅନୁରୂପ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

ଅନୁରୂପ ଭାବେ କୋଟା ବିମାନ ବନ୍ଦର ନିର୍ମାଣ ଦ୍ୱାରା ଦୀର୍ଘ ପ୍ରତୀକ୍ଷିତ ଆଶା ପୂରଣ ହେବ । ଏହା ଲୋକସଭା ବାଚସ୍ପତି ତଥା କୋଟା-ବୁନ୍ଦୀର ସାଂସଦ ଶ୍ରୀ ଓମ୍ ବିର୍ଲାଙ୍କ ନିରନ୍ତର ପ୍ରୟାସର ପରିଣାମ ସେ କୋଟା ପାଇଁ ଏକ ବିମାନ ବନ୍ଦରର ଉପଲବ୍ଧି ପାଇଁ ସକ୍ରିୟ ଭାବରେ ପ୍ରୟାସ କରିଛନ୍ତି । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସହିତ ତାଙ୍କର ନିରନ୍ତର ଆଲୋଚନା ଏହି ଅନୁମୋଦନକୁ ତ୍ୱରାନ୍ୱିତ କରିବାରେ ଅନ୍ୟତମ ପ୍ରେରକ ଶକ୍ତି ।

## ୭ରେ ସିଭିଲ୍ ଡିଫେନ୍ସ ମକ୍‌ଡ୍ରିଲ୍

**ନୂଆଦିଲ୍ଲୀ,୫।୫(ମହାଭାରତ):** ଘନେଇଲା ଭାରତ ଓ ପାକିସ୍ତାନ ଯୁଦ୍ଧ ଆଶଙ୍କା । କେତେବେଳେ ବି ହୋଇପାରେ ଆକ୍ରମଣ । ଏନେଇ ଭାରତ ସରକାର ସବୁ ପ୍ରକାର ସତର୍କତା ଆରମ୍ଭ କରିଦେଇଛନ୍ତି ।ସେପଟେ ପାକିସ୍ତାନ କେତେବେଳେ ଚୀନ ଶରଣ ପଶୁଥିବା ବେଳେ କେତେବେଳେ ତୁର୍କୀର ସହଯୋଗ ଭିକ୍ଷା କରୁଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବା ବେଳେ, କେନ୍ଦ୍ରୀୟ ଗୃହ ମନ୍ତ୍ରାଳୟ ଆସନ୍ତା ୭ ମଇରେ ଅନେକ ରାଜ୍ୟରେ ସମସ୍ତ ରାଜ୍ୟରେ ନାଗରିକ ସୁରକ୍ଷା ପାଇଁ ମକ୍ ଡ୍ରିଲ୍ (ବିପର୍ଯ୍ୟୟ ପ୍ରତିକ୍ରିୟା ଅଭ୍ୟାସ) କରିବାକୁ ନିର୍ଦ୍ଦେଶ ଦେଇଛି । ଏହି ଅଭ୍ୟାସ ଯୁଦ୍ଧ କିମ୍ବା ଗୁରୁତର ସଙ୍କଟ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ପରୀକ୍ଷା କରିବା ପାଇଁ କରାଯାଉଛି ।

ଗୃହ ମନ୍ତ୍ରାଳୟ ରାଜ୍ୟମାନଙ୍କୁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛି: ଆକାଶ ମାର୍ଗରେ ଚେତାବନୀ ସାଇରନର କାର୍ଯ୍ୟକାରିତା: ଶତ୍ରୁତାପୂର୍ଣ୍ଣ ଆକ୍ରମଣ ସମୟରେ ନାଗରିକମାନଙ୍କୁ ସତର୍କ କରିବା ପାଇଁ ସାଇରନଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବ ।

ଶତ୍ରୁତାପୂର୍ଣ୍ଣ ଆକ୍ରମଣର ସମ୍ମୁଖୀନ ହେଲେ ନିଜକୁ ସୁରକ୍ଷିତ ରଖିବା ପାଇଁ ନାଗରିକ ଓ ଛାତ୍ରଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରାଯିବ । ତୁରନ୍ତ ବ୍ଲାକଆଉଟ ବ୍ୟବସ୍ଥା: ଜରୁରୀ ସମୟରେ ଆଲୋକ ନିୟନ୍ତ୍ରଣ ପାଇଁ ତୁରନ୍ତ ବ୍ଲାକଆଉଟ ବ୍ୟବସ୍ଥା କରାଯିବ । ଗୁରୁତ୍ୱପୂର୍ଣ୍ଣ ସ୍ଥାପନା ଏବଂ କାରଖାନାଗୁଡ଼ିକୁ ଶତ୍ରୁଙ୍କ ଆଖିରୁ ଲୁଚାଇବା ପାଇଁ ଛଦ୍ମବେଶ ବ୍ୟବସ୍ଥା କରାଯିବ । ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ନିଷ୍କାସନ ଯୋଜନା ଭଳି ଅଭ୍ୟାସ କରାଯିବ । ରେସ୍କୁ ଯୋଜନାର ଆଧୁନିକୀକରଣ ଓ ପୂର୍ବାଭ୍ୟାସ କରିବା । ରାଜ୍ୟଗୁଡ଼ିକୁ ସେମାନଙ୍କର ସ୍ଥାନାନ୍ତର ଯୋଜନା ଏବଂ ଏହାର ଅଭ୍ୟାସକୁ ଅପଡେଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସରକାରୀ ସୂତ୍ରରୁ ସୂଚନା ମିଳିଛି ।

ଏହି ପଦକ୍ଷେପଗୁଡିକ ସଙ୍କଟଜନକ ପରିସ୍ଥିତିରେ ନାଗରିକ ସୁରକ୍ଷା ଓ ଦେଶର ପ୍ରସ୍ତୁତିକୁ ମଜବୁତ କରିବା ପାଇଁ ଗୃହ ମନ୍ତ୍ରାଳୟର ନିର୍ଦ୍ଦେଶ ଅନୁସାରେ ରାଜ୍ୟମାନଙ୍କୁ କାର୍ଯ୍ୟକାରୀ କରିବାକୁ କୁହାଯାଇଛି ।

ସେପଟେ ଭାରତୀୟ ପୋଷ୍ଟରେ ପାକିସ୍ତାନ ବାରମ୍ବାର ସୀମାପାର ଗୁଳିମାଡ଼ କରି ଚାଲିଛି । ଗତ ୧୧ ରାତି ଧରି, ପାକିସ୍ତାନ ସେନା ନିୟନ୍ତ୍ରଣ ରେଖା ରେ ଗୁଳିମାଡ଼ କରିଛି । ଭାରତୀୟ ସେନା ମଧ୍ୟ ଏହାର କଡ଼ା ଜବାବ ଦେଉଛି ସେପଟେ ପାକିସ୍ତାନ ଭାରତର ପ୍ରତିଶୋଧ ଭୟରେ ନିଜର ପ୍ରତିରକ୍ଷା ପ୍ରସ୍ତୁତିକୁ ବୃଦ୍ଧି କରିଛି ।ସୀମାନ୍ତ ପୋଷ୍ଟଗୁଡ଼ିକୁ ମଜବୁତ କରିବା ସହିତ ମିସାଇଲ୍ ପରୀକ୍ଷଣ କରୁଛି ।

## ଋଷର ଖୋଲା ସମର୍ଥନ

**ନୂଆଦିଲ୍ଲୀ,୫।୫(ମହାଭାରତ):** ଋଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସୋମବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ କରି ଜମ୍ମୁ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରିଛନ୍ତି । ସେ ଆତଙ୍କବାଦ ବିରୁଦ୍ଧରେ ଲଢ଼େଇ ପାଇଁ ଭାରତକୁ ପୂର୍ଣ୍ଣ ସମର୍ଥନ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଏବଂ କହିଥିଲେ ଯେ,



ଏହି ଘୃଣ୍ୟ କାର୍ଯ୍ୟରେ ଲିପ୍ତ ଥିବା ଦୋଷୀ ମାନଙ୍କୁ କାଠଗଡ଼ା ଭିତରକୁ ଟାଣିବା ପାଇଁ କହିଥିଲେ । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ଏକ୍ସ ରେ ପୋଷ୍ଟ କରି ପୁଟିନ ଏବଂ ମୋଦିଙ୍କ ମଧ୍ୟରେ ହୋଇଥିବା ଆଲୋଚନା ବିଷୟରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଋଷ ରାଷ୍ଟ୍ରପତି ପୁଟିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ୍ କରି ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର କଡ଼ା ନିନ୍ଦା କରିଛନ୍ତି । ସେ ନିର୍ଦ୍ଦୋଷ ଲୋକଙ୍କ ମୃତ୍ୟୁ ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି ଏବଂ ଆତଙ୍କବାଦ ବିରୋଧରେ ଭାରତକୁ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଛନ୍ତି । ସେ ଜୋର ଦେଇ କହିଛନ୍ତି ଯେ, ଏହି ଘୃଣ୍ୟ ଆକ୍ରମଣର ଅପରାଧି ଏବଂ ସେମାନଙ୍କ ସମର୍ଥକ ମାନଙ୍କୁ କାଠଗଡ଼ାକୁ ଟାଣିବା ଉଚିତ ।

## ପହଲଗାମ ହମ୍‌ଲାକୁ ୟୁଏନର ନିନ୍ଦା

**ନୂଆଦିଲ୍ଲୀ,୫।୫(ମହାଭାରତ):** ମିଳିତ ଜାତିସଂଘରର ମହାସଚିବ ଆଣ୍ଟୋନିଓ ଗୁଟେରେସ ପହଲଗାମ ଆତଙ୍କୀ ହମଲାର ଦୃଢ ନିନ୍ଦା କରିଛନ୍ତି । ଗୋଟିଏ ପରେ ଘଟଣାର ନିନ୍ଦା କରୁଥିବା ବେଳେ ଅନ୍ୟପଟେ ଯୁଦ୍ଧ ସ୍ଥିତି ଉପୁନ ନ କରି ସଂଯମ ରହିବାକୁ ଭାରତ ଓ ପାକିସ୍ତାନକୁ ଆହ୍ୱାନ କରିଛନ୍ତି ।ଏ ନେଇ ସୋମବାର ସେ ଏକ ସଂକ୍ଷିପ୍ତ ବୟାନ ଜାରି କରିଛନ୍ତି ।

ସେ ଭାରତ ଓ ପାକିସ୍ତାନକୁ ଉତ୍ତେଜନା କମ କରିବାକୁ ଆହ୍ୱାନ ଦେଇଛନ୍ତି । ଦୁଇ ପକ୍ଷଙ୍କୁ ଯଥା ସମ୍ଭବ ସଂଯମ ରହିବା ଓ ଯୁଦ୍ଧର ଦ୍ୱାର ଦେଶରୁ ପଛକୁ ହଟିବାକୁ ପରାମର୍ଶ ଦେଇଛନ୍ତି । ସାମରିକ କାର୍ଯ୍ୟାନୁଷ୍ଠାନ କୌଣସି ସମାଧାନ ନୁହେଁ ବୋଲି ଗୁଟେରେସ ନିଜ ବୟାନରେ କହିଛନ୍ତି । ସେ କହିଛନ୍ତି, ଏପ୍ରିଲ ୨୨ରେ ପହଲଗାମରେ ହୋଇଥିବା ଭୟାନକ ଆତଙ୍କୀ ହମଲା ପରେ ଭାରତର ଭାବନାକୁ ଆମେ ବୁଝି ପାରୁଛୁ । ଆକ୍ରମଣକୁ କଡ଼ା ନିନ୍ଦା କରୁଛୁ ଏବଂ ପୀଡ଼ିତାଙ୍କ ପରିବାର ପ୍ରତି ସମବେଦନା ବ୍ୟକ୍ତ କରୁଛୁ ।ନାଗରିକଙ୍କୁ ଟାର୍ଗେଟ୍ କରିବା କୌଣସି ବି



ସ୍ଥିତିରେ ଗ୍ରହଣୀୟ ନୁହେଁ ହମଲାରେ ଦାୟୀ ଲୋକଙ୍କୁ ବିଶ୍ୱସନୀୟ ଓ ଆଇନର କାଠଗଡ଼ାକୁ ଟାଣିବା ଉଚିତ ।

ଗୁଟେରେସ ଶାନ୍ତି ସ୍ଥାପନା ପାଇଁ ପ୍ରୟାସ କରିବାକୁ ଦୁଇ ଦେଶକୁ ପରାମର୍ଶ ଦେଇଛନ୍ତି । ମିଳିତ ଜାତିସଂଘ କୌଣସି ବି ପ୍ରସ୍ତାବକୁ ସମର୍ଥନ କରିବାକୁ ପ୍ରସ୍ତୁତ ଯାହା ଉତ୍ତେଜନା କମ କରିବ । କୂଟନୀତି ଓ ଶାନ୍ତି ପାଇଁ ନୂଆ ପ୍ରତିବଦ୍ଧତାକୁ ସାକାର କରି ପାରିବ ବୋଲି ମିଳିତ ଜାତିସଂଘର ମହାସଚିବ କହିଛନ୍ତି ।

ସେପଟେ ଭାରତ ସରକାର ଯୁଦ୍ଧ ପରିସ୍ଥିତିରେ କିଭଳି ସାଧାରଣ ନାଗରିକଙ୍କ ସୁରକ୍ଷିତ ରଖାଯାଇପାରିବ ସେ ନେଇ କିଛି ରାଜ୍ୟକୁ ମକ୍ ଡ୍ରିଲ୍ କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ଏୟାର ଷ୍ଟ୍ରାଇକ୍ ବେଳେ ସାଇରନ ବଜାଇ ସତର୍କତା ଅବଲମ୍ବନ କରିବା ଓ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ମେ ୭ ତାରିଖରେ ମକ୍ ଡ୍ରିଲ୍ କରିବାକୁ କେନ୍ଦ୍ର ଗୃହମନ୍ତ୍ରଣାଳୟ ବୁଧବାର କିଛି ରାଜ୍ୟକୁ ନିର୍ଦ୍ଦେଶ ଦେଇଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି ।

ସରକାରୀ ସୂତ୍ରରୁ ମିଳିଥିବା ଅନୁଯାୟୀ, ଅଭ୍ୟାସ ସମୟରେ, ବିମାନ ଆକ୍ରମଣ ଚେତାବନୀ ସାଇରନ ସକ୍ରିୟ କରାଯିବ, ଏବଂ ଶତ୍ରୁ ଆକ୍ରମଣ ସମୟରେ ନିଜକୁ ରକ୍ଷା କରିବା ପାଇଁ ନାଗରିକ ଏବଂ ଛାତ୍ରମାନଙ୍କୁ ନାଗରିକ ପ୍ରତିରକ୍ଷା ଉପରେ ତାଲିମ ଦିଆଯିବ । ସେହିପରି କ୍ରାସ୍ ବ୍ଲାକ ଆଉଟ୍ ପଦକ୍ଷେପ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ଲାଣ୍ଟ ଏବଂ ସଂସ୍ଥାଗୁଡ଼ିକୁ ଶୀଘ୍ର ଲୁଚାଇବାର କୌଶଳ ବି ରହିବ ରାଜ୍ୟଗୁଡ଼ିକୁ ସେମାନଙ୍କର ସ୍ଥାନାନ୍ତର ଯୋଜନା ଏବଂ ଏହାର ଅଭ୍ୟାସକୁ ଅପଡେଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସରକାରୀ ସୂତ୍ରରୁ ସୂଚନା ମିଳିଛି ।

## ୫ ହଜାର ଡାକ୍ତର ପଦବୀ ପୂରଣ ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/କେନ୍ଦୁଝର,୫।୫(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ସ୍ଥିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲରେ ଅନ୍ତଃ ଚିକିତ୍ସା ସେବା ଓ ଟ୍ରମା କେୟାର ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ଏହାଦ୍ୱାରା ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ମାନଙ୍କର ଉତ୍ତମ ଚିକିତ୍ସା ହୋଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ଦେଶରେ ଦୁର୍ଘଟଣା ଓ ଦୁର୍ଘଟଣା ଜନିତ ମୃତ୍ୟୁହାର ଖୁବ ଅଧିକ । କେନ୍ଦୁଝର ଭଳି ଜିଲ୍ଲାରେ ଖଣି କାରବାର ଯୋଗୁଁ ଅଧିକ ଯାନବାହନ ଚଳାଚଳ ହେଉଛି । ଏହା ସହିତ ଆଗାମୀ ଦିନରେ ଅଧିକ ଶିଳ୍ପପ୍ରତିଷ୍ଠା ଓ ଭିତ୍ତିଭୂମିର ବିକାଶ ମଧ୍ୟ କରାଯିବ । ତେଣୁ, ଯାନବାହନ ଚଳାଚଳା ଆହୁରି ବୃଦ୍ଧି ପାଇବ । ଏ କ୍ଷେତ୍ରରେ ଉତ୍ତମ ଟ୍ରମା କେୟାର ବ୍ୟବସ୍ଥା ଲୋକଙ୍କୁ ଆଶୁ ମୃତ୍ୟୁମୁଖରୁ ବଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ସରକାର ଗଠନ କରିବାର ଅଳ୍ପଦିନ ମଧ୍ୟରେ ସବୁ ଖଣିଜ ଜିଲ୍ଲା ଗୁଡିକର ମେଡିକାଲ କଲେଜ ଗୁଡିକରେ ଟ୍ରମା କେୟାର ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି କେନ୍ଦୁଝରରେ ଏହା ସ୍ଥାପନ ହୋଇଛି, ଖୁବଶୀଘ୍ର ଅନ୍ୟସ୍ଥାନରେ ମଧ୍ୟ ଟ୍ରମା କେୟାର ସ୍ଥାପନ କରାଯିବ ।

ସେ କହିଲେ ଯେ ରାଜ୍ୟର ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଉଛି । ହସ୍ପିଟାଲ ଗୁଡିକର ଭିତ୍ତିଭୂମି ସୁଦୃଢ କରାଯାଉଛି । ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ କରାଯାଉଛି । ନୂଆ ସରକାର ଆସିବା ପରେ ୪ ହଜାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମଚାରୀ ପଦବୀ ପୂରଣ କରାଯାଇଛି । ଆଗାମୀ ଦିନରେ ୫ହଜାର ଡାକ୍ତର ପଦବୀ ପୂରଣ କରାଯିବ । ଏହା ସହିତ ନୂଆ ନୂଆ ଆମ୍ବୁଲାନ୍‌ସ ମଧ୍ୟ ଯୋଗାଇ ଦିଆଯାଉଛି । ତେଣୁ, ବିଭିନ୍ନ କ୍ଷେତ୍ରରେ ଓଡିଶା ଯେଉଁ ବିକାଶ କରିବାର ଲକ୍ଷ୍ୟ ନେଇ ଆଗକୁ ବଢୁଛି, ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଓଡିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠିତ ହେବ । ଦୁର୍ଘଟଣା ଜନିତ ମୃତ୍ୟୁହାର ହ୍ରାସ କରିବା କ୍ଷେତ୍ରରେ ମଧ୍ୟ ଓଡିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

## ଜୁନ୍ ୬ରେ ଷ୍ଟାଫ ସିଲେକ୍ସନ ପରୀକ୍ଷା

**ଭୁବନେଶ୍ୱର,୫।୫(ମହାଭାରତ) :** ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିସନ (ଓଏସ୍‌ଏସସି) ସୋମବାର ୨୭ ଏପ୍ରିଲ୍ ୨୦୨୫ରେ ଅନୁଷ୍ଠିତ ହୋଇଥିବା ଶାରୀରିକ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ୨୦୨୪ ସହିତ ବିଭିନ୍ନ ପଦବୀର ମିଳିତ ନିଯୁକ୍ତି ପଦବୀ ପାଇଁ ପରୀକ୍ଷାକୁ ବାତିଲ କରିଛନ୍ତି । ପ୍ରଶ୍ନପତ୍ରରେ ଅନିୟମିତତା ଯୋଗୁ ଓଏସ୍‌ଏସସି ମିଳିତ ନିଯୁକ୍ତି ପରୀକ୍ଷାକୁ ବାତିଲ କରିଦେଇଛି ଏବଂ ଏଥିପାଇଁ ଏକ ନୂତନ ତାରିଖ ଘୋଷଣା କରିଛି । କମିସନଙ୍କ ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଓଏସ୍‌ଏସ୍‌ସି ମିଳିତ ନିଯୁକ୍ତି ପରୀକ୍ଷା ଏବେ ଜୁଲାଇ ୬ ରେ ଅନୁଷ୍ଠିତ ହେବ ।

କମିସନଙ୍କର ୨୭.୦୪.୨୦୨୫ ତାରିଖର ନୋଟିସ୍ ନମ୍ବର ୨୧୮୬/ ଓଏସ୍‌ଏସସି ଅନୁଯାୟୀ, ୨୭.୦୪.୨୦୨୫ ତାରିଖରେ ଅନୁଷ୍ଠିତ ହୋଇଥିବା ଶାରୀରିକ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା, ୨୦୨୪ ସହିତ ବିଭିନ୍ନ ପଦବୀର ମିଳିତ ନିଯୁକ୍ତି ପରୀକ୍ଷା ଏବଂ ଏଥିପାଇଁ ଗ୍ରହଣ କରାଯିବାକୁ ଥିବା ପ୍ରତିକାରାତ୍ମକ ପଦକ୍ଷେପ ବିଷୟରେ ବହୁ ସଂଖ୍ୟକ ପ୍ରାର୍ଥୀଙ୍କଠାରୁ ମତାମତ ଏବଂ ପରାମର୍ଶ ମିଳିଛି ବୋଲି ଓଏସ୍‌ଏସସି ଏକ ବିଜ୍ଞପ୍ତିରେ କହିଛି ।

## କେନ୍ଦୁଝର ପାଇଁ ୧୧୫୫ କୋଟିର ୩୪୦ ନୂତନ ପ୍ରକଳ୍ପ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୫।୫(ମହାଭାରତ): ବିପ୍ଳବୀ ଧରଣୀଧର ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଆଜି ତାଙ୍କ ଜନ୍ମଭୂମି କେନ୍ଦୁଝର ଜିଲ୍ଲାର କୁସୁମିତା ଠାରେ ମହାସମାରୋହରେ ପାଳିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦାନ କରି ୫୦ କୋଟି ଟଙ୍କା ବ୍ୟୟ ବରାଦରେ କୁସୁମୀତା ଠାରେ ସ୍ମୃତି ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ଜିଲ୍ଲାରେ ପ୍ରାୟ ୧୧୫୫ କୋଟି ଟଙ୍କା ବ୍ୟୟବରାଦର ସମୁଦାୟ ୩୪୦ ଗୋଟି ନୂତନ ପ୍ରକଳ୍ପର ଘୋଷଣା, ଶୁଭ ଉଦାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ବିପ୍ଳବ ସହିତ ଆଧ୍ୟାତ୍ମିକତାର ପ୍ରତୀକ ଥିଲେ ଧରଣୀଧର । ମହାନ ବିପ୍ଳବୀ ଧରଣୀଧର ଓଡ଼ିଶାରେ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନରେ ନେତୃତ୍ୱ ଦେଇଥିବା ଏକ ଦୃଢ ସଂଘର୍ଷୀ ନାୟକ । ତାଙ୍କ ଦୃଢ ସଂକଳ୍ପ, ଦେଶପ୍ରେମ ଓ ତ୍ୟାଗ ଆଜି ଯୁବପିଢି ପାଇଁ ପ୍ରେରଣା ସ୍ରୋତ । ରାଜ୍ୟ ସରକାର ତାଙ୍କ ସ୍ମୃତିକୁ ଅମର କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି । ପୂଜ୍ୟପୂଜା ପରମ୍ପରାକୁ ଗୁରୁତ୍ୱ ଦେଇ ଆଜି ଆମ ସରକାର ସାରା ଓଡିଶାରେ ମହାପୁରୁଷ ମାନଙ୍କ ଜୟନ୍ତୀ ସେମାନଙ୍କ ଜନ୍ମ ମାଟିରେ ପାଳନ କରୁଛି । ଏହାହିଁ ଆମ ଅସ୍ମିତାର ପରିଚୟ ।



ଧରଣୀଧରଙ୍କ ଜୀବନୀ ହିଁ ଆମକୁ ଅଖଣ୍ଡତା ଓ ବିକାଶର ଦିଗରେ କାର୍ଯ୍ୟ କରିବାକୁ ଶିକ୍ଷା ପ୍ରଦାନ କରେ । ଜୀବନର ପ୍ରଥମ ଭାଗ ସେ ବିଦ୍ରୋହ କରି ସ୍ୱାଧୀନତାର ଅଗ୍ନି ଜଳାଇଥିଲେ ଓ ଶେଷ ଭାଗକୁ ସେ ଆଧ୍ୟାତ୍ମିକ ମାର୍ଗରେ ଯାଇ ଦେଶର ସ୍ୱାଧୀନତା ପାଇଁ ଇଶ୍ୱରଙ୍କ ଆଶୀର୍ବାଦ ଲାଭ କରିଥିଲେ । ଆଜି ଧରଣୀଧର ନାହାନ୍ତି, ତାଙ୍କ ସ୍ମୃତି ଅଛି । ବିପ୍ଳବ କରିବାର ଯେଉଁ ଚେତନା ସେ ସୃଷ୍ଟି କରିଥିଲେ, ସେ ଚେତନା ଅଛି । ଆଜି ସ୍ୱାଧୀନତା ପାଇଁ ଲଢିବାର ନାହିଁ । ଆଜିର ସମୟ ହେଉଛି ବିକାଶ ପାଇଁ ଲଢିବାର ସମୟ । ଦୀର୍ଘ ଦିନ ଧରି କେନ୍ଦୁଝରକୁ ଯେଉଁ ଅବହେଳା ହୋଇଥିଲା, ତାକୁ ଦୂର କରିବାର ସମୟ ଆଜି ଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଲଢେଇ କରି ବଞ୍ଚିବା ପାଇଁ ଏ ମାଟିର ବରପୁତ୍ର ଧରଣୀଧର ଆହ୍ୱାନ ଦେଇଥିଲେ ଏବଂ ସେହି ଆହ୍ୱାନକୁ କାମରେ ଲଗାଇ ଆଜି ମୁଁ ମୋ ରାଜ୍ୟର ସେବା କରିବାର ସୁଯୋଗ ପାଇଛି । ଏ ମାଟିର ଶକ୍ତି ଆମକୁ ଆହୁରି ସଶକ୍ତ କରିଛି ଏବଂ ଏକ ସମୃଦ୍ଧ ଓଡିଶା ଗଠନ କରିବା ପାଇଁ ଏହି ଶକ୍ତି ଆମକୁ ପ୍ରେରଣା ଦେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଧରଣୀଧରଙ୍କ ସ୍ମୃତିରେ ଭୁବନେଶ୍ୱରରେ ଏକ ଅତିଥି ଭବନ ପ୍ରତିଷ୍ଠା କରାଯିବ । ଯେଉଁ ସ୍ମୃତି ପୀଠ ପାଇଁ ଭିତ୍ତିପ୍ରସ୍ତର ରଖା ଯାଇଛି ସେଥିରେ ଧରଣୀଧରଙ୍କ ପୈତୃକ ବାସ ଗୃହର ସଂରକ୍ଷଣ କରାଯିବ ଏବଂ ତାଙ୍କ ବ୍ୟବହୃତ ସାମଗ୍ରୀ ଗୁଡିକୁ ସୁରକ୍ଷିତ କରି ରଖାଯିବ । ଧରଣୀଧରଙ୍କ ଘର ପାଖରେ ଦୁଇ ଏକର ଜମିରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବା ସହିତ ଏକ ବ୍ୟାଖ୍ୟାନ କେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ । ଏହାକୁ ଏକ ପର୍ଯ୍ୟଟନ ଭାବେ ବିକଶିତ କରିବା ପାଇଁ ପାର୍କ ଓ ଅନ୍ୟାନ୍ୟ ସୁବିଧାର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦୁଝରରେ ଖୁବଶୀଘ୍ର ଜେଏସଡବ୍ଲୁ ଦ୍ୱାରା ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି । ଷ୍ଟିଲପ୍ଲାଣ୍ଟ ପାଇଁ ପ୍ରଥମ ପର୍ଯ୍ୟାୟରେ ୩୫ ହଜାର କୋଟି ଟଙ୍କା ବିନିଯୋଗ ହେବ । ଏଥି ସହିତ କେନ୍ଦୁଝରରେ ସମୁଦାୟ ୧,୨୯,୮୦୦ କୋଟି ଟଙ୍କା ପୁଞ୍ଜିନିବେଶରେ ୩୦ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ । ଯାହାଦ୍ୱାରା ୩୦ରୁ ୩୫ ହଜାର ଯୁବକ ଯୁବତୀ ରୋଜଗାର ପାଇବେ । ଶିଳ୍ପ ପ୍ରତିଷ୍ଠାନ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜଳସେଚନ ପ୍ରକଳ୍ପ ଗୁଡିକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ ଯାହା ଦ୍ୱାରା କେନ୍ଦୁଝର ଜିଲା ଅର୍ଥନୈତିକ ଦୃଷ୍ଟିକୋଣରୁ ମଧ୍ୟ ଆଗକୁ ଯିବ । କାର୍ଯ୍ୟକ୍ରମରେ ଯୋଗଦେଇ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିପ୍ଳବୀ ଧରଣୀଧରଙ୍କୁ ସ୍ୱାଭିମାନର ପ୍ରତୀକ ବୋଲି କହିବା ସହିତ ତାଙ୍କ ଜୀବନୀରୁ ପ୍ରତ୍ୟେକ ବର୍ଗ ଅନୁପ୍ରାଣିତ ହେବା ପାଇଁ କହିଥିଲେ ।

କାର୍ଯ୍ୟକ୍ରମରେ ବିପ୍ଳବୀ ଧରଣୀଧର ନାଏକଙ୍କ ବଂଶଧର କଳାକର ନାଏକ ଯୋଗଦେଇଥିବା ବେଳେ ଭୂୟାଁ ସାଂସ୍କୃତିକ ସଂଗଠନର ସମ୍ପାଦକ ଶ୍ୟାମ ସୁନ୍ଦର ନାଏକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ କେନ୍ଦୁଝର ଜିଲାପାଳ ବିଶାଳ ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଭୂୟାଁ ସାଂସ୍କୃତିକ ସଂଗଠନର ଉପଦେଷ୍ଟା ମମିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେସନ ଲଡୁ



***ସାମଗ୍ରୀ:***

ବେସନ-୨୦୦ ଗ୍ରାମ୍, ଚିନି-୧୮୦ ଗ୍ରାମ୍ ଓ ଘିଅ-୧୫୦ ଗ୍ରାମ୍ ।

***ପ୍ରଣାଳୀ:***

ପ୍ୟାନ୍‌ରେ ଘିଅ ଗରମ କରି ଆଞ୍ଚ କମାନ୍ତୁ । ବେସନକୁ ପକାଇ ଭଲ କରି ଏପରି ଭାଜନ୍ତୁ, ଯେପରି ବିଣ୍ଡା ଭଳି ହେବ ନାହିଁ । ଏଥର କମ୍ ଆଞ୍ଚରେ ବେସନକୁ ସୁନେଲି ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଏଥିରେ ଚିନି ପକାଇ ଗୋଳାନ୍ତୁ ଓ ଗ୍ୟାସ୍ ବନ୍ଦ କରନ୍ତୁ । ଭଲ ଭାବେ ଗୋଳାନ୍ତୁ, ଯେପରି ଗରମରେ ଚିନି ଟିକେ ତରଳି ମିଶିଯିବ । ଏଥର ଘିଅ ହାତ ହୋଇ ଗରମ ବେସନ ଚିନି ମିଶ୍ରଣରୁ ଅଳ୍ପ ଅଳ୍ପ ନେଇ ଲଡୁ ଭଳି ଗୋଲ ଗୋଲ କରନ୍ତୁ । ଭଲ ଭାବେ ବାନ୍ଧି ହୋଇଗଲେ ସୁରକ୍ଷିତ ପାତ୍ରରେ ରଖନ୍ତୁ । ଏହା ଖୁବ୍ ନରମ । ତେଣୁ ଟିକେ ଅଧିକ ଚାପ ଦେଲେ ଭାଙ୍ଗିଯାଇପାରେ । ତେଣୁ ସାବଧାନ ସହକାରେ ରଖିବେ । ବେସନ ଲଡୁକୁ ଏକ ସପ୍ତାହ ପର୍ଯ୍ୟନ୍ତ ରଖି ଖାଇହେବ ।

ଖବର

# 'ଅବୀର ଗୁଲାଲ୍' ରିଲିଜ୍ ହେବା ଉଚିତ: ପ୍ରକାଶ ରାଜ୍





ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରିର ଅଭିନେତା ପ୍ରକାଶ ରାଜ୍ ତାଙ୍କର ବୟାନ ପାଇଁ ଅନେକ ସମୟରେ ଚର୍ଚ୍ଚାରେ ରହିଥାନ୍ତି । ତାଙ୍କର ଟ୍ୱିଟ ଏବଂ ଭିଡିଓ ବିବାଦରେ ରହିବା ସହ ସୋସିଆଲ ମିଡିଆରେ ଖୁବ ଭାଇରାଲ ହୋଇଥାଏ । ଏବେ ଅଭିନେତାଙ୍କର ଆଉ ଏକ ବୟାନ ଆସିଛି ଯାହା ସବୁଠି ଚର୍ଚ୍ଚାରେ ରହିଛି । ପ୍ରକାଶ ରାଜ୍ ଭାରତରେ ସେନ୍ସରସିପ୍ ଏବଂ ପାକିସ୍ତାନୀ ଅଭିନେତା ଫୱାଦ ଖାନଙ୍କ ବ୍ୟାନ୍ ହୋଇସାରିଥିବା ଚଳଚ୍ଚିତ୍ର 'ଅବୀର ଗୁଲାଲ' ଉପରେ ନିଜର ମତ ପ୍ରକାଶ କରିଛନ୍ତି । ପ୍ରକାଶ ରାଜ୍ ଲଲନ□ପ୍ଟୁ ସାକ୍ଷାତକାର ଦେଇ କହିଛନ୍ତି ଯେ, ମୁଁ କୌଣସି ଫିଲ୍ମକୁ ବ୍ୟାନ୍ କରିବା କରିବା ସପକ୍ଷରେ ନୁହେଁ । ଯେ କୌଣସି ପ୍ରକାରର ଚଳଚ୍ଚିତ୍ର ହେଲେ ବି ଆପଣ ଏହାର ମୁକ୍ତିଲାଭକୁ କରିପାରିବେ ନାହିଁ । ଫିଲ୍ମ ରିଲିଜ୍ କର ଏବଂ ଦର୍ଶକଙ୍କୁ ନିଷ୍ପତ୍ତି ନେବାକୁ ଦିଅ । ଯଦି ଫିଲ୍ମରେ ପର୍ଣ୍ଣୋଗ୍ରାଫି କିମ୍ବା ଶିଶୁ ନିର୍ଯାତନା ଭଳି ଦୃଶ୍ୟ ରହିଛି, ତେବେ ଆପଣ ସେହି ଫିଲ୍ମକୁ ବ୍ୟାନ୍ କରିପାରିବେ, ଅନ୍ୟଥା ନୁହେଁ । ଆଜିର ସମୟରେ, ଅନେକ ବ୍ୟକ୍ତି ଛୋଟ ଛୋଟ ଜିନିଷକୁ ନେଇ ବିବାଦ ଆରମ୍ଭ କରୁଛନ୍ତି । ଦୀପିକା ପାଦୁକୋଣଙ୍କ ଫିଲ୍ମର ଏକ ଗୀତ(ବେସରମ୍ ରଙ୍ଗ୍)ରେ, ଲୋକମାନେ କେବଳ ତାଙ୍କ ପୋଷାକର ରଙ୍ଗ ପାଇଁ ରାଗି ଯାଇଥିଲେ । କିଛି ଦୀପିକା ପାଦୁକୋଣଙ୍କ ନାକ କାଟିଦେବି କହିଥିଲେ ତ କିଛି ଲୋକ ତାଙ୍କ ତାଙ୍କ ମୁଣ୍ଡ କାଟିଦେବି ବୋଲି କହିଥିଲେ । ସରକାର ସେମାନଙ୍କୁ ଏହା କରିବାରେ ସମର୍ଥନ କରୁଛନ୍ତି ବୋଲି ସେମାନେ ଏଭଳି ଧମକ ଦେଉଛନ୍ତି ।

# ପାଦ ଦରଜ ପଛର ୩ ଟି କାରଣ



ଶରୀରରେ ପୋଷକ ତତ୍ତ୍ୱର ଅଭାବ ହେତୁ ଲୋକଙ୍କ ଠାରେ ଅନେକ ସମସ୍ୟା ଦେଖା ଦେଇଥାଏ । ଏହା ପଛରେ ଥିବା ଅନେକ କାରଣ ଗୁଡିକ ଭିତରେ ଖାଦ୍ୟ ପେୟରେ ଅନିୟମିତତା, ଷ୍ଟ୍ରେସ, ବ୍ୟସ୍ତବହୁଳ ଲାଇଫ ଷ୍ଟାଇଲ ଆଦି ପ୍ରମୁଖ । ଏମିତିରେ ଏହି ଛୋଟ ଛୋଟ ଲକ୍ଷଣ ଗୁଡିକ ଆଗକୁ ଏକ ମାରାତ୍ମକ ସମସ୍ୟାରେ ପରିବର୍ତ୍ତନ ହୋଇପାରେ । ଏହି ସମସ୍ୟା ଗୁଡିକୁ ମଧ୍ୟରୁ ଗୋଟିଏ ହେଉଛି ଶୋଇବା ସମୟରେ ପାଦର ସିରା ପ୍ରଶିରା ଗୁଡିକ ଫୁଲିଯିବା । ଶୋଇବା ସମୟରେ ଯଦି କାନ୍ଧ, ହାତଗୋଡ ଆଦିର ସିରା ଫୁଲିଯାଏ ତେବେ ପରଦିନ ସକାଳେ ପୂରା ଦିନ ଦେହ ଖରାପ ଲାଗିଥାଏ । ଏମିତିକି ଶରୀରରେ ଜୋରରେ ଦରଜ ହେବା ଆରମ୍ଭ ହୋଇଯାଏ । ଦିନ ତମାମ କୌଣସି କାମରେ ମନ ଲାଗେ ନାହିଁ । ତେବେ ଆସନ୍ତୁ ଜାଣିବା କେଉଁ କାରଣ ଯୋଗୁଁ ଏପରି ସମସ୍ୟା ଦେଖାଦିଏ....

ଶରୀରରେ ଭିଟାମିନ-'ସି' ର ଅଭାବ କାରଣରୁ ଅନେକ ସମସ୍ୟା ଦେଖାଦିଏ । ଏହି ଭିଟାମିନ ଅଭାବରୁ ସର୍ଦ୍ଦି, କାଶ ଅନେକ ପ୍ରକାର ସଂକ୍ରମଣ ମଧ୍ୟ ହୋଇଥାଏ । ଅନ୍ୟ ପକ୍ଷରେ ଭିଟାମିନ-'ସି'କୁ ତ୍ୱଚା ଓ ବାଳର ପ୍ରମୁଖ ଉତ୍ସ ଭାବେ ଧରାଯାଏ । ସ୍କିନ ଓ ଚୁଟିରେ ବି ଏକ ପ୍ରକାର ଚମକ ଆସିଥାଏ । ରକ୍ତ କୋଷିକା ଗୁଡିକୁ ମଜବୁତ କରିବାରେ ଏହା ପ୍ରମୁଖ ଭୂମିକା ନେଇଥାଏ ।

ଏହି ସମସ୍ୟାରୁ ରକ୍ଷା ପାଇଁ ଭିଟାମିନ ସି ଯୁକ୍ତ ଖାଦ୍ୟ ଯେମିତିକି କମଳା, ମୌସମି, ଅଙ୍ଗୁର, ଲେମ୍ବୁ ଆଦି ଫଳର ସେବନ ବି କରିପାରିବେ ।

ହାତ ପାଦରେ ଦରଜ ହେବା କାରଣ ଶରୀରରେ ହିମୋଗ୍ଲୋବିନ ଅଭାବ ବି ହୋଇପାରେ । ଏହାର ଅଭାବରୁ ଶରୀରରେ ବ୍ଲଡ ସରକ୍ୟୁଲେସନ ବି ଠିକ୍ ଭାବେ ହୋଇପାରେ ନାହିଁ । ତେଣୁ ହିମୋଗ୍ଲୋବିନ ଭରପୁର ଖାଦ୍ୟ ଏହି ସମୟରେ ଖାଆନ୍ତୁ ।

# ହନୁମାନଙ୍କୁ ମାତା ସୀତାଙ୍କ ବରଦାନ

ମାତା ସୀତାଙ୍କୁ ଖୋଜିବା ପାଇଁ ଲଙ୍କାରେ ପହଞ୍ଚିବା ପରେ ହନୁମାନ ପ୍ରଥମେ ଲଙ୍କିନୀ ନାମ୍ନୀ ରାକ୍ଷସୀକୁ ଭେଟିଲେ । ହନୁମାନ ତା'କୁ ପରାଜିତ କରିଦେଲେ । ଏହାପରେ ସେ ମାତା ସୀତାଙ୍କୁ ଖୋଜିବାକୁ ଲାଗିଲେ । ହନୁମାନ ଏହି ସମୟରେ ରାବଣର କନିଷ୍ଠ ଭ୍ରାତା ବିଭୀଷଣଙ୍କୁ ଭେଟିଲେ । ସେ ମଧ୍ୟ ରାମ ଭକ୍ତ ଥିଲେ । ସେ ହନୁମାନଙ୍କୁ ମାତା ସୀତାଙ୍କ ଠିକଣା କହିଦେଲେ । ହନୁମାନ ଯାଇ ଅଶୋକ ବାଟିକାର ସେହି ବୃକ୍ଷରେ ବସିଗଲେ, ଯେଉଁ ବୃକ୍ଷ ମୂଳେ ମାତା ସୀତା ବସିଥିଲେ । ମାତା ସୀତା ଶୋକ କରୁଥିବା ହନୁମାନ ଦେଖିଲେ । ସେ ତଳକୁ ଆସିଲେ ଏବଂ ଶ୍ରୀରାମଙ୍କ ଆଙ୍ଗୁଠି ମାତା ସୀତାଙ୍କୁ ଦେଲେ । ପ୍ରଭୁଙ୍କ ଆଙ୍ଗୁଠି ଦେଖି ମାତା ଆଶ୍ଚର୍ଯ୍ୟ ହୁଅନ୍ତେ, ହନୁମାନ ତାଙ୍କୁ ନିଜର ପରିଚୟ ଦେଲେ । ହନୁମାନ କହିଲେ ଯେ ମାତା ଖୁବ୍‌ଶୀଘ୍ର ଶ୍ରୀରାମ ଆପଣଙ୍କୁ ନେବା ପାଇଁ ଆସିବେ । ହନୁମାନଙ୍କ ପ୍ରିୟ ବଚନ ଶୁଣି ମାତା ସୀତା ତାଙ୍କୁ ନିଜ ପୁତ୍ର ରୂପରେ ସ୍ୱୀକାର କଲେ ଏବଂ ତାଙ୍କୁ ଅମରତ୍ୱର ବରଦାନ ପ୍ରଦାନ କରିଥିଲେ । ପୂର୍ବରୁ ଦେବଗଣଙ୍କ ଠାରୁ ଅମର ବର ପାଇଥିବା ହନୁମାନ ଜଗଜ୍ଜନନୀଙ୍କ ଠାରୁ ପୁଣି ଥରେ ସେହି ବର ପାଇ ଧନ୍ୟ ହେଲେ ।



# ବ୍ରହ୍ମାଙ୍କ ବଂଶ

ହିନ୍ଦୁ ଧର୍ମର ପ୍ରମୁଖ ଦେବତାଙ୍କ ମଧ୍ୟରେ ବ୍ରହ୍ମା ପରିଗଣିତ ହୋଇଥା'ନ୍ତି । ସେ ହିନ୍ଦୁମାନଙ୍କ ତିନି ପ୍ରମୁଖ ଦେବତା ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ମଧ୍ୟରୁ ଅନ୍ୟତମ । ଭଗବାନ ବିଷ୍ଣୁଙ୍କ ନାଭିରୁ ଯାଇଥିବା ପଦ୍ମରୁ ବ୍ରହ୍ମାଙ୍କ ଉତ୍ପତି ହୋଇଥିଲା । ବ୍ରହ୍ମାଙ୍କୁ ସୃଷ୍ଟିର ରଚୟିତା ବୋଲି କୁହାଯାଇଛି । ସେ ଜୀବଜନ୍ତୁଙ୍କ ସୃଷ୍ଟି କରିଥିଲେ । ପ୍ରମୁଖ ଦେବତା ହୋଇଥିଲେ ମଧ୍ୟ ତାଙ୍କ ପୂଜା ଖୁବ କମ ହୋଇଥାଏ । ଏହାର ଭିନ୍ନ ଭିନ୍ନ କାରଣ ରହିଛି । ପ୍ରଥମତଃ ସେ ସରସ୍ୱତୀଙ୍କ ଠାରୁ ଅଭିଶାପ ପାଇଥିଲେ, ଦ୍ୱିତୀୟରେ ଭଗବାନ ଶିବଙ୍କୁ ଅସତ୍ୟ କହିଥିବା କାରଣରୁ ବ୍ରହ୍ମାଙ୍କ ପୂଜା ବର୍ଜିତ ହୋଇଥିବା ମଧ୍ୟ ପୁରାଣରେ ଉଲ୍ଲେଖ ରହିଛି । ବ୍ରହ୍ମାଙ୍କର ଏକମାତ୍ର ତଥା ପ୍ରମୁଖ ମନ୍ଦିର ରାଜସ୍ଥାନର ପୁଷ୍କର ନାମକ ସ୍ଥାନରେ ରହିଛି । ଅନେକ ଲୋକ ବ୍ରହ୍ମାଙ୍କୁ 'ବ୍ରହ୍ମ' ବୋଲି ଭୁଲବଶତଃ କହିଥା'ନ୍ତି । ବାସ୍ତବରେ 'ବ୍ରହ୍ମ' ଶବ୍ଦର ଅର୍ଥ ହେଉଛି 'ଈଶ୍ୱର' । ପୁରାଣରେ ବ୍ରହ୍ମାଙ୍କ ମାନସ ପୁତ୍ରଙ୍କ ବିଷୟରେ ଉଲ୍ଲେଖ



ରହିଛି । ବ୍ରହ୍ମାଙ୍କ ମନରୁ ମରିଚି, ନେତ୍ରରୁ ଅତ୍ରି, ମୁଖରୁ ଅଙ୍ଗିରସ, କାନରୁ ପୁଲସ୍ତ୍ୟ, ନାଭିରୁ ପୁଲହ, ହାତରୁ କ୍ରତୁ, ଚର୍ମରୁ ଭୃଗୁ, ପ୍ରାଣରୁ ବଶିଷ୍ଠ, ଆଙ୍ଗୁଠିର ଦକ୍ଷ, ଛାଇରୁ କନ୍ଦର୍ଭ, କୋଳରୁ ନାରଦ, ଇଚ୍ଛାରୁ ସନକ, ସନନ୍ଦନ, ସନାତନ, ସନତକୁମାର ଏବଂ ଶରୀରରୁ ସ୍ୱୟମ୍ଭୁ ମନୁ, ଧ୍ୟାନରୁ ଚିତ୍ରଗୁପ୍ତ ଆଦି ପ୍ରକଟ ହୋଇଥିଲେ । ପୁରାଣରେ ବ୍ରହ୍ମା-ପୁତ୍ରମାନଙ୍କୁ "ବ୍ରହ୍ମ ଆତ୍ମା ବୈ ଜାୟତେ ପୁତ୍ର" ବୋଲି କୁହାଯାଇଛି । ବ୍ରହ୍ମା ସର୍ବପ୍ରଥମେ ଯେଉଁ ଚାରି ଜଣ ପୁତ୍ର-ସନକ, ସନନ୍ଦନ, ସନାତନ ଏବଂ ସନତକୁମାରଙ୍କୁ ସୃଷ୍ଟି କରିଥିଲେ, ସେମାନଙ୍କର ସୃଷ୍ଟି ରଚନା କାର୍ଯ୍ୟରେ କୌଣସି ରୁଚି ନଥିଲା । ସେମାନେ ବ୍ରହ୍ମଚର୍ଯ୍ୟ ପାଳନ କରି ବ୍ରହ୍ମତତ୍ତ୍ୱରେ ମଗ୍ନ ହୋଇଗଲେ । ଏପରି ବୀତରାଗ ପୁତ୍ରମାନଙ୍କର ନିରପେକ୍ଷ ବ୍ୟବହାର ଦେଖି ବ୍ରହ୍ମାଙ୍କୁ ଅତ୍ୟନ୍ତ କ୍ରୋଧ ଉତ୍ପନ୍ନ ହେଲା । ବ୍ରହ୍ମାଙ୍କ ସେହି କ୍ରୋଧରୁ ଏକ ପ୍ରଚଣ୍ଡ ଜ୍ୟୋତି ଜନ୍ମ ନେଲା । ସେହି ସମୟରେ କ୍ରୋଧରେ ଜଳୁଥିବା ବ୍ରହ୍ମାଙ୍କ ମସ୍ତକରୁ ଅର୍ଦ୍ଧନାରୀଶ୍ୱର ରୁଦ୍ର ଉତ୍ପନ୍ନ ହେଲେ । ବ୍ରହ୍ମା ସେହି ଅର୍ଦ୍ଧନାରୀଶ୍ୱର ରୁଦ୍ରଙ୍କୁ ସ୍ତ୍ରୀ ଏବଂ ପୁରୁଷ ଦୁଇ ଭାଗରେ ବିଭକ୍ତ କଲେ । ପୁରୁଷଙ୍କ ନାମ 'କା' ଏବଂ ସ୍ତ୍ରୀଙ୍କ ନାମ 'ୟା' ରଖାଗଲା । ପ୍ରଜାପତ୍ୟ କଳ୍ପରେ ବ୍ରହ୍ମା ଏହି ପୁରୁଷ ଏବଂ ସ୍ତ୍ରୀଙ୍କୁ ସ୍ୱୟମ୍ଭୁ ମନୁ ଏବଂ ସ୍ତ୍ରୀଙ୍କୁ ଶତରୂପା ରୂପରେ ପ୍ରକଟ କଲେ । ଏହି ଦୁହିଁଙ୍କ ଠାରୁ ପ୍ରିୟବ୍ରତ, ଉତ୍ତାନପାଦ, ପ୍ରସୂତି ଏବଂ ଆକୂତି ନାମରେ ସନ୍ତାନ ଜନ୍ମ ନେଲେ । ଏହାପରେ କନ୍ୟା ଆକୂତିଙ୍କ ବିବାହ ରୁଚିଙ୍କ ସହିତ ଏବଂ ପ୍ରସୂତିଙ୍କ ବିବାହ ଦକ୍ଷଙ୍କ ସହିତ ହୋଇଗଲା । ଦକ୍ଷ-ପ୍ରସୂତିଙ୍କ ଠାରୁ ୨୪ କନ୍ୟା ଜନ୍ମ ନେଲେ । ସେମାନଙ୍କ ମଧ୍ୟରୁ ଶ୍ରଦ୍ଧା, ଲକ୍ଷ୍ମୀ, ପୁଷ୍ଟି, ଧୃତି, ତୃଷ୍ଟି, ମେଧା, କ୍ରିୟା, ବୁଦ୍ଧି, ଲଜ୍ଜା, ବପୁ, ଶାନ୍ତି, ଋଦ୍ଧି ଏବଂ କିର୍ତ୍ତୀ ଆଦି ୧୩ ଜଣ କନ୍ୟାଙ୍କ ବିବାହ ଧର୍ମଙ୍କ ସହିତ ହୋଇଥିଲା ଏବଂ ଏହାପରେ ଭୃଗୁଙ୍କ ସହିତ ଖ୍ୟାତି, ଶିବଙ୍କ ସହିତ ସତୀ, ମରିଚିଙ୍କ ସହିତ ସମ୍ଭୂତି, ଅଙ୍ଗିରଙ୍କ ସହିତ ସ୍ମୃତି, ପୁଲସ୍ତ୍ୟଙ୍କ ସହିତ ପ୍ରିତି, ପୁଲହଙ୍କ ସହିତ କ୍ଷମା, କୃତିଙ୍କ ସହିତ ସନ୍ତତିଙ୍କର, ଅତ୍ରିଙ୍କ ସହିତ ଅନସୂୟା, ବଶିଷ୍ଠଙ୍କ ସହିତ ଉର୍ଜା, ବ୍ରହ୍ମଙ୍କ ସହିତ ସ୍ୱାହା ତଥା ପିତରଙ୍କ ସହିତ ସ୍ୱଧାଙ୍କର ବିବାହ ହେଲା । ପରବର୍ତ୍ତୀ କାଳରେ ଏମାନଙ୍କ ଠାରୁ ହିଁ ସୃଷ୍ଟି ବିକଶିତ ହୋଇଥିଲା ।

# ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ପଡ଼ିବା ପୂର୍ବରୁ ମିଳେ ଏହିସବୁ ଶୁଭ ସଙ୍କେତ

ଆମ ବାସ୍ତୁ ଶାସ୍ତ୍ରରେ ଶୁଭ ଓ ଅଶୁଭ ସଙ୍କେତ ସମ୍ପର୍କରେ ବିସ୍ତାର ଭାବେ କୁହାଯାଇଛି । ଜୀବନରେ ଘଟିବାକୁ ଥିବା ବିଭିନ୍ନ ଘଟଣା ପୂର୍ବରୁ ଏ ନେଇ କିଛି ସଙ୍କେତ ସଂପୃକ୍ତ ବ୍ୟକ୍ତିଙ୍କୁ ମିଳିଥାଏ । ଏହି ଅନୁସାରେ, ଧନର ଦେବୀ ମା' ଲକ୍ଷ୍ମୀ ଆପଣଙ୍କ ପ୍ରତି କୃପା କରିବା ପୂର୍ବରୁ କିଛି ସଙ୍କେତ ବି ଦେଇଥା'ନ୍ତି । ଆଜି ଆମେ ଆପଣଙ୍କୁ ଏଭଳି କିଛି ଶୁଭ ସଙ୍କେତ ସମ୍ପର୍କରେ ଜଣାଇବୁ, ଯାହା ଆପଣ ଦେଖିଲେ ଖୁବ୍ ଶୀଘ୍ର ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ନିଶ୍ଚୟ ପଡ଼ିବ ବୋଲି ଜାଣିବେ ।



ଘରେ ସାଧାରଣତଃ ନାଲି ରଙ୍ଗର ପିମ୍ପୁଡି ଦେଖିବାକୁ ପାଇଥାନ୍ତି । ଯଦି ଘରେ ହଠାତ୍ କଳା ପିମ୍ପୁଡି ଦେଖାଗଲେ । ଶୁଭ ମନାଯାଇଥାଏ । ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ପଡ଼ିବା ପୂର୍ବର ଏହି ସଂକେତ ଦେଖାଯାଇଥାଏ । ଆମେ ସମସ୍ତେ ଶୋଇଲା ବେଳେ ସ୍ୱପ୍ନ ଦେଖିଥାନ୍ତି । ଯଦି ସ୍ୱପ୍ନରେ ଆମେ ଶଙ୍ଖ, ଗୋଲାପ ଫୁଲ ଓ ହାତୀକୁ ସ୍ୱପ୍ନରେ ଦେଖିଥାନ୍ତି, ତାହାହେଲେ ତେବେ ବୁଝିଯାଆନ୍ତୁ ଯେ ଆର୍ଥିକ ସମସ୍ୟା ଦୂର ହେବାର ସ୍ପଷ୍ଟ ସଙ୍କେତ ଦେଇଥାଏ ।

ଯଦି ଘରେ ଏକା ସାଙ୍ଗରେ ତିନୋଟି ଛିଟିପିଟି ଦେଖାଯାଏ, ତାହା ହେଲେ ଆପଣଙ୍କ ଘରକୁ ମା' ଲକ୍ଷ୍ମୀଙ୍କ ଆଗମନର ସଙ୍କେତ ଦେଇଥାଏ । ପେଚା ହେଉଛି ମା' ଲକ୍ଷ୍ମୀଙ୍କ ବାହନ । ଏହା ଏତେ ସହଜରେ କାହାରିକୁ ଦେଖାଯାଏ ନାହିଁ । ପେଚାମାନେ ସାଧାରଣତଃ ରାତିର ଅନ୍ଧାରରେ ବାହାରି ଥା'ନ୍ତି । ତେଣୁ ଯଦି ସୌଭାଗ୍ୟବଶତଃ ଆପଣଙ୍କୁ କେଉଁଠି ଧଳା ପେଚା ଦୃଶ୍ୟମାନ ହେଉଛି, ତେବେ ମା' ଲକ୍ଷ୍ମୀ ଆପଣଙ୍କ ଉପରେ

# ନଗର ଉନ୍ନୟନ ବିଭାଗର କ୍ୟାମ୍ପ କୋର୍ଟ

ଭୁବନେଶ୍ୱର, ୫।୫ (ମହାଭାରତ): ନାଗରିକ-କୈନ୍ଦ୍ରିକ ଶାସନ ଏବଂ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଆଜି ଭୁବନେଶ୍ୱରର ଉନ୍ନତି ଭବନରେ ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ନାଗରିକ କେନ୍ଦ୍ରିକ ଆଭିମୁଖ୍ୟ ସୁନିଶ୍ଚିତ କରିବା ଏବଂ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୨ ଅନୁଯାୟୀ ଦାୟର ଆପିଲ୍ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର



ମ୍ୟୁନିସିପାଲ୍ କର୍ପୋରେସନ୍ ସହ ଜଡିତ ଆପିଲ୍ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଆପିଲ୍ କର୍ତ୍ତୃପକ୍ଷ ପ୍ରମୁଖ ସଚିବ ଆଜିର ଶୁଣାଣିରେ ଅଧକ୍ଷତା କରିଥିଲେ। ୮୦୦ ରୁ ଅଧିକ ବିଚାରାଧୀନ ଆପିଲ୍ ମାମଲା ମଧ୍ୟରୁ, ଦିନବ୍ୟାପୀ ଅଧିବେଶନରେ ମୋଟ ୨୦୦ ମାମଲା ଗ୍ରହଣ ଏବଂ ନିଷ୍କାସନ କରାଯାଇଥିଲା। ଏହି ଆବେଦନଗୁଡ଼ିକ ଓଡିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ନାଗରିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡିତ। ସମ୍ପ୍ରତି, ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ, ଆଇନ ଅନୁଯାୟୀ ଅପିଲ୍ ମାମଲା ପରିଚାଳନା ପାଇଁ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ - ପୌର ପ୍ରଶାସନ ନିର୍ଦ୍ଦେଶକ, ସ୍ୱତନ୍ତ୍ର ସଚିବ ଏବଂ ଅତିରିକ୍ତ ସଚିବଙ୍କ ସମେତ - ସରକାରୀ ନିର୍ଦ୍ଦେଶ ପ୍ରାପ୍ତ ହୋଇଛି। ଏହି ବିକେନ୍ଦ୍ରୀକରଣ ପଦ୍ଧତି ଦକ୍ଷତା ବୃଦ୍ଧି ଏବଂ ବିଚାରାଧୀନତା ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

କ୍ୟାମ୍ପ କୋର୍ଟ ବ୍ୟବସ୍ଥା ଜନସାଧାରଣଙ୍କ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଭବିଷ୍ୟତ ପର୍ଯ୍ୟାୟରେ ଜାରି ରହିବ।

# ଚାକିରୀ ଦେବା ନାଁରେ ୮୦ ଲକ୍ଷ ଠକେଇ

ଭୁବନେଶ୍ୱର, ୫।୫ (ମହାଭାରତ): ଅନଲାଇନରେ ଚାକିରି ଓ ନିବେଶ ଆଳରେ ସାଇବର୍ ଠକ ୩ଜଣଙ୍କୁ ୮୦ ଲକ୍ଷ ଟଙ୍କାର ଚୂନ ମାରିଛନ୍ତି। ଏ ସଂପର୍କରେ ଆଜି ସାଇବର୍ ଥାନାରେ ଅଭିଯୋଗ ହୋଇଛି। ଠକାମିର ଶିକାର ହୋଇଥିବା କେନ୍ଦ୍ରାପଡ଼ାର ବିଜୁ ବେହେରା, ସାଲିଆସାହିର ରାଜେଶ ବେହେରା ଏବଂ ବିନୋଦ ସେଠିଙ୍କ ଅଭିଯୋଗ ଆଧାରରେ ପୁଲିସ୍ ପୃଥକ୍ ପୃଥକ୍ ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନାନୁସାରେ, ବିଜୁ ଅନଲାଇନରେ ଚାକିରି ପାଇଁ ଆବେଦନ କରିଥିଲେ। ପରେ ତାଙ୍କ ଟେଲିଗ୍ରାମ୍ ନମ୍ବରକୁ ଏକ ମେସେଜ୍ ଆସିଥିଲା। ଘରୁ ବସି ଚାକିରି (ୱାର୍କ-ଫ୍ରମ୍-ହୋମ୍) କରିବାକୁ ସେଥିରେ ତାଙ୍କୁ ଲୋଭନୀୟ ଅଫର୍ ଦିଆଯାଇଥିଲା। ଦରମା ବାବଦକୁ ଠକମାନେ ତାଙ୍କୁ ମାସକୁ ୪୦ ହଜାର ଟଙ୍କା ଦରମା ଦେବେ ବୋଲି କହିଥିଲେ। ଆଗପଛ ବିଚାର ନ କରି ବିଜୁ ସେମାନଙ୍କ ଜାଲରେ ପଡ଼ି ଯାଇଥିଲେ। ପରେ ଠକମାନେ ତାଙ୍କୁ ଏକାଧିକ ଟେଲିଗ୍ରାମରେ ଯୋଡ଼ି ଟଙ୍କା ନିବେଶ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ଲୋଭରେ ପଡ଼ି ବିଜୁ ପର୍ଯ୍ୟାୟକ୍ରମେ ୧୫ ଲକ୍ଷ ୩୯ ହଜାର ଟଙ୍କା ନିବେଶ କରିଥିଲେ। କିନ୍ତୁ ଟଙ୍କା ଉଠାଇବା ବେଳକୁ ଅଭିଯୁକ୍ତମାନେ ଉଭାନ୍ ହୋଇଯାଇଥିଲେ। ଯେଉଁ ଆପ୍ ଜରିଆରେ ବିଜୁ ନିବେଶ କରିଥିଲେ, ତାହା ମଧ ବନ୍ଦ ହୋଇଯାଇଥିଲା। ସେ ସାଇବର୍ ଠକଙ୍କ ଦ୍ୱାରା ଶିକାର ହୋଇଥିବା ଜାଣିବା ପରେ ଏ ସଂପର୍କରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

ସେହିପରି ସମାନ ଢଙ୍ଗରେ ସାଲିଆସାହିର ରାଜେଶ ବେହେରା ୨୦ ଲକ୍ଷ ଏବଂ ବିନୋଦ ସେଠି ୧୨ ଲକ୍ଷରୁ ଅଧିକ ଟଙ୍କା ଠକାମିର ଶିକାର ହୋଇଛନ୍ତି। ସେମାନେ ମଧ ଅନଲାଇନରେ ଚାକିରି ଖୋଜୁଥିଲେ। ଏହାର ଫାଇଦା ନେଇ ଠକମାନେ ତାଙ୍କୁ ଜାଲରେ ଫସାଇଥିଲେ। ଠକମାନେ ପ୍ରଥମେ ଦୁହିଁଙ୍କୁ ଏକ ୱେବସାଇଟ୍ (ଜାଲ)ରେ ପଞ୍ଜୀକରଣ କରିବାକୁ କହିଥିଲେ। ଏହାକୁ ଅସଲି ୱେବସାଇଟ୍ ଭାବି ସେମାନେ ପଞ୍ଜୀକରଣ କରିବା ପରେ ଠକମାନେ ଦୁହିଁଙ୍କୁ ଫୋନ୍ କରିଥିଲେ। ଦୁଇଜଣଙ୍କ ଚାକିରି ହୋଇଯାଇଛି, କିନ୍ତୁ ଏଥିପାଇଁ ସେମାନଙ୍କୁ ୧୦ରୁ ୧୫ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ଚାକିରି ଲୋଭରେ ଦୁଇଜଣଯାକ ଟଙ୍କା ପଇଠ କରିବା ପରେ ଠକ ଆହୁରି ଟଙ୍କା ମାଗିଥିଲେ। ଆହୁରି ଅଧିକ ଟଙ୍କା ଦେବା ପରେ ନିଯୁକ୍ତିପତ୍ର ମିଳିବ ବୋଲି କହିଥିଲେ। ସନ୍ଦେହ ହେବାରୁ ସେମାନେ ନିଜନିଜସ୍ତରରେ ଯାଞ୍ଚ କରି ଜାଣିବାକୁ ପାଇଥିଲେ ଯେ ଏହା ସାଇବର୍ ଠକଙ୍କ କରାମତି।

# ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୫।୫ (ମହାଭାରତ): ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ' ତରଫରୁ ଦୀର୍ଘ ୧୦ବର୍ଷ ଧରି ଦେଶ ନିର୍ମାଣରେ ଯୁବ ଓ ଛାତ୍ର ଭୂମିକା ସମ୍ପର୍କରେ ଆଲୋଚନା, ନିଶା ସଚେତନତା କାର୍ଯ୍ୟକ୍ରମ, ବୃକ୍ଷରୋପଣ, ରକ୍ତଦାନ, ସ୍ୱାସ୍ଥ୍ୟସେବା ଶିବିର ଓ ସଚେତନତା, ଜଳସେବା ଶିବିର, ମାନବାଧିକାର, ଭିନ୍ନକ୍ଷମ ଅଧିକାର ଓ ଶିଶୁ ସୁରକ୍ଷା ପ୍ରଭୃତି କାର୍ଯ୍ୟକ୍ରମ କରିଆସୁଅଛି। ଅନୁଷ୍ଠାନ ଏହାର ଦଶମ ବାର୍ଷିକ ଉତ୍ସବ ଭୁବନେଶ୍ୱରସ୍ଥିତ ଶୀତଲ୍ ହୋଟେଲ୍ ପରିସରରେ ପାଳନ ହୋଇଯାଇଛି। ମୀର ଅହମ୍ମଦ ଅଲ୍ଲୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ରୂପେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବରିଷ୍ଠ ରାଜନେତା ଓ ଓଡ଼ିଶା ପାଇକ ଆଖଡ଼ା ମହାସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ, ବି.କେ. ପବ୍ଲିକେସନ୍ ପ୍ରକାଶକ ବିଜୟ କୁମାର ମହାପାତ୍ର, ବିଶିଷ୍ଟ ରାଜନେତା ଜଗନ୍ନାଥ ପ୍ରଧାନ, ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସର ଡେପୁଟି କମାଣ୍ଡା, ଲଳିତେନ୍ଦୁ ମହାନ୍ତି, ସାମାଜିକ କର୍ମୀ ନିବେଦିତା ଶତପଥୀ ପ୍ରମୁଖ ଯୋଗଦେଇ ଦେଶ ନିର୍ମାଣରେ ସାମାଜିକ ଅନୁଷ୍ଠାନର ଗୁରୁତ୍ୱ, ଯୁବ ସମାଜ-ପରିବର୍ତ୍ତନର ବାହକ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅନୁଷ୍ଠାନ ତରଫରୁ ଜାରି ରହିଥିବା କାର୍ଯ୍ୟକ୍ରମଗୁଡ଼ିକୁ ଅତିଥିବୃନ୍ଦ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଅଭିନେତା ଚନ୍ଦନ କର, ସମାଜସେବୀ ଲଡୁ ଗୋପାଳ ମହାପାତ୍ର, ସମାଜସେବୀ ନୀଳିମା ଦାସ, ଲୋପାମୁଦ୍ରା ସାହୁ, ପଦ୍ମିନୀ ପରିଡ଼ା ଓ ଯୁବନେତା ଦିବ୍ୟସିଂହ ସେଠୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭାଗ୍ୟଶ୍ରୀ ମହାନ୍ତି, ବିନୋଦ କୁମାର ରାଉତ, କ୍ଷୀରୋଦ କୁମାର ଜେନା, ପିଆଲି ପ୍ରିୟଦର୍ଶିନୀ, ପ୍ରଜ୍ଞା ପରମିତା ମହାନ୍ତି, ଲକ୍ଷ୍ମୀପ୍ରିୟା ମହାନ୍ତି, ସରୋଜ କୁମାର ପ୍ରଧାନ, ପିଆଲି ପ୍ରିୟଦର୍ଶିନୀ ପ୍ରମୁଖ ପରିଚାଳନା କରିଥିଲେ।

# ରଥଯାତ୍ରାରେ ନିରନ୍ତର ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶ

ଭୁବନେଶ୍ୱର,୫।୫ (ମହାଭାରତ): ଆସନ୍ତା ରଥଯାତ୍ରାରେ ପୁରୀରେ ଯାତ୍ରୀ ମାନଙ୍କ ପାଇଁ ନିରନ୍ତର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ବିଭାଗୀୟ ଶାସନ ସଚିବ ଅଶ୍ୱତୀ ଏସ.ଙ୍କ ଅଧକ୍ଷତାରେ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଗତ ବିଭିନ୍ନ ନିର୍ଦ୍ଦେଶାଳୟ ତରଫରୁ ବର୍ତ୍ତମାନ ପର୍ଯ୍ୟନ୍ତ କରାଯାଇଥିବା ପ୍ରାକ୍-ପ୍ରସ୍ତୁତିର ସମୀକ୍ଷା କରି ମହାପ୍ରଭୁଙ୍କ ଯାତ୍ରା ସମୟରେ ସେବାୟତ, ଭକ୍ତ, ପର୍ଯ୍ୟଟକ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା, ଔଷଧ ଓ ମାନବ ସମ୍ବଳ ଆଗୁଆ। ପୁରୀରେ ପ୍ରସ୍ତୁତ ରଖିବା ପାଇଁ ଶ୍ରୀମତୀ ଅଶ୍ୱତୀ ସ୍ୱାସ୍ଥ୍ୟ ବିଭାଗ ଅଧିନସ୍ଥ ସବୁ ନିର୍ଦ୍ଦେଶାଳୟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟତଃ ପୁରୀ ଜିଲାସ୍ଥିତ ବିଭିନ୍ନ ସରକାରୀ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସେବାର ଦୃଢ଼ୀକରଣ, ଆବଶ୍ୟକୀୟ ସଂଖ୍ୟକ ଫାଷ୍ଟ୍-ଏଡ କେନ୍ଦ୍ର ସ୍ଥାପନ, ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା, ପୁରୀରେ ଅଧିକ ବିଶେଷଜ୍ଞ, ଡାକ୍ତର, ନର୍ସିଂ ଅଫିସର ଓ ପାରାମେଡିକ୍ସ ନିୟୋଜନ, ଖାଦ୍ୟ ନିରାପତ୍ତା, କୌଣସି ପ୍ରକାର ସମ୍ଭାବ୍ୟ ସଂକ୍ରାମକ ରୋଗର ମୁକାବିଲା ଓ ନିୟନ୍ତ୍ରଣ, ଜନସ୍ୱାସ୍ଥ୍ୟ ଓ ସାଧାରଣ ସଚେତନତା କାର୍ଯ୍ୟ ଆଦି ବିଷୟରେ ଆଲୋଚନା ହୋଇ ଆବଶ୍ୟକୀୟ ନିଷ୍ପତ୍ତିମାନ



ନିଆଯାଇଥିଲା। ନବ ଯୌବନ ଦର୍ଶନ (୨୬ ଜୁନ୍) ରୁ ନୀଳାଦ୍ରୀ ବିଜେ (୮ ଜୁଲାଇ) ପର୍ଯ୍ୟନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କେ.ଡି.ଏମ୍.ଏମୌରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର, ପୋଲିସ ହସ୍ପିଟାଲ, ସାକ୍ଷୀଗୋପାଳ, ମଙ୍ଗଳପୁର, ପିପିଲି ଷ୍ଟେସନ ରୋଡ, ରେବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଟି.ବି.ଆଇ.ଡି.ଏଚ୍ହସ୍ପିଟାଲ, ଜଗନ୍ନାଥ ମେଡିକାଲ କଲେଜରେ ଅଧିକ ସଂଖ୍ୟକ ବେଡ୍, ଚିକିତ୍ସା ସୁବିଧା ଏବଂ ଔଷଧ ଆଦିର ବ୍ୟବସ୍ଥା କରିବା ପାଇଁ ସ୍ଥିର ହୋଇଛି।

ଚଳିତ ବର୍ଷ ଅଧିକ ସଂଖ୍ୟକ ଫାଷ୍ଟ୍-ଏଡ କେନ୍ଦ୍ର ଖୋଲାଯିବା ସହିତ ୩ଟି ସିଫ୍ଟରେ ୨୪ ଘଣ୍ଟା ଖୋଲା ରହିବ। ପ୍ରତି ସିଫ୍ଟରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ବହୁ ମୁଖୀ ସ୍ୱାସ୍ଥ୍ୟ ସେବକ ଓ ଜଣେ ସହାୟକ ନିୟୋଜିତ ରହିବେ।

ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ, ସମୁଦ୍ରକୂଳ, ସହର ଭିତର, ପୁରୀ-ଭୁବନେଶ୍ୱର ରାସ୍ତା, ପୁରୀ-କୋଣାର୍କ ରାସ୍ତା ଓ ପୁରୀ-ସାତପଡ଼ା ରାସ୍ତାର ବିଭିନ୍ନ ସ୍ଥାନରେ ଅଧିକ ୩୧ଟି ଆମ୍ବୁଲାନ୍ସ ନିୟୋଜନ କରାଯିବ। ଅତିରିକ୍ତ ୭ଟି ୧୦୮-ଆମ୍ବୁଲାନ୍ସ ୨୦୩-ଜାତୀୟ ରାଜପଥର ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ନିୟୋଜିତ ହେବ।

ରଥଯାତ୍ରା ସମୟରେ ଜରୁରୀକାଳୀନ ସେବା ନିଶ୍ଚିତ କରିବା ପାଇଁ ୩୦୦ରୁ ଅଧିକ ବିଶେଷଜ୍ଞ, ଡାକ୍ତର, ସଂକ୍ରାମକ ରୋଗ ବିଶେଷଜ୍ଞ, ଫାର୍ମାସିଷ୍ଟ, ନର୍ସିଂ ଅଫିସର, ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ, ଖାଦ୍ୟ ନିରାପତ୍ତା ଅଫିସର, ଡ୍ରେସର ଏବଂ ସହାୟକମାନଙ୍କୁ ନିୟୋଜିତ କରାଯିବ। ଖାଦ୍ୟ ନିରାପତ୍ତା ଏବଂ ସମ୍ଭାବ୍ୟ ସଂକ୍ରମଣ ନିରାକରଣ ନିମନ୍ତେ ଲଗାତର ତନଖି, ଜଳ ଉତ୍ସ ବିଶୁଦ୍ଧିକରଣ, ଜଳର ଗୁଣାତ୍ମକ ମାନ ଯାଞ୍ଚ, ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆଦିଚାଲୁ ରହିବ।

ପର୍ଯ୍ୟାପ୍ତ ପରିମାଣର ଔଷଧ, ବ୍ଲଡ୍ ବ୍ୟାଙ୍କମାନଙ୍କରେ ଅଧିକ ବ୍ଲଡ୍ ୟୁନିଟ ମହଜୁଦ, ତୁରନ୍ତ ସେବା ପ୍ରଦାନକାରୀ ଦଳ ଗଠନ ଓ ଅଧିକ ବେଡ୍ ସ୍ଥାପନ ଆଦି କାର୍ଯ୍ୟ ନିଶ୍ଚିତ କରାଇବା ନିମନ୍ତେ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଡାକ୍ତର ବୃନ୍ଦା.ଡି, ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଡାକ୍ତର ପୋମା ଟୁଡୁ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ର ମହାନ୍ତିଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ, ବିଭିନ୍ନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୁରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରୂପ ଭାନୁ ମିଶ୍ର, ଜଗନ୍ନାଥ ମେଡିକାଲ କଲେଜର ଅଧକ୍ଷକ କୌଶିକ ମିଶ୍ର ଆଲୋଚନା ନିମନ୍ତେ ବିଭିନ୍ନ ପ୍ରସ୍ତାବ ଓ ତଥ୍ୟ ଉପସ୍ଥାପନ କରିଥିଲେ।

# ବହୁମୁଖୀ ସମ୍ମିଳନୀ ଗୃହ ଉଦ୍‌ଘାଟିତ



ଭୁବନେଶ୍ୱର, ୫।୫ (ମହାଭାରତ): ଖୋର୍ଦ୍ଧା ପୌର ପରିଷଦ ଅଧୀନ ୱାର୍ଡ ନମ୍ବର ୧୨ ଓ ୫ ରେ ଏକ ଗୋଟି ଲେଖାଏଁ ବହୁମୁଖୀ ସମ୍ମିଳନୀ ଗୃହ ମାନ୍ୟବର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଙ୍କ ଦ୍‌ୱାରା ଉଦଘାଟିତ ହୋଇ ଖୋର୍ଦ୍ଧା ପୌରବାସୀଙ୍କୁ ଲୋକାର୍ପିତ କରି ଖୋର୍ଦ୍ଧାରେ ବାଳିକା ଶିକ୍ଷାର ବ୍ୟାପକ ଉନ୍ନତି ଆଣିବା ଏବଂ ଦଳମତ ନିର୍ବିଶେଷରେ ଖୋର୍ଦ୍ଧା ଏକ ଅଗ୍ରଣୀ ଜିଲ୍ଲାରେ ପରିନତକରି ସମଗ୍ର ଦେଶରେ ନାମ ଟେକ ରଖିବାକୁ ଆହ୍ୱାନ ଦେଇଥିଲେ କ୍ଷ ମାନ୍ୟବର ବିଧାୟକ ଖୋର୍ଦ୍ଧା ସର୍ଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବହୁମୁଖୀ ସମ୍ମିଳନୀ ଗୃହ ପୌରବାସୀଙ୍କୁ ସାହାରା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ବୋଲି କହିଛନ୍ତି କ୍ଷ ପୌର ପରିଷଦ ଅଧକ୍ଷା ଙ୍କ ପୌରହିତ୍ୟରେ ଗାନ୍ଧୀ ପଡିଆଠାରେ ଆୟୋଜିତ ସାଧାରଣ ସଭାରେ ଉପାଧ୍ୟକ୍ଷ,ପୌର ନିର୍ବାହୀ ଅଧିକାରୀ, କର୍ପୋରେଟର, ବୁଦ୍ଧିଜୀବୀ ଏବଂ ପୌରାଞ୍ଚଳର ବହୁ ନାଗରିକାଯୋଗଦେଇଥିଲେ

# ୟୁବିୟୁ କ୍ଲିନିକ୍ ପକ୍ଷରୁ ସ୍କିନ୍‌ପେନ୍ ଏବଂ ସୁନେକୋସ ଚିକିତ୍ସା

ଭୁବନେଶ୍ୱର, ୫।୫ (ମହାଭାରତ): ବିନା ଅସ୍ତ୍ରୋପଚାରରେ ଅତ୍ୟାଧୁନିକ ପଦ୍ଧତିରେ ସୌନ୍ଦର୍ଯ୍ୟ ବୃଦ୍ଧି ଏବଂ ଚର୍ମରୋଗ ଉପଶମ ପାଇଁ ୟୁବିୟୁ କ୍ଲିନିକ୍ ଭୁବନେଶ୍ୱରରେ ଆରମ୍ଭ କରୁଛି ଦେଶର ପ୍ରଥମ 'ସ୍କିନ୍‌ପେନ୍' ଏବଂ 'ସୁନେକୋସ୍' ଚିକିତ୍ସା। ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା 'ଜାତୀୟ ମହିଳାଙ୍କ ବାଣିଜ୍ୟ ମେଳା ୨.୦' ପରିସରରେ ଥିବା ଷ୍ଟଲ୍‌ରେ ଏହି ଚିକିତ୍ସା ପଦ୍ଧତିର ଶୁଭାରମ୍ଭ କରାଯାଇଛି। କୌଣସି ପ୍ରକାର ଚର୍ମରୋଗକୁ ଚିକିତ୍ସା ମାଧ୍ୟମରେ ନୂତନ ଚର୍ମ ସୃଷ୍ଟି କରିବା ଦିଗରେ ଏହା ହେଉଛି ଏକ ବୈପ୍ଳବିକ ଅଗ୍ରଗତି। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ବିଶ୍ୱସ୍ତରୀୟ ସୌନ୍ଦର୍ଯ୍ୟ ଭିତ୍ତିକ ଚିକିତ୍ସା ଭାରତର କୌଣସି ସ୍ଥାନରେ ଉପଲବ୍ଧ ନାହିଁ। ଭୁବନେଶ୍ୱରସ୍ଥିତ ୟୁବିୟୁ ବିୟୁଟୀ କ୍ଲିନିକ୍‌ରେ ବର୍ତ୍ତମାନ ଏହି ସେବା ଆରମ୍ଭ କରାଯାଉଛି। ଭାରତରେ ବିଶ୍ୱସ୍ତରୀୟ ସୌନ୍ଦର୍ଯ୍ୟ ଚିକିତ୍ସା କ୍ଷେତ୍ରରେ ନୂତନତ୍ୱ ଆଣିବା ଲକ୍ଷ୍ୟ ନେଇ ୟୁବିୟୁ ବିୟୁଟୀ କ୍ଲିନିକ୍ ଦେଶର ପ୍ରଥମ ଏଫ୍‌ଡିଏ (ଫୁଡ୍ ଆଣ୍ଡ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେସନ) ମଞ୍ଜୁରୀପ୍ରାପ୍ତ ମାଇକ୍ରୋନିଡିଲିଂ ଡିଭାଇସ୍ 'ସ୍କିନ୍‌ପେନ୍' ଏବଂ ଇଟାଲୀୟ ଉଦ୍ଭାବନ 'ସୁନେକୋସ୍' ଚିକିତ୍ସା ଆରମ୍ଭ କରିଛି। ସୁନେକୋସ ଚିକିତ୍ସା ହେଉଛି ଏକ ପେଟେଣ୍ଟେଡ୍ ଇଞ୍ଜେକ୍ଟେବଲ ଆମିନୋ-ଏସିଡ୍ ପ୍ରଯୁକ୍ତି ବିଦ୍ୟା ଉପରେ ଆଧାରିତ, ଯାହାକି ମୁହଁରେ ଖରାପ ହୋଇଯାଇଥିବା ଚର୍ମକୁ ଠିକ୍ କରିବା ସହ ନୂତନ ଚର୍ମର ପୁର୍ନଗଠନ କରିବାରେ ସାହାଯ୍ୟ କରିଥାଏ। 'ସ୍କିନ୍‌ପେନ୍' ଏବଂ 'ସୁନେକୋସ' ଚିକିତ୍ସା ଚର୍ମରେ ବ୍ରଣ ଦାଗ, କୁଞ୍ଚନ, ପିଗ୍‌ମେଣ୍ଟେସନ୍, ଆଖିତଳେ କଳାଦାଗ ଏବଂ ଚର୍ମ ପୁନଃରୁଦ୍ଧାର ପାଇଁ ଖୁବ୍ କମ୍ ସମୟ ମଧ୍ୟରେ ପ୍ରଭାବଶାଳୀ ସମାଧାନ ପ୍ରଦାନ କରିଥାଏ।

# ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୫।୫ (ମହାଭାରତ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମ, ତାର ଯୋଗ୍ୟ ସନ୍ତାନର ଅନନ୍ୟ ପ୍ରତିଭା ଯୋଗୁଁ ବେଶ ପରିଚିତ। ଦେଶ ମାତୃକାର ସେବା ପାଇଁ ପ୍ରାଣ ଦେବା, ଦେଶ ସେବା ପାଇଁ ସୈନ୍ୟବାହିନୀରେ ସାମିଲ ହେବା, ଭଲ ଫୁଟବଲ ଖେଳିବା ଆଦିରେ ପାରଙ୍ଗମତା ଦେଖାଇ ଆସିଛି। ଏବେ ଓଡ଼ିଆ ସାହିତ୍ୟରେ ଯୁବ ପ୍ରତିଭାର ପରିଚୟ ସୃଷ୍ଟି କରିଛନ୍ତି, ମୌଲାନା ଫଜଲ ହକ ଖାନ। ସେ ସ୍ୱର୍ଗତ ମୌଲାନା ଶମସୁଲ ହକ ଖାନଙ୍କ ଦ୍ୱିତୀୟ ପୁତ୍ର। ସେ ଜଣେ ଧର୍ମ ପ୍ରଚାରକ, ସମାଜସେବୀ, ଲେଖକ, ଅନୁବାଦକ, ପ୍ରବନ୍ଧକ, ପ୍ରବଚକ ତଥା ଜଣେ ପରିଚିତ ଯୁବ ସ୍ତମ୍ଭକାର। ଭୁବନେଶ୍ୱର ମଂଚେଶ୍ୱର ଶିଳ୍ପାଂଚଳ ସ୍ଥିତ ପ୍ରଗତିବାଦୀ କାର୍ଯ୍ୟାଳୟରେ ରବିବାର ଦିନ ଅନୁଷ୍ଠିତ ୫୪ତମ ପ୍ରଗତିବାଦୀ



ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟରୁ ଆସିଥିବା ଅନେକ ଲେଖକ, ଲେଖିକା, କବି ଓ ଗାଳ୍ପିକଙ୍କ ସହ କେରଙ୍ଗ ନିବାସୀ ମୌଲାନା ଫଜଲ ହକ ଖାନଙ୍କୁ ମଧ ଯୁବ ସ୍ତମ୍ଭକାର ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ତଥା ସ୍ତମ୍ଭକାର ଅଧାପକ ବିଶ୍ୱରଞ୍ଜନ ସଭାପତିତ୍ୱ କରିଥିଲେ। ଏହି ସମାରୋହକୁ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ତଥା ବିଶିଷ୍ଟ ସମାଜସେବୀକା ଗୁରୁମା ଡ଼କ୍ଟର ଅରୁନ୍ଧତୀ ଦେବୀ ଉଦଘାଟନ କରିଥିଲେ ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ତଥା ରାଜନେତା ବିଧାୟକ ଡ଼କ୍ଟର ଅରୁଣ କୁମାର ସାହୁ, ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଚିବ ଚନ୍ଦ୍ରଶେଖର ହୋତା ଏବଂ ଅନ୍ୟତମ ବରେଣ୍ୟ ଅତିଥି ଭାବେ ଗାଳ୍ପିକ ତଥା ଅନୁବାଦକ ରାଧୁ ମିଶ୍ର ଯୋଗଦେଇଥିଲେ।

# ସାମସଙ୍ଗର ଫାବ ଗ୍ରାବ ଫେଷ୍ଟ

ଭୁବନେଶ୍ୱର, ୫।୫ (ମହାଭାରତ): ସାମସଙ୍ଗ, ଭାରତର ଏକ ବୃହତର ଇଲେକ୍‌ଟ୍ରୋନିକ୍ସ ଗ୍ରାହକ ବ୍ରାଣ୍ଡ, ଗ୍ରୀଷ୍ମର ପ୍ରଖର ତାତିରୁ ରକ୍ଷା କରିବା ସହିତ ଏହାର ବ୍ଲକବ୍ଲଷ୍ଟର ସେଲ-ଫାବ ଗ୍ରାବ ଫେଷ୍ଟ ସହିତ ପୁଣି ଫେରିଛି! ମେ ୦୧ ତାରିଖରେ ଏହାର ଆରମ୍ଭ ସହିତ ଏହି ବହୁପ୍ରତିକ୍ଷିତ ସପିଙ୍ଗ ଆଡ଼ମ୍ବର ପୂର୍ଣ୍ଣତା ଯେଉଁ ସବୁ ଅନୁଭବକୁ ପ୍ରଦାନ କରିବାକୁ ଯାଉଛି ସେଗୁଡ଼ିକ ହେଉଛି ସିଜଲିଙ୍ଗ, ସାମସଙ୍ଗର ଆଧୁନିକ ଜ୍ଞାନକୌଶଳପୂର୍ଣ୍ଣ ସୀମିତ-ସମୟ ଅବଧି ସହିତ କିଛି ବିସ୍ତୃତ ସମ୍ଭାରର ଉତ୍ପାଦନକୁ ନେଇ ଏକ୍ସକ୍ଲୁଜିଭ ସାମସଙ୍ଗ ଡ଼ଟ, ସାମସଙ୍ଗ ସପ ଆପ ଏବଂ ସାମସଙ୍ଗ ଏକ୍ସକ୍ଲୁଜିଭ ଷ୍ଟୋର ଗୁଡ଼ିକରେ ଏହାର ଉପଲବ୍ଧତା।

ବିକ୍ରୟର ଆରମ୍ଭ ସହିତ ଗ୍ରାହକମାନେ ଗାଲାକ୍ସି ଏସ ଶୃଙ୍ଖଳ, ଜେଡ଼ ଶୃଙ୍ଖଳ ଏବଂ ଏ ଶୃଙ୍ଖଳରେ କିଛି ଚୟନକାରୀ ମଡ଼େଲ ଗୁଡ଼ିକ ଉପରେ ୪୧% ପର୍ଯ୍ୟନ୍ତ ଛାଡ଼ର ମଜା ନେଇପାରିବେ। ଏହା ଅଧୁନାତମ ଭାଙ୍ଗଯୁକ୍ତ କିମ୍ବା ଶକ୍ତିଶାଳୀ କ୍ୟାମେରା କୈନ୍ଦ୍ରିକ ମଡ଼େଲ ହେଉ ପ୍ରତ୍ୟେକ କୌଶଳୀୟ ଉତ୍ସାହକାରୀଙ୍କ ପାଇଁ ଏଠାରେ କିଛି ନା କିଛି ବ୍ୟବସ୍ଥା ରହିଛି। ଏହା ସହିତ ଟାବଲେଟ, ଆନୁଷଙ୍ଗିକ ତଥା ପରିଧାନଯୋଗ୍ୟ ଚୟନକାରୀ ମଡ଼େଲ ଗୁଡ଼ିକ ଉପରେ ୬୫% ପର୍ଯ୍ୟନ୍ତ ରିହାତି ରହିଛି ଯାହାକି ଆପଣଙ୍କର ଗାଲାକ୍ସି ଇକୋ ପ୍ରଣାଳୀକୁ ପ୍ରକୃତ ସମୟ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ କରିପାରିବ। କେବଳ ସେତିକି ନୁହେଁ, ବ୍ୟବହାରକାରୀମାନେ ଏକ ବାଧାହୀନ ତଥା ବହୁମୁଖୀ ଟାବଲେଟର ଅଭିଜ୍ଞତା ପାଇଁ ୩୫% ଛାଡ଼ର ସୁବିଧା।

# ୬ ସାଇବର ଠକଙ୍କୁ ବାନ୍ଧିଲା କମିଶନନରେଟ ପୋଲିସ

କଟକ,୫।୫ (ମହାଭାରତ): ସ୍ୱଳ୍ପ ନିବେଶରେ ଅଧିକ ଲାଭ ଦେଖାଇ ସାଇବର ଠକମାନେ ଲକ୍ଷାଧିକ ଟଙ୍କା ଠକି ନେଇଛନ୍ତି। ଏହି ଭଳି ୬ ଜଣ ସାଇବର ଠକଙ୍କୁ କଟକ ସାଇବର ଥାନା ପୋଲିସ ଗିରଫ କରିଛି। ସେମାନଙ୍କ ଠାରୁ ନଗଦ ୪ ଲକ୍ଷ ଟଙ୍କା ନଗଦ ଜବତ ହୋଇଥିବା ବେଳେ ୭ ଲକ୍ଷ ଟଙ୍କା ଫ୍ରିଜ୍ କରାଯାଇଛି। ସମସ୍ତ ଠକଙ୍କ ଘର ବଲାଙ୍ଗୀର ପାଟଣାଗଡ ଅଞ୍ଚଳରେ ବୋଲି ସାମ୍ବାଦିକ ସମ୍ମିଳନୀରେ କଟକ ଡିସିପି ଋଷିକେଶ ଖିଲାରି କହିଛନ୍ତି। ଠକଙ୍କ ଠାରୁ ମୋବାଇଲ ଓ ବିଭିନ୍ନ ବ୍ୟାଙ୍କର ୧୬ଟି ପାସ୍ ବୁକ୍ ଓ ଚେକ୍ ବୁକ୍ ସହ ୧୬ଟି ଏଟିଏମ ଜବତ କରାଯାଇଛି।

ଜଣେ ଏଲ୍‌ଆଇସି ଅଧିକାରୀଙ୍କ ଠାରୁ ଅନଲାଇନ ଟ୍ରେଡିଂରେ ଏହି ସାଇବର ଠକ ଏକ ଆପ୍ ଜରିଆରେ ବିଭିନ୍ନ ସମୟରେ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ଗତ ଏପ୍ରିଲ୍ ୨୪ ତାରିଖରେ ସାଇବର ଥାନାରେ ଏତଲା ଦେଇଥିଲେ। ସାଇବର ଠକ ମାନେ ୮ ଫେବୃଆରୀରୁ



୧୨ ଏପ୍ରିଲ୍ ମଧ୍ୟରେ ଠକେଇ କରୁଥିବା ନେଇ ଅଭିଯୋଗ କରିଥିଲେ। କଟକ ସାଇବର ଥାନା ପୋଲିସ ମାମଲା ରୁଜୁ କରି ବିଭିନ୍ନ ପ୍ରକାର ତଦନ୍ତ କରି ବଲାଙ୍ଗିରରୁ ଏହି ଠକଙ୍କୁ ଗିରଫ କରାଯାଇଛି। ତେବେ ଲୋଭର ଶିକାର ହୋଇ ମୋବାଇଲକୁ ବିଭିନ୍ନ ସମୟରେ ଆସୁଥିବା ମେସେଜ ବା ଆପରେ ଆସୁଥିବା ବିଭିନ୍ନ ମେସେଜକୁ କ୍ଲିକ୍ ନକରନ୍ତୁ। କାରଣ ଏଭଳି ସାଇବର ଠକ ମାନେ ଲୁଟ୍ କରୁଛନ୍ତି ତେଣୁ ସମସ୍ତେ ସତର୍କ ରହିବାକୁ ଅପିଲ କରିଛନ୍ତି କଟକ ଡିସିପି।

# ଜୁନ୍ ୩୦ରେ ଶେଷ ହେବ ପ୍ରଶାସନିକ ସୀମା ପୁନର୍ଗଠନ

ଭୁବନେଶ୍ୱର, ୫।୫ (ମହାଭାରତ): ରାଜ୍ୟରେ ପ୍ରଶାସନିକ ସୀମା ପୁନର୍ଗଠନ ନେଇ ଜାରି ହେଲା ଶେଷ ସମୟସୀମା। ଆସନ୍ତା ଜୁନ୍ ୩୦ ତାରିଖ ମଧ୍ୟରେ ରାଜ୍ୟର ସମସ୍ତ ପ୍ରଶାସନିକ ସୀମା ପୁନର୍ଗଠନ କାର୍ଯ୍ୟ ସମାପ୍ତ ହେବ। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

ତେବେ ଦେଶରେ ଚଳିତ ବର୍ଷ ଜନଗଣନା ହେବାକୁ ଯାଉଥିବା ଏହାର ପ୍ରକିୟା ପ୍ରାୟ ଜୁଲାଇ ପହିଲାରୁ ଆରମ୍ଭ ହୋଇଥିବ। ଏଥିପାଇଁ ଆସନ୍ତା ଜୁନ୍ ୩୦ ମଧ୍ୟରେ ରାଜ୍ୟର ସମସ୍ତ ପ୍ରଶାସନିକ କ୍ଷେତ୍ରର ସୀମା ପୁନର୍ଗଠନ ପାଇଁ ନିର୍ଦ୍ଦେଶ ଦେଇଛି। ଜିଲ୍ଲା, ସବଡ଼ିଭିଜନ, ତହସିଲ, ରାଜସ୍ୱ ଗ୍ରାମ, ପାଇଁ ନୋଟିସ୍ ଜାରି କରାଯାଇଛି। ଏଥିପାଇଁ ଚଳିତ ବର୍ଷ ଜୁନ୍ ୩୦ ତାରିଖକୁ ଡେଡ୍‌ଲାଇନ ଦର୍ଶାଇଛି ବିଭାଗ। ଆସନ୍ତା ଜନଗଣନାକୁ ଆଖିରେ ରଖି ରାଜ୍ୟ ସରକାର ଜୁଲାଇ ୧ରୁ ପ୍ରଶାସନିକ ସୀମା ପୁନର୍ଗଠନ ପାଇଁ ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରତି ୧୦ ବର୍ଷରେ ଥରେ ଦେଶରେ ଜନଗଣନା ଅନୁଷ୍ଠିତ ହୁଏ। ଶେଷଥର ପାଇଁ ୨୦୧୧ରେ ଦେଶରେ ଜନଗଣନା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ପ୍ରାୟ ଦେଶରେ ୧୨୧ କୋଟି ଜନତା ଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରେ ୨୦୨୧ରେ ଜନଗଣନା ହେବା କଥା, କିନ୍ତୁ କୋଭିଡ ମହାମାରୀ ଯୋଗୁଁ ଏହା ସ୍ଥଗିତ ରହିଥିବାରୁ, ଚଳିତ ବର୍ଷ ଜନଗଣନା କରିବା ପାଇଁ ନିଷ୍ପତି ନେଇଛନ୍ତି ସରକାର।



ମହାଭାରତ
# ସାରାଂଶ
ଚଳନ୍ତି ସମୟର ଅବଶିଷ୍ଟାଂଶ





## ରାଜଧାନୀରେ ନିଶା

ନିଶା କାରବାର ପାଇଁ ରାଜଧାନୀରେ ସହଦେବ ନାୟକଙ୍କୁ ହତ୍ୟା କରାଯାଇଥିଲା । ମୃତକଙ୍କ ପତ୍ନୀ ଯାହା କହିଛନ୍ତି ତାଙ୍କ ସ୍ୱାମୀ ସହଦେବଙ୍କୁ ଜୀବନରେ ମାରିଦେବା ପାଇଁ କୁଆଡ଼େ ମୋବାଇଲରେ ଧମକ ଆସୁଥିଲା । ଏ ସମ୍ପର୍କରେ ସହଦେବ ପୋଲିସକୁ ସୂଚନା ଦେଇଥିଲେ । ପୋଲିସ ତାଙ୍କୁ ଅଭୟବାଣୀ ପ୍ରଦାନ କରିଥିଲା । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ପୋଲିସ ତାଙ୍କୁ ସୁରକ୍ଷା ଦେଇପାରିଲା ନାହିଁ ଏବଂ ଅତି ଅସହାୟ ଭାବେ ରାସ୍ତାରେ ପଡ଼ି ସହଦେବଙ୍କ ଜୀବନ ଗଲା । ଏହି ହୃଦୟବିଦାରକ ଘଟଣା ସବୁଠି ଚର୍ଚ୍ଚାର ବିଷୟ ହୋଇଛି । କୁହାଯାଉଛି ଯେ, ହତ୍ୟାକାରୀ ସମ୍ପୃକ୍ତ ଯୁବତୀଙ୍କ ଘରୁ ବ୍ରାଉନସୁଗର ବାହାରିଥିଲା । ଏ ସମ୍ପର୍କରେ ସହଦେବ କୁଆଡ଼େ ପୋଲିସକୁ ସୂଚନା ଦେଇଥିଲେ । ଯୁବତୀଙ୍କୁ ପୋଲିସର ଗିରଫ ପଛରେ ସହଦେବଙ୍କ ହାତ ରହିଛି ବୋଲି ସେ ଭାବି ନେଇଥିଲା ଏବଂ ଏହାର ପ୍ରତିଶୋଧ ନେବାକୁ ଏଭଳି ଜଘନ୍ୟ ହତ୍ୟା କରିଛି । ରାଜଧାନୀରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଚାଲିଥିବା ବେଳେ ଏବଂ ସମଗ୍ର ରାଜଧାନୀ ଏକ ପ୍ରକାର ସୁରକ୍ଷା ବଳୟ ମଧ୍ୟରେ ରହିଥିବା ବେଳେ ସକାଳେ ରାଜଧାନୀର ଏକ ମୁଖ୍ୟ ରାସ୍ତାରେ ନିଶା ମାଫିଆମାନେ ଜଣେ ନିରପରାଧ ବ୍ୟକ୍ତିଙ୍କୁ ହତ୍ୟା କରିବା ଆମ ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ସଭ୍ୟ ସମାଜରେ ଏହା ଗ୍ରହଣୀୟ ନୁହେଁ । ଏଭଳି ଘଟଣାରେ ଅଭିଯୁକ୍ତଙ୍କ ପ୍ରତି କଠୋର ଦଣ୍ଡବିଧାନ ହେବା ଉଚିତ । ଦଣ୍ଡ ବ୍ୟବସ୍ଥାରେ ତ୍ରୁଟି ବା କୋହଳତା ପାଇଁ ଆଜି ଦେଶରେ ଏଭଳି ଅପରାଧ ସଂଖ୍ୟା ବଢ଼ିଚାଲିଛି । ଏଭଳି ଏକ ହତ୍ୟାକାଣ୍ଡ ବିରଳରୁ ବିରଳତର ଏବଂ ଅତ୍ୟନ୍ତ ଅମାନୁଷିକ ବୋଲି କୁହାଯାଇପାରେ । ତେଣୁ ଆଇନ ଅନୁଯାୟୀ ହତ୍ୟାକାରୀଙ୍କୁ ଫାଶୀ ହେବା ଉଚିତ । କିନ୍ତୁ ଏଭଳି ଦଣ୍ଡ ବିଧାନ ସମ୍ଭାବନା କ୍ଷୀଣ । ଆଇନର ଫାଙ୍କ ଦେଇ ଅପରାଧୀମାନେ ଖସିଯାଉଛନ୍ତି । ଆମ ଆଇନ ବ୍ୟବସ୍ଥା ମଧ୍ୟ ସେହିପରି । ହଜାରେ ଦୋଷୀ ପଛେ ଖସି ଯାଆନ୍ତୁ କିନ୍ତୁ ଜଣେ ନିର୍ଦ୍ଦୋଷ ଦଣ୍ଡ ନପାଉ ଏହା ଆମ ଆଇନର ମୂଳଭିତ୍ତି । ତେଣୁ ତଥ୍ୟ ପ୍ରମାଣରେ ସାମାନ୍ୟତମ ସନ୍ଦେହ ସୃଷ୍ଟି ହେଲେ କୋର୍ଟ ଅପରାଧୀଙ୍କୁ ବେନିଫିଟ ଅଫ ଡାଉଟରେ ଛାଡ଼ି ଦେଉଛନ୍ତି । ଏଠାରେ ତଦନ୍ତକାରୀ ପୋଲିସର ଦାୟିତ୍ୱ ସର୍ବାଧିକ । ତଦନ୍ତକାରୀ ଅଫିସର ଏହି ମାମଲାରେ ଏଭଳି ଠୋସ ପ୍ରମାଣ ଉପସ୍ଥାପନ କରିବା ଉଚିତ ଏବଂ ସରକାରୀ ଓକିଲ କୋର୍ଟରେ ଏଭରି ଦୃଢ଼ତାର ସହ ଯୁକ୍ତି ଉପସ୍ଥାପନ କରିବା ଉଚିତ ଯେପରିକି ଅପରାଧୀ ଆଇନ ଆଖିରେ ଧୂଳି ଦେଇ ଖସିପାରିବ ନାହିଁ । ସହଦେବ ହତ୍ୟା ମାମଲାରେ ସବୁଠାରୁ ବଡ଼ ପ୍ରସଙ୍ଗ ହେଲା ନିଶା କାରବାର । ରାଜ୍ୟରେ ଚୋରା ନିଶା କାରବାର ଏତେ ବଢ଼ିଯାଇଛି ଯେ ଏହା ଆମ ସାମାଜିକ ବ୍ୟବସ୍ଥାକୁ ଗୁରୁତର ପ୍ରଭାବିତ କରୁଛି । ଅନେକ ଯୁବକ ନିଶା କବଳରେ ପଡ଼ି ନିଜ ଜୀବନକୁ ବରବାଦ କରୁଛନ୍ତି । ସେମାନେ ସମାଜ ଏବଂ ନିଜ ପରିବାର ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଛନ୍ତି । ଏହା ପଛରେ ଅନେକ ବ୍ୟକ୍ତି ରହିଛନ୍ତି । ପୁରା ରାକେଟ ଏଥିରେ ସମ୍ପୃକ୍ତ । ଏହାକୁ ସମୂଳେ ବିନାଶ କରିବାକୁ ହେବ । ଯୁବ ଗୋଷ୍ଠୀକୁ ନି କବଳରୁ ମୁକ୍ତ ନକଲେ ଦେଶର ଭବିଷ୍ୟତ ଅନ୍ଧକାର ହୋଇଯିବ । ଏଥିଲାଗି ଚୀନ ଭଳି କଠୋର ଆଇନର ଆବଶ୍ୟକତା ରହିଛି । ନଚେତ ନିଶାକାରବାର ଏବଂ ଅପରାଧକୁ ରୋକାଯାଇପାରିବ ନାହିଁ । କେତେକ ଏହି ପ୍ରସଙ୍ଗରେ ମାନବାଧିକାର ସୁରକ୍ଷା କଥା ଉଠାଇପାରନ୍ତି । କିନ୍ତୁ ସେମାନେ ନିରୀହ ବ୍ୟକ୍ତିଙ୍କ ଜୀବନ ରକ୍ଷା କରିପାରିବେ ନାହିଁ । ସେମାନେ ସମାଜକୁ ନିଶା କବଳରୁ ରକ୍ଷା କରିପାରିବେ ନାହିଁ । ତେଣୁ ନିଶା କାରବାର ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆତଙ୍କବାଦୀଙ୍କ ସହ ତୁଳନା କରି ସମାନ ଦଣ୍ଡ ବିଧାନ କରାଯିବା ଉଚିତ ।

## ପୁନଶ୍ଚ ଅଜନଲା -ପୁନଶ୍ଚ ଦେଶଦ୍ରୋହ

**।। ସୌମେନ୍ଦ୍ର ଜେନା ।।**

*;ବିଧାନସଭା ନିର୍ବାଚନ ସମୟରେ ସେମାନଙ୍କ ସମର୍ଥନ ଆପ୍ ସହିତ ରହିବାହେତୁ ପଞ୍ଜାବରେ ଆପ୍ର ସରକାର ଆସିଲା । ଏବେ ବିଗତ କିଛିମାସ ହେବ ଦେଖିବାକୁ ମିଳୁଛି ଯେ ଆପ୍ର ସରକାର ପଞ୍ଜାବରେ ଆସିଲା ପରେ ସେଠାରେ ଖାଲିସ୍ତାନୀଙ୍କ ଉତ୍ପାତ ସାଧାରଣରେ ବୃଦ୍ଧି ପାଇଛି । ଦେଶ ବାହାରେ ଥିବା ଗୋଷ୍ଠୀଙ୍କର ହସ୍ତକ୍ଷେପ ପଞ୍ଜାବରେ ବଢିବାରେ ଲାଗିଛି । ଖାଲିସ୍ତାନ ସମର୍ଥନରେ କାନ୍ଥବାଡରେ ପ୍ରାଚୀର ପତ୍ର ଦେଖିବାକୁ ମିଳୁଛି । ହିନ୍ଦୁ ସଂଗଠନର ନେତାମାନଙ୍କ ଉପରେ ଆକ୍ରମଣ ବଢିବାରେ ଲାଗିଛି ।*

ଖବରକାଗଜ ପୃଷ୍ଠାରେ ହଠାତ୍ କିଛିଦିନ ପୂର୍ବେ ଖବର ଆସିଲା ଯେ ପଞ୍ଜାବର ଅମୃତସର ନିକଟବର୍ତ୍ତୀ ଅଜନଲାଠାରେ ଏକ ଥାନା ଉପରେ ଆକ୍ରମଣ କରି ଲୋକେ ପୁଲିସ ଉପସ୍ଥିତିରେ ଅଭିଯୁକ୍ତକୁ ଥାନାରୁ ଖସାଇ ନେଇଛନ୍ତି । ଖାଲିସ୍ତାନୀ ସମର୍ଥକ ଅମୃତପାଲ ସିଂହର ସହଯୋଗୀ ଲଭ୍ପ୍ରୀତ ତୁଫାନ ସିଂହ ଏକ ଅପହରଣ ଏବଂ ଆକ୍ରମଣ ଅଭିଯୋଗରେ ଥାନାରେ ଅଟକ ଥିଲାବେଳେ ଅମୃତପାଲର ନେତୃତ୍ୱରେ ହଜାର ହଜାର ସଂଖ୍ୟକ ଲୋକେ ପୁଲିସଥାନା ଉପରେ ସଂଗଠିତ ଭାବେ ଆକ୍ରମଣ କରିଥିଲେ । ସେମାନେ ହାତରେ ଖଣ୍ଡା ଏବଂ ବନ୍ଧୁକ ଧରିଥିବା କଥା କୁହାଯାଉଛି ।

ଅନେକ ଘଣ୍ଟା ଧରି ଅଭିଯୁକ୍ତର ସହଯୋଗୀମାନେ ଥାନାକୁ ନିଜ କବ୍ଜାରେ ରଖିଥିଲେ । ଅଭିଯୁକ୍ତମାନେ କାଳେ ଗୁରୁ ଗ୍ରନ୍ଥ ସାହିବକୁ ଧରି ଥାନାରେ ପଶିଥିବାରୁ ପୁଲିସ କିଛି କରିପାରି ନଥିବା କଥା କୁହାଯାଉଛି । ପୂର୍ବରୁ ଅମୃତପାଲର ଲୋକେ ଧାରଣା ଦେବାକୁ କହି ପରେ ଥାନା ଉପରେ ଚଢାଉ କରିଥିବା କୁହାଯାଉଛି । କଥାହେଲା ଘଟଣା ବେଳେ ଶହଶହ ପୁଲିସ ଉପସ୍ଥିତ ଥିଲେ ମଧ୍ୟ ମୁକଦର୍ଶକ ସାଜିଥିଲେ । ଅତୀତରେ ଖାଲିସ୍ତାନୀ ନେତା ଭିନ୍ଦ୍ରନୱାଲେ ଅମୃତସରର ସ୍ୱର୍ଣ୍ଣମନ୍ଦିର ପରିସର ମଧ୍ୟରେ ଏମିତି ସୁରକ୍ଷିତ ରହି ଦୀର୍ଘଦିନ ଧରି ରାଜ୍ୟରେ ରକ୍ତପାତ ସୃଷ୍ଟି କରିଥିଲା । ସେତେବେଳେ ମଧ୍ୟ ଗୁରୁଦ୍ୱାରର ପବିତ୍ରତା ଆଳ ଦେଖାଇ ଶିଖଗୁରୁମାନେ ତାକୁ ସୁରକ୍ଷା ଦେଇଥିଲେ । ଶେଷରେ ବାଧ୍ୟ ହୋଇ ଅପରେସନ୍ ବ୍ଲୁଷ୍ଟାର ହେବା ଯୋଗୁ ଭିନ୍ଦ୍ରନୱାଲେ ଏବଂ ତାର ସାଥୀ ସନ୍ତ୍ରାସୀମାନଙ୍କର ମୃତ୍ୟୁ ହୋଇଥିଲା ।

ଘଟଣା ୨୪ ଫେବୃଆରୀ ୨୦୨୩ରେ ଘଟିଥିବା ବେଳେ ୪ ମାର୍ଚ୍ଚ ପର୍ଯ୍ୟନ୍ତ କୌଣସି ପ୍ରାଥମିକ ଅଭିଯୋଗ ପୁଲିସ ପକ୍ଷରୁ ନହେବା ଆଶ୍ଚର୍ଯ୍ୟଜନକ ଘଟଣା । ଅଥଚ ସଫେଇ ଦେବାକୁ ଯାଇ ରାଜ୍ୟର ପୁଲିସ ବିଭାଗର ଲୋକେ ପଦକ୍ଷେପ ନେବାକୁ ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି । ଏଥିରୁ ରାଜ୍ୟ ପୁଲିସର ଅପାରଗତା ଏବଂ ରାଜ୍ୟ ସରକାରଙ୍କ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ନିକଟରେ ଆତ୍ମସମର୍ପଣ ସହଜରେ ଦୃଷ୍ଟି ଗୋଚର ହେଉଛି । ରାଜ୍ୟର ସୁରକ୍ଷା ଏବଂ ଆଇନର ରକ୍ଷା ନେଇ ବିଗତ ପ୍ରଦେଶ ନିର୍ବାଚନ ସମୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଯେଉଁ ବାହାପିଆ କଥା କହିଥିଲେ ଏଥିରୁ ତାଙ୍କ ମୂଲ୍ୟହୀନ ନୀତିର ପ୍ରମାଣ ମିଳୁଛି ।

ରାଜ୍ୟ ସରକାର ଏଭଳି ମାମଲାରେ କଠୋର ପଦକ୍ଷେପ ଗ୍ରହଣ ନକରି ସେମାନଙ୍କ ସମର୍ଥନ ଲାଭ ପାଇଁ ଷଡଯନ୍ତ୍ର କଲାପରି ମନେ ହେଉଛି । ଏଥିରୁ ଅତୀତରେ କୁମାର ବିଶ୍ୱାସ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୁଦ୍ଧରେ କରିଥିବା ଅଭିଯୋଗର ପ୍ରାମାଣିକତାକୁ ବିଶ୍ୱାସ କରି ହେଉଛି । ଆନ୍ନା ହଜାରେଙ୍କ ଆନ୍ଦୋଳନ ସମୟରେ କୁମାର ବିଶ୍ୱାସ ଏବଂ ଅରବିନ୍ଦ କେଜ୍ରିୱାଲ ମିଳିତ ଭାବେ ଆନ୍ଦୋଳନରେ ସାମିଲ ଥିଲେ । ପରବର୍ତ୍ତୀ କାଳରେ ଅରବିନ୍ଦ ଏକଦା କହିଥିଲେ ଯେ ପଞ୍ଜାବ ଭଳି ଛୋଟିଆ ରାଜ୍ୟକୁ ସ୍ୱାଧୀନ ରାଷ୍ଟ୍ରକରି ତାର ପ୍ରଧାନମନ୍ତ୍ରୀ ହେବା ପାଇଁ ତାଙ୍କର ଆଗ୍ରହ ରହିଛି । ସେହିଦିନଠାରୁ ଅରବିନ୍ଦ କେଜ୍ରିୱାଲଙ୍କ ଭୟଙ୍କର ସୈତାନୀ ଅଭିସନ୍ଧିକୁ କୁମାର ବୁଝିପାରିଥିଲେ । ସେହି ଲକ୍ଷ୍ୟରେ କେଜ୍ରିୱାଲ କୃଷକ ଆନ୍ଦୋଳନ ସମୟରେ ଦିଲ୍ଲୀ ସୀମାରେ ବସିଥିବା ଖାଲିସ୍ତାନୀ ସମର୍ଥକଙ୍କୁ ଢେର ସହାୟତା ଯୋଗାଇ ଦେଇଥିଲେ, ପଞ୍ଜାବରେ ନିର୍ବାଚନ ହେବାକୁ ଥିବାରୁ ସେମାନଙ୍କୁ ହାତ କରିବାକୁ ଚାହିଁଥିଲେ ।

ବିଧାନସଭା ନିର୍ବାଚନ ସମୟରେ ସେମାନଙ୍କ ସମର୍ଥନ ଆପ୍ ସହିତ ରହିବାହେତୁ ପଞ୍ଜାବରେ ଆପ୍ର ସରକାର ଆସିଲା । ଏବେ ବିଗତ କିଛିମାସ ହେବ ଦେଖିବାକୁ ମିଳୁଛି ଯେ ଆପ୍ର ସରକାର ପଞ୍ଜାବରେ ଆସିଲା ପରେ ସେଠାରେ ଖାଲିସ୍ତାନୀଙ୍କ ଉତ୍ପାତ ସାଧାରଣରେ ବୃଦ୍ଧି ପାଇଛି । ଦେଶ ବାହାରେ ଥିବା ଗୋଷ୍ଠୀଙ୍କର ହସ୍ତକ୍ଷେପ ପଞ୍ଜାବରେ ବଢିବାରେ ଲାଗିଛି । ଖାଲିସ୍ତାନ ସମର୍ଥନରେ କାନ୍ଥବାଡରେ ପ୍ରାଚୀର ପତ୍ର ଦେଖିବାକୁ ମିଳୁଛି । ହିନ୍ଦୁ ସଂଗଠନର ନେତାମାନଙ୍କ ଉପରେ ଆକ୍ରମଣ ବଢିବାରେ ଲାଗିଛି । ଖୁବ୍କମ୍ ଦିନ ଅନ୍ତରରେ ପ୍ରାୟ ୪ଜଣ ହିନ୍ଦୁନେତାଙ୍କୁ ଇତି ମଧ୍ୟରେ ହତ୍ୟା କରାଯାଇଛି । ପଞ୍ଜାବ ମୁଖ୍ୟମନ୍ତ୍ରୀ ଏସବୁକୁ ସାଧାରଣ ଘଟଣା କହି ନିଜର ଅପାରଗତାକୁ ପ୍ରଦର୍ଶିତ କରିବାରେ ଲାଗିଛନ୍ତି । ନିକଟରେ ଜଣେ ପଞ୍ଜାବୀ ଅଭିନେତ୍ରୀ ଏହାକୁ ଠିକ୍ କାମ କହି ସମର୍ଥନ କରିଛନ୍ତି । କିନ୍ତୁ ହିନ୍ଦୁ ନେତାମାନଙ୍କ ହତ୍ୟାପଛରେ ଖାଲିସ୍ତାନକୁ ସମର୍ଥନ କରୁଥିବା ଗୋଷ୍ଠୀଙ୍କର ହାତ ରହିଥିବାର ଅନେକ ପ୍ରମାଣ ମିଳୁଛି । ଏଥିରୁ ଯାହା ଜଣାଯାଉଛି ଯେ ୧୯୯୫ରୁ ଯେଉଁ ଖାଲିସ୍ତାନୀ ନେତା ପାକିସ୍ତାନକୁ ଚାଲିଯାଇ କିମ୍ବା କାନାଡା, ବ୍ରିଟେନ, ଅଷ୍ଟ୍ରେଲିଆରେ ରହି ଖାଲିସ୍ତାନୀ ପତାକା ଉଡାଉଥିଲେ ଏବେ ସେମାନେ ଆର୍ଥିକ ସହାୟତା ଦେଇ ପୁନର୍ବାର ସନ୍ତ୍ରାସ ସୃଷ୍ଟି କରିବାକୁ ଚାହୁଁଛନ୍ତି ।

ଏବେ ଯେଉଁ ଗୋଷ୍ଠୀଟି ପଞ୍ଜାବରେ ମୁଣ୍ଡ ଟେକୁଛି ତାହା ଦୀପ ସିଦ୍ଧୁ ପ୍ରତିଷ୍ଠିତ 'ୱାରିସ ପଞ୍ଜାବ ଦେ' ଦଳ । ୨୬ ଜାନୁଆରୀ ୨୦୨୧ରେ କୃଷକ ଆନ୍ଦୋଳନ ବେଳେ ଯେଉଁ ହଙ୍ଗାମା ଦିଲ୍ଲୀରେ ହୋଇଥିଲା ସେହି ଗୋଳମାଳ ଭିତରେ ସିଦ୍ଧୁ ଲାଲକିଲ୍ଲା ଉପରେ ଖାଲିସ୍ତାନୀ ପତାକା ଉଡାଇ ଚର୍ଚ୍ଚାକୁ ଆସିଥିଲା । ଏହା କରିବା ଲାଗି ଶିଖ ଫର୍ ଜଷ୍ଟିସ ସଂଗଠନର ପନ୍ନୁ ଖାଲିସ୍ତାନୀମାନଙ୍କୁ ଆହ୍ୱାନ ଦେଇ ପୁରସ୍କାର ମଧ୍ୟ ଘୋଷଣା କରିଥିଲା । ଏହାପରେ ସିଦ୍ଧୁକୁ ଅନେକ ଅର୍ଥ ଅନୁଦାନ ରୂପେ ମିଳିଥିଲା ଯେଉଁଥି ପାଇଁ ସେପ୍ଟେମ୍ବର ୨୦୨୧ରେ ପଞ୍ଜାବୀ ସଂସ୍କୃତିର ସୁରକ୍ଷା ଓ ସାମାଜିକ ଚେତନା ସୃଷ୍ଟି କରିବା ଲକ୍ଷ୍ୟରେ ସେ ନିଜ ସଂଗଠନ ଆରମ୍ଭ କଲା । ହେଲେ ୧୫ ଫେବୃଆରୀ ୨୦୨୨ରେ ସିଦ୍ଧୁର ମୃତ୍ୟୁ ସଡକ ଦୁର୍ଘଟଣାରେ ହେଲା । ସିଦ୍ଧୁର ମୃତ୍ୟୁପରେ ସଂଗଠନର ନେତୃତ୍ୱ ତାର ସହଯୋଗୀମାନେ ଅଲଗା ଅଲଗା ନେବାରୁ ସେଥିରେ ବିଭାଜନ ହେଲା ।

ଏବେ ଗୋଟିଏ ଗୋଷ୍ଠୀର ନେତୃତ୍ୱ ଅମୃତପାଲ ହାତରେ ପଡିଛି । ଅମୃତପାଲର ପରିବାର ଢେର ଆଗରୁ ଦୁବାଇକୁ ଚାଲିଯାଇଛନ୍ତି । ସେ ଦୁବାଇରେ ଟ୍ରକ୍ ଡ୍ରାଇଭର କାର୍ଯ୍ୟ କରୁଥିଲା । ୧୨ଶ ଶ୍ରେଣୀ ଯାଏଁ ପାଠ ପଢିଥିବା ଅମୃତପାଲ କୃଷକ ଆନ୍ଦୋଳନ ସମୟରେ ସୋସିଆଲ ମିଡିଆ ମାଧ୍ୟମରେ ସିଦ୍ଧୁ ସହ ସଂପର୍କରେ ଆସିଥିଲା । କୃଷକ ଆନ୍ଦୋଳନ ବେଳେ କେବେ କେମିତି ଟ୍ୱିଟ କରୁଥିବା ଅମୃତପାଲ ହଠାତ୍ ଖାଲିସ୍ତାନୀ ଟ୍ୱିଟ ଆରମ୍ଭ କରିବାକୁ ଲାଗିଲା । ସିଦ୍ଧୁର ମୃତ୍ୟୁ ପରେ ଖାଲିସ୍ତାନୀ ଗୋଷ୍ଠୀକୁ ସଂଗଠିତ କରିବା ପାଇଁ ସିଦ୍ଧୁର ଗୋଟିଏ ଗୋଷ୍ଠୀର ନେତୃତ୍ୱ ନେଇ ଉଦ୍ୟମ କଲା । କିନ୍ତୁ ସଂପ୍ରତି ଯେପରି ଖାଲିସ୍ତାନୀ ସମର୍ଥନ ବା ହିଂସାଜନିତ ଉତ୍ତେଜନା ସୃଷ୍ଟି ପାଇଁ ଏହି ଗୋଷ୍ଠୀ ଉଦ୍ୟମ କରୁଛି ତାର ମୂଳ କାରଣ ଇସଲାମିକ ଗୋଷ୍ଠୀର ସମର୍ଥନ ଲାଭକରି ପଞ୍ଜାବରେ ଚାଲିଥିବା ୱାକଫ୍ ସଂପତ୍ତି ବିରୋଧୀ ଆନ୍ଦୋଳନକୁ ଚପାଇବା ଏବଂ କାଶ୍ମିରୀ ମୁସଲିମ ଗୋଷ୍ଠୀଙ୍କୁ ସମର୍ଥନ ଦେବା ।

ଆଇଏସ୍ଆଇ ସହ ସଂପର୍କରେ ଥିବା ବହୁ ବିଦେଶୀ ପଞ୍ଜାବୀ ଇତି ମଧ୍ୟରେ ଭାରତକୁ ଫେରିଆସି ସଂଗଠିତ ହେବାରେ ଲାଗିଛନ୍ତି,ଯେଉଁମାନେ ୧୯୯୫ ଅପରେସନ ବେଳେ ଭାରତଛାଡି ପାକ୍, କାନାଡା, ବ୍ରିଟେନ ଅଷ୍ଟ୍ରେଲିଆକୁ ଚାଲିଯାଇ ଥିଲେ । ବିଗତ ତିନିବର୍ଷ ହେଲା ବିଦେଶରେ ଖାଲିସ୍ତାନ ସପକ୍ଷରେ ଗଣଭୋଟ ଜାରି ରହିଛି ।

## ଖୁସି, ସୁଖ ଓ ଶାନ୍ତି

**।। ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ।।**

ବିଶ୍ୱର ସବୁଠାରୁ ଖୁସି ଦେଶ ଭାବେ ଫିନଲ୍ୟାଣ୍ଡ ସ୍ଥାନିତ ହୋଇଛି । ମାର୍ଚ୍ଚ ୨୦ରେ ବିଶ୍ୱ ଖୁସି ଦିବସ ଅବସରରେ ଖୁସିର ବିଭିନ୍ନ ମାନଦଣ୍ଡକୁ ଦେଖି ଏହି ଦେଶ ତାଲିକାର ଶୀର୍ଷରେ ରହିଥିବାବେଳେ ଭାରତର ସ୍ଥାନ ୧୨୫ରେ ରହିଛି । ଖୁସିର ମାନଦଣ୍ଡ ରହିଥିଲା ଲୋକମାନଙ୍କ ଭିତରେ ସକରାତ୍ମକ ଭାବନା । ଆଜିର ସମୟକୁ ଦେଖିଲେ ଜଣାଯାଏ ଅନେକ ସମୟରେ ଆମ୍ଭମାନଙ୍କ ଭିତରେ ଭାବନା ଗୁଡ଼ିକ ସକରାତ୍ମକ ହେବା ଅପେକ୍ଷା ଏହା ନକରାତ୍ମକ ସ୍ଥାନ ନେଇଯାଉଛି । ଜୀବନର ପ୍ରତିଟି କ୍ଷେତ୍ର ସମସ୍ତଙ୍କ ପାଇଁ ଆହ୍ୱାନଭରା । ଭଗବାନଙ୍କ ସୃଷ୍ଟିରେ ସୁଖ ଓ ଶାନ୍ତିକୁ କେହି କିଣି ପାରନ୍ତି ନାହିଁ । ଏହାର ମୂଲ୍ୟ ଅମୂଲ୍ୟ । ତେବେ ଆମ ଚାହିଁଲେ ସୁଖ ଓ ଶାନ୍ତି ପ୍ରାପ୍ତ ହୋଇପାରିବା । ତେବେ ଏଥିପାଇଁ ଆମ୍ଭମାନଙ୍କର ବ୍ୟକ୍ତିଚେତନା, ମାନସିକତା ଓ ସକରାତ୍ମକ ଦୃଷ୍ଟିଭଙ୍ଗୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମେ ଆଶାକରେ ଦୁନିଆରେ ଶାନ୍ତି ରହୁ । ମାତ୍ର ଏହି ଶାନ୍ତି କେଉଁଠୁ ଆସିବ ସେ ବିଷୟରେ କେବେ ଚିନ୍ତା କରେନି ।

ଆମେ ଭାବୁ ଦୁନିଆରେ ମନକୁ ମନ ଶାନ୍ତି ଆସିଯିବ । କିନ୍ତୁ ପ୍ରକୃତ କଥା ହେଉଛି ଶାନ୍ତି ଆମ ଭିତରୁ ସୃଷ୍ଟି ହୋଇ ବାହାରକୁ ଖେଳିଯିବା ଦରକାର । ଆମ ସମସ୍ତଙ୍କ ଜୀବନ ଅନେକ ପ୍ରକାରେ ଖଣ୍ଡବିଖଣ୍ଡିତ ହୋଇଛି । ଆମେ ଏମିତି ଜୀବନ କାଟୁଛେ ଯେଉଁଥିରେ ବ୍ୟକ୍ତି ଅନେକ ଭାଗରେ ବାଣ୍ଟି ହୋଇଯାଉଛି । ଆମ ପାଖରେ ଏକ ଭୌତିକ ଶରୀର ଅଛି, ମନ ଓ ବୁଦ୍ଧି ଅଛି, ଭାବନା ଅଛି ଏବଂ ଆମର ଏକ ଆଧ୍ୟାତ୍ମିକ ପକ୍ଷ ମଧ୍ୟ ଅଛି । ଆମ ଶାରୀରିକ ସମସ୍ୟା ହୋଇପାରେ, ଜୀବନରେ କିଛି ମାନସିକ ସମସ୍ୟା ଆସିପାରେ, ଆମେ ଭାବନାତ୍ମକ ଭାବରେ ଦୁଃଖି ହୋଇପାରେ ।

ପ୍ରକୃତରେ ଆମେ କେବେ ବି ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବରେ ସଂଗଠିତ ହୋଇପାରେ ନାହିଁ । କାରଣ ଅଧିକାଂଶ ଲୋକ ନିଜର ଆଧ୍ୟାତ୍ମିକ ପକ୍ଷ ପ୍ରତି ସଚେତନ ନୁହଁନ୍ତି । ଆମେ ଆମ ବ୍ୟକ୍ତିତ୍ୱର ସବୁ ପକ୍ଷକୁ ସଂଗଠିତ କରିବା ଉପରେ ଜୋର ଦିଏନି, ବରଂ ଭିନ୍ନ ଭିନ୍ନ ପକ୍ଷ ଉପରେ ଜୋର ଦିଏ । ଆମେ ନିଷ୍ଠାପର କର୍ମଚାରୀ ହୋଇପାରୁ, ମହତ୍ତ୍ୱାକାଂକ୍ଷୀ ପିତା ହୋଇପାରୁ, ଯଜ୍ଞ ପାଇଁ ଚାନ୍ଦା ଦେଉଥିବା ଶ୍ରଦ୍ଧାଳୁ ହୋଇପାରୁ, ମାତ୍ର ଆଧ୍ୟାତ୍ମିକ ହୋଇପାରୁନି । ଆଧ୍ୟାତ୍ମିକ ମନିଷୀ ଓ ସମାଜର ଦିଗଦ୍ରଷ୍ଟା ମାନଙ୍କ ଦର୍ଶନରେ ଶାନ୍ତି ସଂପୂର୍ଣ୍ଣ ରୂପେ ମଣିଷର ଆୟାତାଧିନ ଥିଲେ ବି ସମସ୍ତେ କିନ୍ତୁ ବାସ୍ତବରେ ଶାନ୍ତି ପାଇଁ ଯତ୍ନବାନ ହେଉନାହାଁନ୍ତି । ସଂପ୍ରତି ସମାଜର ସବୁକ୍ଷେତ୍ରରେ ଅଶାନ୍ତି ଭରି ରହିଛି । ବାପ ପୁଅ, ସ୍ୱାମୀ-ସ୍ତ୍ରୀ, ମାଲିକ ନୌକର, ଗୁରୁ-ଶିଷ୍ୟ, ମା-ଝିଅ ସବୁଠି ସବୁକ୍ଷେତ୍ରରେ ଶାନ୍ତି ଆଜି ଦୂରେଇ ଯାଉଛି ।

ପ୍ରଶ୍ନ ଉଠୁଛି ଏସବୁର ନିରାକରଣ କ'ଣ ? ଆଧ୍ୟାତ୍ମିକ ମାର୍ଗଦର୍ଶକଙ୍କ ତତ୍ତ୍ୱ ଅନୁଯାୟୀ 'ଯେଉଁମାନେ କୌଣସି କାମନା ବାସନା ନରଖି ନିରାଡ଼ମ୍ବର ଓ ଶୋଭନୀୟ ଜୀବନ ବିତାଇ ସର୍ବନିମ୍ନ ଜୀବନ ନିର୍ବାହ କରୁଥିଲେ ବି ସେମାନଙ୍କ ପାଇଁ ଶାନ୍ତି ନିଶ୍ଚିନ୍ତ ।' ଶାନ୍ତିର ପ୍ରାପ୍ତି ପାଇଁ କୌଣସି ବଣ ଜଙ୍ଗଲକୁ ଯାଇ ସାଧକ ହେବା ଲୋଡ଼ା ନାହିଁ କିମ୍ବା ଜଳସ୍ପର୍ଶ ନକରି କଷ୍ଟକର ସାଧନା ବି ଲୋଡ଼ା ନାହିଁ । ଏହାପାଇଁ କେବଳ ନିସ୍ୱାର୍ଥପର ଭାବରେ ମଣିଷ ସମାଜ ପ୍ରତି ମାନବୀୟ ମୂଲ୍ୟବୋଧ ରଖି ଯିଏ ବି ନିଜର ଜୀବନ ଅତିବାହିତ କରିବା ପାଇଁ ଚେଷ୍ଟା ରଖିଥାଏ ଶାନ୍ତି ତା ପାଖରେ ଆପେ ଆପେ ପହଞ୍ଚିଥାଏ । କିନ୍ତୁ ବାସ୍ତବ କଥା ହେଉଛି ଶାନ୍ତି ପାଇଁ ସମସ୍ତେ ବ୍ୟସ୍ତ ଥିଲେ ବି ପ୍ରକୃତରେ ଶାନ୍ତି ପାଇଁ କ'ଣ ସମସ୍ତେ ବ୍ୟାକୁଳିତ ?

ସଂପ୍ରତି ସମାଜରେ ବିଭିନ୍ନ ଚେହେରାର ମୁଖାଧାରୀ ଚରିତ୍ରଙ୍କୁ ଆମ୍ଭେମାନେ ଆଖପାଖରେ ଦେଖିବାକୁ ପାଉ । ସେମାନଙ୍କ ଭିତରୁ ସମସ୍ତେ ଶାନ୍ତି ପାଇଁ ବିବ୍ରତ ହୋଇପଡୁଥିଲେ ବି ଅଶାନ୍ତି ରୂପକ କର୍ମବ୍ୟସ୍ତତା, ଧନପ୍ରତି ଲୋଭ, ଭିତରର ବିଦ୍ୱେଷ ଚରିତ୍ର ଓ ସମାଜରେ ଅଶୋଭନୀୟତା ପାଇଁ ବ୍ୟତିବ୍ୟସ୍ତତା ବାସ୍ତବରେ ସେମାନଙ୍କୁ ଶାନ୍ତି ଠାରୁ ଦୂରେଇ ରଖିଥାଏ ।

ଉପରୋକ୍ତ ଚେହେରା ଭିତରେ କୌଣସି ତାଳମେଳ ନଥାଏ । କିନ୍ତୁ ଯେତେବେଳେ ଗୋଟିଏ ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣ ହୋଇଯାଏ ସେତେବେଳେ ତା ଆଖପାଖର ବିଶ୍ୱ ସମ୍ପୂର୍ଣ୍ଣ ହୋଇଯାଏ । ମାତ୍ର ନିଜ ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ କରିବା ପାଇଁ ନିଜର ଆଧ୍ୟାତ୍ମିକ ପକ୍ଷକୁ ମଧ୍ୟ ବିକଶିତ କରିବାକୁ ହୁଏ । କାରଣ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଉପରେ ହିଁ ଆମର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ନିର୍ଭର କରେ । ଆମ ଆତ୍ମା ଆମ ବ୍ୟକ୍ତିତ୍ୱର ସବୁ ଅଂଶକୁ ଯୋଡ଼ିପାରେ । ହେଲେ ଆମେ ଆମ ଆତ୍ମା ପର୍ଯ୍ୟନ୍ତ ପହଞ୍ଚିବା କିପରି ? ଏଥିପାଇଁ ଆବଶ୍ୟକ ଧ୍ୟାନ । ଧ୍ୟାନ ଅଭ୍ୟାସ ଦ୍ୱାରା ଆମେ ନିଜକୁ ବାହ୍ୟ ଦୁନିଆରୁ ନିଜ ଭିତରକୁ ନେଇପାରିବା, ନିଜ ଆତ୍ମା ସହ ଜଡ଼ିତ ହୋଇପାରିବା ।

ଯେତେବେଳେ ଆମେ ଆମର ଆତ୍ମା ସହ ସଂଯୁକ୍ତ ହୁଏ, ସେତେବେଳେ ଈଶ୍ୱରଙ୍କ ସହ ମଧ୍ୟ ସଂଯୁକ୍ତ ହୁଏ । ଈଶ୍ୱରଙ୍କ ପାଖରେ ସବୁକିଛି ଅଛି ଏବଂ ସବୁକିଛି ପ୍ରଭୁଙ୍କର । ଏହି ଭାବନା ଆମ ମନରେ ଶାନ୍ତି ଦିଏ । ଯେତେବେଳେ ଆମେ ନିଜ ଆତ୍ମା ସହ ସଂଯୁକ୍ତ ହୁଏ ସେତେବେଳେ ପ୍ରେମ, ଶାନ୍ତି, ଆନନ୍ଦ ଓ ସନ୍ତୋଷ ନିଜ ଭିତରେ ପାଏ । ତେଣୁ ଆମର ସମସ୍ତେ ନିଜକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିବା ଆବଶ୍ୟକ, ଏହାଦ୍ୱାରା ଆମେ ସାରା ଦୁନିଆକୁ ସମ୍ପୂର୍ଣ୍ଣ କରିପାରିବା । ସବୁଠାରୁ ବଡ଼ କଥା ଏହାଦ୍ୱାରା ଆମେ ଦୁନିଆକୁ ସୁସ୍ଥ ଓ ଶାନ୍ତିମୟ କରିପାରିବା ।

ସହ-ପ୍ରତିରଦ୍ଧିକ, ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

## କୁନି ଓଠରେ କଥା ନାହିଁ

**।। ଡାକ୍ତର କାନ୍ତୀ ନାୟକ ।।**

ଶିଶୁଟି ୧୧ ମାସ ହେଲାବେଳକୁ ଗୋଟେ ଦି'ଟା ଶବ୍ଦ ଉଚ୍ଚାରଣ କରିପାରୁଛି । ୧୬ମାସ ବେଳକୁ ଅଳ୍ପ କେଇଟି ଶବ୍ଦ ଉଚ୍ଚାରଣ କରୁଛି ଯାହାର ପ୍ରକୃତ ଶବ୍ଦ ସହିତ କିଛି ସାମଞ୍ଜସ୍ୟ ରହୁଛି । ୨୪ ମାସ ବେଳକୁ ସିଏ ଆଉ କିଛି ଏଭଳି ଶବ୍ଦକୁ ତା' ପାଟିରେ କହିବାକୁ ଚେଷ୍ଟା କରୁଛି । କିନ୍ତୁ ଅଧିକାଂଶ ବାପା-ମା ଖିଆଲ କରିପାରୁନାହାନ୍ତି ଦୁଇବର୍ଷ ବେଳକୁ ସିଏ ଅନେକ କିଛି କହିବା କଥା ତା'ଦରୋଟି ଓଠରେ ।

ଶିଶୁରୋଗ ବିଶେଷଜ୍ଞମାନଙ୍କ ଏକ ରିପୋର୍ଟରୁ ଜଣାଯାଇଛି ଏଇ କିଛି ବର୍ଷ ହେଲା ସେମାନଙ୍କ ପାଖକୁ ଦୁଇବର୍ଷ ପାରିକରି ସାରିଥିବା ଶିଶୁମାନଙ୍କ ବାକ୍ ସମସ୍ୟା ନେଇ ଅନେକ ପିତା-ମାତା ଆସୁଛନ୍ତି । ସେମାନଙ୍କ ସମସ୍ୟା ହେଲା ତାଙ୍କ ପିଲା ଏଯାଏଁ କଥା କହୁନି କାହିଁକି । ସବୁ କରୁଛି କିନ୍ତୁ ପାଟିର କଥାରେ ନିଜ ଭାବ ବ୍ୟକ୍ତ କରିପାରୁନି । ଅଧିକାଂଶ ଇଚ୍ଛା ଠାରରେ ବ୍ୟକ୍ତ କରୁଛି । କିଛି କହିବାକୁ ଚାହିଁଲେ ବାପା-ମା'ଙ୍କୁ ଭିଡ଼ିନେଉଛି ସେଇଠିକୁ ଯେଉଁଟା ସିଏ ନିଜେ କହିପାରନ୍ତା ।

ଏମିତି ହେବାର କାରଣ କ'ଣ ? କାହିଁକି କଥା କହିପାରୁନାହାନ୍ତି, ଆଜିକାଲିକା କଅଁଳ ପିଲାମାନେ, ଯେଉଁ ବୟସରେ ସେମାନେ ଅନେକ କିଛି ବକର ବକର ହୋଇ ବାପା-ମା'ଙ୍କୁ ଜେଜେ - ଜେଜେମା'ଙ୍କୁ ବ୍ୟସ୍ତ କରିବା କଥା । ଆସନ୍ତୁ ଦେଖିବା ଡାକ୍ତର ଏବଂ ମନୋବିଜ୍ଞାନୀମାନେ କ'ଣ କହନ୍ତି - ଦିଲ୍ଲୀର ଜନୈକ 'ସ୍ପିଚ୍ ଥେରାପିଷ୍ଟ' ଡାକ୍ତର ରାଜକୁମାର ଶର୍ମା କହନ୍ତି - ସପ୍ତାହକୁ ପାଞ୍ଚରୁ ସାତଟି ପିଲାଙ୍କ ବାପା-ମା ତାଙ୍କ ପାଖକୁ ଯାଇଥାନ୍ତି ସେମାନଙ୍କ ପିଲାଙ୍କୁ ନେଇ, ଯେଉଁମାନଙ୍କ ଠାରେ ଏଭଳି ବାକ୍ ସମସ୍ୟା ରହିଛି । ଏମାନଙ୍କ ଭିତରୁ ଅଧିକାଂଶ ବାପା-ମା ଚାକିରିଆ ଏବଂ ନ୍ୟୁକ୍ଲିୟର (ଛୋଟ ପରିବାର)କୁ ଆପଣେଇ ନେଇଛନ୍ତି । ଏଇ କାରଣରୁ ସେମାନେ ତାଙ୍କ ପିଲାଙ୍କୁ ଯଥେଷ୍ଟ ସମୟ ଦେଇପାରନ୍ତି ନାହିଁ । ଫଳରେ ପିଲାଙ୍କ ପାଖରେ ବାକ୍ ସମସ୍ୟା ଏବଂ ଭାଷାଗତ ସମସ୍ୟା ଦେଖାଦେଉଛି ।

ଡାକ୍ତର ଶର୍ମା କହନ୍ତି - ମନୀତ୍ଠାରେ କୌଣସି ଶାରୀରିକ ଅକ୍ଷମତା ନଥିବା ସତ୍ତ୍ୱେ ସେ ଚାରିବର୍ଷ ବୟସରେ ମଧ୍ୟ ଭଲରୂପେ କଥା କହିପାରୁ ନାହିଁ । ତା'ର ସମସ୍ୟା ସେ ବଢୁଥିବା ପରିବାରରୁ ହିଁ ଆରମ୍ଭ ହୋଇଛି । ବାପା-ମା' ଚାକିରିଆ ହୋଇଥିବାରୁ ତା' ପାଇଁ କେହି ସମୟ ଦେଇପାରନ୍ତିନି । ଏଥିସହିତ ସେମାନଙ୍କ ଭିତରେ ସବୁବେଳେ ମନୋମାଳିନ୍ୟ ଲାଗି ରହିଥାଏ । ପିଲାଙ୍କ ବାକ୍ ସମସ୍ୟା ଅନ୍ୟାନ୍ୟ ପାରିପାର୍ଶ୍ୱିକ ପରିବେଶ ଠାରୁ ନିଜ ପରିବାର ଦ୍ୱାରା ବେଶୀ ପ୍ରଭାବିତ ହୋଇଥାଏ । ମନୀତ୍ଙ୍କ ମା' କହନ୍ତି - ସେ ତାଙ୍କ ବଡ଼ ପୁଅର ପାଠପଢ଼ାରେ ନିଜ ସମୟତକ ବ୍ୟୟ କରୁଥିବାରୁ ଝିଅ ମୀନତ୍ ପାଇଁ ସମୟ ଦେଇପାରି ନାହାନ୍ତି ଠିକ୍ରୂପେ ।

ଏକ ବର୍ଷର ନିୟମିତ ଚିକିତ୍ସା ପରେ ଏବେ ମନୀତ୍ ଛୋଟ ଛୋଟ ବାକ୍ୟ କହିପାରୁଛି । ଏଯାଏଁ ସେ ଅନ୍ୟ ସହିତ ଭାବବିନିମୟ କରିପାରି ନାହିଁ । କେବଳ ନିଜର ଅତ୍ୟାବଶ୍ୟକ ଚାହିଦା ପାଇଁ ପାଟି ଖୋଲିପାରୁଛି । ଉଦାହରଣ ସ୍ୱରୂପ - ମୋତେ ଭୋକ ହେଲାଣି । ମୋର ପେନ୍ସିଲ ଅଛି । ଏଇଭଳି ଛୋଟ ଛୋଟ ବାକ୍ୟ ସେ କହିପାରୁଛି । କାହାସହ ପ୍ରାଣଖୋଲି ଗପିପାରୁନି ଅନ୍ୟ ପିଲାମାନେ ଯେମିତି ଗପନ୍ତି ।

ଆଜିକାଲି ଦେଖାଯାଉଛି ଅଧିକାଂଶ ବାପା-ମା ଅଫିସରୁ ଫେରି ସାମାନ୍ୟ ଚା'ଜଳଖିଆ ଖାଇ ସେମାନଙ୍କ ଲାପ୍ଟପ୍ / କମ୍ପ୍ୟୁଟରକୁ ନେଇ ବ୍ୟସ୍ତ ରହୁଛନ୍ତି । ସେତେବେଳେ ପିଲାଟି ଚୁପ୍ଚାପ୍ ତା' ଖେଳଣା ନେଇ ବ୍ୟସ୍ତ ରହୁଛି । କଥା କାହା ସାଙ୍ଗରେ କହିବ ସିଏ ? ଅନେକ ବାପା-ମା' ଭାବିଥାନ୍ତି ପିଲାମାନଙ୍କୁ ଟିଭି ପାଖରେ ବସେଇଦେଲେ ସେମାନେ ସେଇଥିରୁ ଭାଷା ଶିଖିଯିବେ, କଥା କହିବା ଶିଖିଯିବେ, କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା । ଟିଭିରେ ଦେଖାଯାଉଥିବା ଦୃଶ୍ୟ ପିଲାମାନଙ୍କ ବୁଝିବା ପାଇଁ ଯଥେଷ୍ଟ ହୁଏ । ସେମାନଙ୍କ ମସ୍ତିଷ୍କ ଦୃଶ୍ୟରୁ ବୁଝିଯାଏ ସବୁ । ଭାଷାକୁ ଗୁରୁତ୍ୱ ଦିଏନି । ପିଲାମାନେ ଚରିତ୍ରଟି କ'ଣ କହୁଛି ତା' ଉପରେ ବେଶୀ ଗୁରୁତ୍ୱ ଦିଅନ୍ତି ନାହିଁ । କେବଳ ଚରିତ୍ରର ବଡ଼ିଲାଙ୍ଗୁଏଜ୍କୁ ସିଏ ଦେଖିଥାଏ । ସେଇଥିରୁ ସିଏ ଯାହା ବୁଝେ । ଛୋଟିଆ ପିଲାଟିକୁ ଗୋଟେ ଇଂରାଜୀ ଧାରାବାହିକ ଯଦି ଦେଖାଇ ଦିଆଯାଏ ସେ ତାର ଭାଷା ନ ବୁଝିପାରି ଟିଭି ଦେଖାରୁ ଦୂରେଇ ଯିବନି । ଏକଥା କହନ୍ତି - ଦିଲ୍ଲୀର ବାକ୍ ବିଶେଷଜ୍ଞ, ଡାକ୍ତର କ୍ଷତୀଶ ମଲ୍ଲିକ । ପିଲାଙ୍କ ବାକ୍ ପ୍ରାଞ୍ଜଳତା ବାପା-ମା'ଙ୍କ ଉପରେ ନିର୍ଭର କରେ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି - ଉଦାହରଣ ସ୍ୱରୂପ ଯଦି ସାନ ପିଲାଟିଏ ତା' ମାକୁ କହୁଛି - 'ମୋତେ ଲୁଟି ଦିଅ ମୁଁ ଖାଇବି' । ତାକୁ ବାରମ୍ବାର ବୁଝେଇ ଦେବା ଉଚିତ ଯେ ସେଇଟା 'ଲୁଟି' ନୁହଁ ରୁଟି । ତା'ପରେ ବି ଯଦି ସେ ଭୁଲ୍ କରେ ତେବେ ସିଏ ଲୁଟି ମାଗିଲେ ତାକୁ ରୁଟି ଦିଅନ୍ତୁ ନାହିଁ । ତାକୁ କୁହନ୍ତୁ ସେ ନିର୍ଭୁଲ୍ ଭାବରେ କହିଲେ ତାକୁ ରୁଟି ଦିଆଯିବ ।

ଏଭଳି କଲେ ଦେଖିବେ ସେ ଆସ୍ତେ ଆସ୍ତେ ତା' ଭୁଲ୍ ବୁଝିପାରିବ ଏବଂ ଠିକ୍ ଉଚ୍ଚାରଣ କରିବ । ଆଜିକାଲି ଦେଖାଯାଉଥିବା ଇଣ୍ଟରକାଷ୍ଟ ମ୍ୟାରେଜ୍ ବା ଦୁଇଟି ଭିନ୍ନ ଭାଷାଭାଷୀ-ସ୍ତ୍ରୀ - ପୁରୁଷଙ୍କ ଭିତରେ ବିବାହ - ପିଲାଙ୍କ ବାକ୍ ସମସ୍ୟାକୁ ଅଧିକ ପ୍ରଭାବିତ କରୁଛି । ସିଏ କେଉଁ ଭାଷାକୁ ଶିଖିବ - ବାପାଙ୍କର ନା ମା'ଙ୍କର ଦ୍ୱନ୍ଦ୍ୱରେ ପଡୁଛି । ଏସବୁ ସମସ୍ୟାକୁ ବାପା-ମା' ଟିକେ ଗୁରୁତ୍ୱ ଦେଲେ ଏଭଳି ସମସ୍ୟା ଅନେକ ଦୂରେଇ ଯିବ ।

**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' ମଙ୍ଗଳାବାଗ, କଟକ,**
**ଦୂରଭାଷ : ୯୪୩୮୨୭୬୭୬୦**

## ନୂଆଗାଁ ପ୍ରିମିୟର ଲିଗ୍ ୨୦୨୫

ନୂଆଗାଁ, (ମହାଭାରତ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ସଦରମହକୁମାରେ ଏଫଇସିସି କ୍ଲବ୍ ଆନୁକୂଲ୍ୟରେ ନୂଆଗାଁ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ନୂଆଗାଁ ପ୍ରିମିୟର ଲିଗ୍ ର ପ*ମ ସଂସ୍କରଣ ତଥା ଏନପିଏଲ-୨୦୨୫ର ଫାଇନାଲ ମ୍ୟାଚରେ ପ*ସଖା କୃଷକ କ୍ଲବକୁ ହରାଇ ପିସିସି ଲିଜେଣ୍ଡ ଚାମ୍ପିଅନ ହୋଇଛି । ପ୍ରାରମ୍ଭିକ ବ୍ୟାଟିଂ କରି ପ*ସଖା କୃଷକ କ୍ଲବ ୧୪ ଓଭରରେ ସମସ୍ତ ୱିକେଟ ହରାଇ ୯୧ ରନ ସଂଗ୍ରହ କରିଥିବା ବେଳେ ଏହାର ଜବାବରେ ପିସିସି ଲିଜେଣ୍ଡ ୧୫ ଓଭରରେ ୮ ୱିକେଟ ହରାଇ ୯୩ ରନ ସଂଗ୍ରହ କରି ମ୍ୟାଚ ଜିତି ଚାମ୍ପିଅନ ହୋଇଛି । ବିଜେତା ଦଳ ତଥା ରନର୍ସଅପ୍ ଦଳକୁ ଶକ୍ତି ଭାରତ ଗ୍ୟାସ ଦ୍ୱାରା ପ୍ରଦତ ଟ୍ରଫି ଦ୍ୱାରା ସମ୍ମାନିତ କରାଯାଇଥିଲା । ସମସ୍ତ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ପାତ୍ର ବଜାର ନୂଆଗାଁ ଦ୍ୱାରା ପ୍ରଦାନ କରାଯାଇଥିଲା । ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ତଥା ନୟାଗଡ଼ ଜିଲ୍ଲା ବିଜେଡି ସଭାପତି ରମେଶ ଚନ୍ଦ୍ର ବେହେରା ଯୋଗଦେଇ କ୍ରୀଡ଼ା ସମସ୍ତଙ୍କ ପାଇଁ ନିତ୍ୟାନ୍ତ ଜରୁରୀ ଅଟେ ଏହା ଦ୍ୱାରା ଜଣେ ଯୁବକ ସୁସ୍ଥ ରହିବା ସଙ୍ଗେ ସଙ୍ଗେ ସୁସ୍ଥ ସମାଜ ଗଠନରେ ସହାୟକ ହେବ ବୁଲି ବିଧାୟକ ଶ୍ରୀ ବେହେରା କହିଥିଲେ ଏବଂ ଚମ୍ପିଆନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଦଶପଲ୍ଲା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ, ସମାଜସେବୀ ଶଙ୍କର୍ଷଣ ବେହେରା, ୧୭ ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଦିଲ୍ଲୀପ ଦଳବେହେରା, ଗଜେନ୍ଦ୍ର ନାଥ ପ୍ରଧାନ,ଦାଶରଥୀ ପ୍ରଧାନ,ରମେଶ ଚନ୍ଦ୍ର ପ୍ରଧାନ, ଭଗବାନ ପ୍ରଧାନ, ପ୍ରବୀର ନାୟକ, ପ୍ରକାଶ ନାୟକ, ଶିବଦତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଖେଳକୁ ଜିତେନ୍ଦ୍ର ଜୟ ସିଂ ଓ ସନ୍ତୋଷ କୁମାର ପରିଡ଼ା ପରିଚାଳନା କରିଥିବା ବେଳେ ଏଫଇସିସି କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ନିଖୋଜ ଯୁବତୀଙ୍କ ଗଳିତ ମୃତ ଦେହ ଉଦ୍ଧାର

ଅନୁଗୋଳ,(ମହାଭାରତ): ଅନୁଗୋଳ ଜିଲ୍ଲା ବଁଅରପାଳ ଥାନା ଅନ୍ତର୍ଗତ ଭୋଗବେରଣି ପ*ାୟତ କେନ୍ଦୂପଲି ନିକଟ କେନାଲ ପାଖରୁ ଯୁବତୀଙ୍କ ଗଳିତ ମୃତ ଦେହ ଉଦ୍ଧାର ହୋଇଛି । ଭୁବନେଶ୍ୱର ଯିବାକୁ ଆସି ତାଳଚେର ଷ୍ଟେସନରୁ ନିଖୋଜ ହୋଇ ଯାଇଥିଲେ ଯୁବତୀ । ସୂଚନା ଅନୁସାରେ, ଅନୁଗୋଳ ଜିଲ୍ଲା କଣିହାଁ ଥାନା ଅନ୍ତର୍ଗତ ଲୋଧାଝରି ଗ୍ରାମର ସୁଭଦ୍ରା ପାଡ଼ିନ ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ । କିଛି ଦିନ ତଳେ କମ୍ପାନୀରୁ ଛୁଟି ନେଇ ଘରକୁ ବୁଲି ଆସିଥିଲେ । ଗତ ୨୬ ତାରିଖରେ ପୁନଶ୍ଚ ଭୁବନେଶ୍ୱର ଯିବା ପାଇଁ ଘରୁ ବାହାରି ଆସିଥିଲେ । ତାଳଚେର ଷ୍ଟେସନରେ ପହଁ* ଟ୍ରେନ ନଥିବା ଜାଣିବାକୁ ପାଇଥିଲେ । ତେଣୁ ଅଟୋରିକ୍ସା ରେ ତାଳଚେର ରୋଡ ଷ୍ଟେସନ ବାହାରି ଯାଇଥିଲେ । କିନ୍ତୁ ଅଟୋ ରେ ବାହାରି ଯିବା ପରେ ସୁଭଦ୍ରାଙ୍କ ଫୋନ୍ ସ୍ୱିଚ ଅଫ ଦେଖାଇଥିଲା । ଘର ଲୋକ ଯେତେ ଚେଷ୍ଟା କଲେ ବି ତାଙ୍କ ଫୋନ୍ ଲାଗି ନ ଥିଲା କି ଯୋଗାଯୋଗ ହୋଇନଥିଲା । । ବହୁତ୍ ଖୋଜାଖୋଜି ପରେ ମଧ୍ୟ ଝିଅର ସନ୍ଧାନ ନ ପାଇ ନିରାଶ ହୋଇ ପର ଦିନ ଅର୍ଥାତ୍ ୨୭/୦୫/୨୫ ରିଖ ପରିବାର ଲୋକେ ତାଳଚେର ଷ୍ଟେସନ ପରିସରରେ ଥିବା ରେଳବାଇ ଫାଣ୍ଡିରେ ଝିଅ ନିଖୋଜ ହେବା ନେଇ ଏକ ଲିଖିତ ଅଭିଯୋଗ କରିଥିଲେ ଝିଅର ଭାଇ ପ୍ରଶାନ୍ତ କୁମାର ପାଡିନ । ତେବେ ଆଜି (ରବିବାର) କେନ୍ଦୂପଲି ଗ୍ରାମ କେନାଲ ପାଖରୁ ଯୁବତୀଙ୍କ ଗଳିତ ମୃତ ଦେହ କିଛି ସ୍ଥାନୀୟ ଲୋକ ଦେଖି ଥାନାକୁ ଖବର ଦେଇଥିଲେ ।ଯୁବତୀଙ୍କ ଭାଇ ପହଁ* ମୃତଦେହ ଚିହ୍ନଟ କରିଥିଲେ । ଘଟଣାସ୍ଥଳରେ ବଁଅରପାଳ ପୁଲିସ, ଡ଼ଗ ସ୍କ୍ୱାର୍ଡ ,ସାଇ[ଫିକ୍ ଟିମ୍, ଅନୁଗୁଳ ଏସ୍ ?ପି ରାହୁଲ ଜୈନ, ଅନୁଗୁଳ ଏସ୍ ?ଡିପିଓ ରମାକାନ୍ତ ମହାଳିକ ପହଁ* ଘଟଣାର ତଦନ୍ତ ଚଳାଇଛନ୍ତି । ଅନ୍ୟ ପଟେ ଘର ଚଳାଉଥିବା ଝିଅକୁ ହରାଇ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି ଝିଅର ବାପା ପ*ାନନ ପାଡିନ । ଝିଅକୁ ଅଟୋ ଚାଳକ କେଉଁଆଡେ ଅପହରଣ କରିନେଇଥିବା ମଧ୍ୟ ଘର ଲୋକ ସନ୍ଦେହ କରିଥିଲେ । ତେବେ ପୋଲିସ ଉକ୍ତ ଅଟୋକୁ ଜବତ୍ କରିଛି କିନ୍ତୁ ଅଟୋ ଚାଳକ ଜଣକ କେଉଁଆଡେ ଫେରାର ହୋଇଯାଇଥିବାରୁ ସନ୍ଦେହ ଆହୁରି ଘନୀଭୂତ ହେଉଛି ।

## ପାରାଦୀପ କରାଟେ ଆସୋସିଏସନ ପକ୍ଷରୁ ଆତ୍ମରକ୍ଷା ଶିବିର



ପାରାଦୀପ, (ମହାଭାରତ) : ପାରାଦୀପ କରାଟେ ଆସୋସିଏସନ ପକ୍ଷରୁ ଏକ କରାଟେ ବେଲ୍ଟ ପରୀକ୍ଷା ଏବଂ ଆତ୍ମରକ୍ଷା ଶିବିର ପାରାଦ୍ୱୀପ ଗଡ଼ ଠାରେ ଆୟୋଜିତ ହୋଇଯାଇଛି । ଏହି ପରୀକ୍ଷା ରେ ୭୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଭାଗ ନେଇ ଥିଲେ ଏବଂ ଉତୀର୍ଣ୍ଣ ପରୀକ୍ଷାର୍ଥୀ ଙ୍କୁ ବିଭିନ୍ନ ରଙ୍ଗ ର ବେଲ୍ଟ ପ୍ରଦାନ କରାଯାଇଥିଲା ଏବଂ ଏଥିରେ ୨ ଜଣ ବ୍ଲାକ ବେଲ୍ଟ ପାଇଥିଲେ । ମୁଖ୍ୟ ପ୍ରଶିକ୍ଷକ ସେନସାଇ କାହ୍ନୁ ମଲ୍ଲିକ ସମସ୍ତଙ୍କୁ ବେଲ୍ଟ ଏବଂ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ସଞ୍ଜୟ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି ସମୟରେ ଆତ୍ମରକ୍ଷା ଦିଗରେ ଏହି ଶିବିର ଆୟୋଜନ ର ଗୁରୁତ୍ୱ ଉପରେ ଆଲୋକପାତ କରି ମୁଖ୍ୟ ପ୍ରଶିକ୍ଷକ ଶ୍ରୀ ମଲ୍ଲିକଙ୍କ ଉଦ୍ୟମ ଓ ପ୍ରଚେଷ୍ଟା କୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଶିକ୍ଷକ ଅମର ଜ୍ୟୋତି ରାଉତ ପରିଚାଳନା କରିଥିବା ବେଳେ ଆସୋସିଏସନ ର ମାନସ ଦୋରା, ବିସ୍ମୟ ପ୍ରଧାନ, ଶୁଭଶ୍ରୀ ପ୍ରଧାନ ଏଥିରେ ସହଯୋଗ କରିଥିଲେ ।

## ଲକ୍ଷ୍ମୀ ବସ୍-ହାଇୱା ଧକ୍କା: ୭ ଜଣ ଗୁରୁତର

କରଞ୍ଜିଆ,(ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ଅନ୍ତର୍ଗତ ନଂ ୫୩ ରାଜ୍ୟ ରାଜପଥ ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତା ର ସାତକୋଶିଆ ନିକଟ ଘୋଡାଘାଟି ନିକଟରେ ସୋମବାର ଦିନ ପ୍ରାୟ ୧୦ ଟା ସମୟରେ ଓ ଏସ ଆର ଟିସି ବସ ବା (ଲକ୍ଷ୍ମୀ ବସ୍) ସହିତ ଏକ ହାଇୱା ର ମୁହାଁମୁହିଁ ଧକ୍କା ହୋଇଛି ।ଦୁର୍ଘଟଣା ରେ ବସ ଷ୍ଟିୟରିଙ୍ଗ ରେ ଚାପି ହୋଇ ବସ ଡ୍ରାଇଭର କ୍ଷେତ୍ରମୋହନ ମହାନ୍ତ ଙ୍କ ସମେତ ୧୩ ଜଣ ଗୁରୁତର ହୋଇଛନ୍ତି । ଅନ୍ୟ ୨୩ ଜଣ ଯାତ୍ରୀ ଆହତ ହୋଇଛନ୍ତି । ଦୁର୍ଘଟଣା ସ୍ଥଳରୁ ଗୁରୁତର ଓ ଆହତ ଙ୍କୁ ଉଦ୍ଧାର କରି ଅଗ୍ନିଶମ ବିଭାଗ ଗାଡି ଓ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ଭର୍ତି କରାଯାଇଛି । ଆହତ ଯାତ୍ରୀ ମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି ।ଅନ୍ୟ ଗୁରୁତର ଙ୍କ ମଧ୍ୟରୁ ୭ ଜଣକୁ କଟକ ବଡ଼ ମେଡିକାଲ କୁ ସ୍ଥାନାନ୍ତର କରାଯାଇଛି । ସେମାନେ ହେଲେ ରେବତୀ ନାୟକ, ସୁରୁ ସିଂ, ପାନ ଶୁଣ୍ଡି, ବସନ୍ତ ନାୟକ, ବଳରାମ ନାୟକ, କ୍ଷତ୍ରମୋହନ ମହାନ୍ତ, ବୁଧୁନି ହାଇବୁରୁ ।ଦୁର୍ଘଟଣା ର ଖବର ପାଇ ମହୁଲଡ଼ିହା ଥାନା ପୋଲିସ ଓ ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ତହସିଲଦାର ସମ୍ବିତ କୁମାର କର, କରଞ୍ଜିଆ ପିଏ ଆଇ ଟି ଡିଏ ଘଟଣା ସ୍ଥଳରେ ପହଁ* ଉଦ୍ଧାର କାର୍ଯ୍ୟ ର ତଦାରଖ ସହ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ପହଁ* ଆହତ ଗୁରୁତର ଙ୍କ ଅବସ୍ଥା ତଦାରଖ କରିଛନ୍ତି । ସୂଚନା ଅନୁଯାୟୀ ଠାକୁରମୁଣ୍ଡା ବ୍ଲକ ଶାଳଚୁଆ ଠାରୁ ଓ ଏସ ଆର ଟିସି ବସ ନମ୍ବର ଓଡ଼ି ୧୧ ଏ ଇ ୩୪୬୩ ରେ ଯାତ୍ରୀ ମାନଙ୍କୁ ନେଇ ବସ ଠାକୁରମୁଣ୍ଡା ଆସୁଥିବା ବେଳେ ବିପରୀତ ଦିଗରୁ ଠାକୁରମୁଣ୍ଡା ପଟୁ ଜେ ଏଚ ୦୫ ଟିସି ୨୩୯୫ ନମ୍ବର ବିଶିଷ୍ଟ ନୂଆ ୧୨ ଚକିଆ ହାଇୱା ଆନନ୍ଦପୁର ଆଡକୁ ଯାଉଥିବା ବେଳେ ସାତକୋଶିଆ ନିକଟ ଘୋଡାଘାଟି ଠାରେ ବସ ସହିତ ହାଇୱା ମୁହାଁମୁହିଁ ଧକ୍କା ହୋଇ ଯାଇଥିଲା । ରାସ୍ତା ଉପରୁ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟି କୁ ଜେସିବି ସାହାଯ୍ୟ ରେ ହଟା ଯାଇଛି ।ଦୁର୍ଘଟଣା ପରେ ପ୍ରାୟ ୧ ଘଂଟା ଧରି ରାସ୍ତା ଜାମ ହୋଇ ଯାନବାହନ ଚଳାଚଳ ବନ୍ଦ ହୋଇ ଯାଇଥିଲା । ମହୁଲଡିହା ପୋଲିସ ଗାଡି ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

# ବେଆଇନ ବାଲି ମୋରମ ମାଫିଆଙ୍କ ଚରାଭୂଇଁ ଦାନଗଦି



ଦାନଗଦି, (ମହାଭାରତ) : ମାଫିଆଙ୍କ କବଜାରେ ଦାନଗଦି ର ଲଘୁ ଖଣିଜ ସମ୍ପଦ । ଦିନ ଆଲୁଅରେ ବେଧଡ଼କ ଲୁଟୁଛନ୍ତି ବାଲି, ଖୋଳୁଛନ୍ତି ମୋରମ୍ । ପ୍ରତିଦିନ ବହୁ ଲକ୍ଷ ଟଙ୍କା ର ହରିଲୁଟ । ଆଖିରେ ଅନ୍ଧପୁଟୁଳି ବାନ୍ଧିଛି ଲଘୁ ଖଣିଜ ବିଭାଗ । ମୁହଁରେ ତୁଣ୍ଡି ବାନ୍ଧି ବସିଛି ଦାନଗଦି ତହସିଲର ଓ ନୂତନ କମିଟି । ଘର ନିର୍ମାଣ ଓ ସରକାରୀ କାର୍ଯ୍ୟ ପାଇଁ ସର୍ବାଧିକ ଆବଶ୍ୟକତା ନଦୀ ବାଲି ଓ ରାସ୍ତା, ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଥିବା ମରୋମ କୁ ନେଇ ସରକାର ନୂତନ କମିଟି ଗଠନ କରିଥିବା ବେଳେ ଦୀର୍ଘ ଦିନ ପରେ ମଧ୍ୟ ଦାନଗଦି ତହସିଲ ପକ୍ଷରୁ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ଏବେ ସେହି ବାଲି କୁ ଅଘୋଷିତ ଭାବେ ଟେକି ଦିଆଯାଇଛି ମାଫିଆଙ୍କ ହାତକୁ । ପଙ୍କପାଳ ଘାଟ ରେ ଲୁଚକାଳି ଖେଳିବାର ଦେଖିବାକୁ ମିଳିଛି । ଆଠଦିନ ବନ୍ଦ ତ ଆଠଦିନ ଖୋଲା ରଖି ଏଠାରୁ ପ୍ରତିଦିନ ଲକ୍ଷ ଟଙ୍କାର ବାଲି ଲୁଟ ହେଉଛି । ସେହିପରି ଦାନଗଦି ବ୍ଲକ ରେ ଥିବା ବାଙ୍ଗରକୋଟା ରାଜସ୍ୱ ଅଧିକାରୀଙ୍କ ଜାଣତରେ ସେହି ଅଂଚଳରେ ଏକାଧିକ ସ୍ଥାନରେ ସର୍ବ ସମ୍ମୁଖ ରେ ଲୁଟ ବାଲି ସରକାରୀ ଜାଗା ରେ ପାହାଡ଼ ପ୍ରାୟ ଗଦା କରି ବିକ୍ରି ହେଉଛି । କିନ୍ତୁ କାର୍ଯ୍ୟାନୁଷ୍ଠାନ ଶୂନ । ଏ ବାବଦରେ ବିଧିବଦ୍ଧ ଭାବେ ଉପ ଜିଲାପାଳ ଖବର ପାଇଛନ୍ତି । ଲଘୁ ଖଣିଜ ସମ୍ପଦ ଡିଡିଏମ୍‌ଙ୍କ ପାଖରେ ସବୁ ତଥ୍ୟ ପ୍ରମାଣ ରହିଛି । ଜିଲାପାଳ ମହୋଦୟା ମଧ୍ୟ ଏ ବାବଦରେ ଜ୍ଞାତ ରହିଛନ୍ତି । ମାତ୍ର ଅଚଳ ପ୍ରଶାସନ ଗତ ମାସ ମାସ ହେଲା ହାତ ଟେକି ବସିଛି । ଏପଟେ ବ୍ରାହ୍ମଣୀ ନଦୀ ବାଲି ଶଯ୍ୟା ଉପରେ ପୈତୃକ ଅଧିକାର ସାବ୍ୟସ୍ତ କରିଛନ୍ତି ଚକୁଆ ଓ ଖପୁରିଆପଦା ବାଲି ମାଫିଆ । ଚକୁଆ ଲୋକେ ବାଲି ଲୁଟିବାକୁ କମିଟି ଗଠନ କରିଥିବା ବେଳେ ବର୍ଷ ବର୍ଷ ଧରି ସେମାନେ ବେଧଡ଼କ ଏହି ଲୁଟ ଜାରି ରଖି ଆସିଛନ୍ତି । ଏପରିକି ଚୋରା ବାଲି ବାବଦକୁ ଆଦାୟ ହୋଇଥିବା ୨ କୋଟି ପାଖାପାଖି ଟଙ୍କା ନିକଟ ଅତୀତରେ ଭାଗ ବାଂଟ ହୋଇ ଚଳୁ ହୋଇଥିବା ଜଣାପଡିଛି । ଦେଖା ଶିକ୍ଷା ଓଡିଶା ଦାୟରେ ଲୁଟ ରେ ପୁରୁଣା ମୂଷା ସାଜିଥିବା ଚକୁଆ ବାଲାଙ୍କ ଠାରୁ ଖପୁରିଆପଦା କିଛି ଗୋଷ୍ଠୀ ସମାନ ଢଙ୍ଗରେ ନକଲ କରି ବେପାର ପସରା ମେଲାଇଛନ୍ତି । ଏଠାରେ ପ୍ରତିଦିନ ୫୦ ହଜାର ଟଙ୍କା ପାଖାପାଖି ବେଆଇନ ରୟାଲିଟି ଆଦାୟ ହେଉଛି । ଜଣେ ସରକାରୀ ଅଧିକାରୀ ଏହି ଲୁଟର ସୂତ୍ରଧର ସାଜି ଟଙ୍କା ହିସାବ ସ*ାଳନ କରୁଥିବା ଜଣାପଡ଼ିଛି । ଏ ବାବଦରେ ବ୍ୟାସନଗର ପୁଲିସ, ଲଘୁ ଖଣିଜ ସମ୍ପଦ ବିଭାଗ ଓ ତହସିଲ୍‌କୁ ଗ୍ରାମବାସୀ ବାରମ୍ବାର ଅବଗତ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସ୍ଥାନୀୟ ଅଂଚଳରେ କିଛି ଭଦ୍ର ବ୍ୟକ୍ତି ଅବଗତ କରିବା ପାଇଁ ଚେଷ୍ଟା କରୁଥିବା ର ସୂଚନା ମିଳିଛି । କେବଳ ବାଲି ଚୋରି ନୁହେଁ ଦାନଗଦି ତହସିଲ ଅ*ଳରେ ନିଲାମ ନହୋଇ ଗଚ୍ଛିତ ରହିଥିବା ମୋରମ ବହୁ ମାତ୍ରାରେ ଲୁଟ ଚାଲିଛି । ନିୟୁଭିଷ୍ଟା ସିମେଟ କାରଖାନା କୁ ରେଳପଥ ସଂଯୋଗ ପାଇଁ ବ୍ୟାପକ ମୋରମ ଖନନ ହୋଇଥିଲା । ଦାନଗଦି ତହସିଲ୍ ଜ୍ଞାତସାରରେ କାରଖାନା ସମ୍ମୁଖ ପଡିଆ ମାଣତୀରା ମୌଜାରେ ଏହାକୁ ପାହାଡ଼ ପ୍ରାୟ ଗଛିତ ରଖା ଯାଇଥିଲା । ଯେଉଁ ମୋରମରୁ ବିପୁଳ ପରିମାଣର ଲୁଟ ହୋଇଥିବା ଦେଖିବାକୁ ମିଳିଛି । ଏ ବାବଦରେ ଫଟୋ ଓ ଭିଡିଓ ସ୍ଥାନୀୟ ଦାନଗଦି ତହସିଲଦାର ଓ ଯାଜପୁର ଜିଲ୍ଲା ଲଘୁ ଖଣିଜ ବିଭାଗ କୁ ପ୍ରେରଣ ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ । କିଛି ନିର୍ଦ୍ଦିଷ୍ଟ ଶିଳ୍ପସଂସ୍ଥା ମଧ୍ୟ ରେ ହଜାର ହଜାର ଟ୍ରିପ ମୋରମ ଗଛିତ କରି ମୋରମ ମାଫିଆଙ୍କ ସହିତ ସନ୍ଧି କରି ଏଠାରୁ ଏବେ ରାତି ଅଧିଆ ଲୁଟ ହେଉଥିବା କୁହାଯାଉଛି । ସ୍ଥାନୀୟ ଅ*ଳର କିଛି ଠିକାଦାର ମୋରମ ମାଫିଆରାଜ ଚଳାଇ ଆସୁଥିବା ଅଭିଯୋଗ ହେଉଛି କ୍ଷ ଚୋରା ମୋରମ ମାନତିରା ପ*ାୟତ ର ଖାତା ନମ୍ବର ୮୭, ୧୭ ର ପ୍ଲଟ ନମ୍ବର ୫୭୧ ଓ ୫୭୦ ସମେତ ଅନେକେ ପ୍ଲଟ ରେ ବ୍ୟବହାର ହେଉଥିବା ବେଳେ ସ୍ୱଷ୍ଟ ଦିନ ଆଲୁଅରେ ଚାଲିଥିବା ଏହି କାରବାର ଉପରେ କାହାର ଅଙ୍କୁଶ ନାହିଁ । ଏଠାରେ ଥିବା ମୋରମ ବିଧିବଦ୍ଧ ଭାବେ ନିଲାମ ହୋଇଥିଲେ ପ୍ରଶାସନ ଆହୁରି ବହୁ କୋଟି ଟଙ୍କାର ରାଜସ୍ୱ ପାଇ ପାରିଥାନ୍ତା । ମାତ୍ର ଏହା ମାଫିଆଙ୍କ ହାତକୁ କିଏ ଟେକି ଦେଲା ତାହା ତଦନ୍ତ ସାପେକ୍ଷ । ମୋଟାମୋଟି ଭାବେ କହିବାକୁ ଗଲେ ରାଜସ୍ୱ ବିଭାଗ ଅଧୀନରେ ଥିବା ତହସିଲ ଓ ଲଘୁ ଖଣିଜ ସମ୍ପଦ ବିଭାଗର ଗୁପ୍ତ ସଲାସୁତୁରାରେ ଦାନଗଦି ତହସିଲ ଅ*ଳ ବାଲି ଓ ମୋରମ ମାଫିଆଙ୍କ ଅଭୟାରଣ୍ୟ ପାଲଟିଛି । ଯାହାକୁ କି ପ୍ରଶାସନ କେବଳ ପାଳଭୂତ ସାଜି ଜଗିବାର ଅଭିନୟ କରୁଛି ।

## ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର



ଗୋଲାମୁଣ୍ଡା, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କେଗାଁ ଗ୍ରାମପ*ାୟତ ଠାରେ ଗ୍ରାମ ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ସହକାରି ଯନ୍ତ୍ରୀ ପର୍ଶୁରାମ ନାୟକ, ଏବିଇଓ ଲବଣି ନାଏକ, ରାଜସ୍ୱ ନୀରିକ୍ଷକ ଶୋଭା କିଶୋର ମଲ୍ଲିକ,ସରପ* ଆମୃତା ବଛା, ଆରଡବ୍ଲୁଏସଏସ କନିଷ୍ଠ ଯନ୍ତ୍ରୀ ରିତାରାଣୀ କିଶାନ, କନିଷ୍ଠ କିରାଣୀ ନନ୍ଦିନୀ ଶବର, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ନାଏକ, ଆଇସିଡ଼ିଏସ ମହିଳା ପରିଦର୍ଶିକା ଶାନ୍ତିଲତା ମଙ୍ଗରାଜ, ପିଇଓ ଶୁଭାଶିଷ ନାଏକ, ଜିଆରଏସ ଯୁଗେଶ୍ୱର ଚଣ୍ଡୀଙ୍କ ସମେତ ଅନେକ ପଦାଧିକାରୀ ଉପସ୍ଥିତ ଥିଲେ । ଏହି ଅଭିଯୋଗ ଶିବିର ରେ ସମୁଦାୟ ୧୩୫ ଜଣ ନିଜ ନିଜ ଅଭିଯୋଗ ପଞ୍ଜିକରଣ କରିଥିବା ବେଳେ ପ୍ରାୟ ୨୮ ଜଣଙ୍କ ସମସ୍ୟା ର ସମାଧାନ ତୁରନ୍ତ ସମାଧାନ କରାଯାଇଥିଲା । ଅଭିଯୋଗ ମଧ୍ୟରୁ ୧୨ ଜଣ କେବଳ ଆବାସ ଯୋଜନା,ମନରେଗା ୩୫, ପିଡିଏସ ବାବଦ କୁ ୨,ପେନସନ ୪୧,ତହସିଲ ସମ୍ବନ୍ଧୀୟ ୧୮,ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସମ୍ବନ୍ଧୀୟ ୨ ଓ ଅନ୍ୟାନ୍ୟ ସମସ୍ୟା ପାଇଁ ୨୫ ଗୋଟି ଅଭିଯୋଗ କରିଥିବା ଜଣାପଡ଼ିଛି ।

## ବାଇକ୍ ଓ ତେଲ ଟ୍ୟାଙ୍କର ଧକ୍କା: ଜଣେ ମୃତ

ବୌଦ୍ଧ, (ମହାଭାରତ) : ଏନଏଚ ୫୭ ଆଦର୍ଶ ଥାନା ପୋଡ଼ାବଳସ ନିକଟରେ ସଡ଼କ ଦୁର୍ଘଟଣା । ବାଇକ୍ ଓ ତେଲ ଟ୍ୟାଙ୍କର ମୁହାଁମୁହିଁ ଧକ୍କା । ଘଟଣା ସ୍ଥଳରେ ବାଇକ୍ ଆରୋହୀ ମୃତ । ମୃତକ ଖଲିଗାଁ ଗ୍ରାମର ସୁମନ୍ତ ରଣା । ବାଇକ୍ ଆରୋହୀ ଓଭରଟେକ୍ କରୁଥିବା ସମୟରେ ଦୁର୍ଘଟଣା ଘଟିଥିବା ସୂଚନା । ଘଟଣା ସ୍ଥଳରେ ପହଂଚିଲା ଆଦର୍ଶ ଥାନା ପୋଲିସ । ସୂଚନା ଅନୁଯାୟୀ ଖଲିଗାଁ ଗ୍ରାମର ସୁମନ୍ତ ରଣା ଏକ ବାଇକ୍ ଯୋଗେ ବୌଦ୍ଧ ପଟରୁ ନିଜ ଗ୍ରାମକୁ ଯାଉଥିବା ବେଳେ ଏକ ଗାଡ଼ିକୁ ଓଭରଟେକ କରିବାକୁ ପ୍ରୟାସ କରୁଥିବା ବେଳେ ବିପରୀତ ଦିଗରୁ ସୋନପୁରରୁ ବୌଦ୍ଧ ପଟକୁ ଏକ ତେଲ ବୋଝେଇ ଟ୍ୟାଙ୍କର ଗାଡ଼ି ଆସି ବାଇକ୍ କୁ ଧକ୍କା ଦେଇଥିଲା ଏବଂ ଘଟଣା ସ୍ଥଳରେ ହିଁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଟ୍ରକ୍ ଡ୍ରାଇଭରଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଜାରି ରଖିଛି । ତେବେ ମୃତକଙ୍କୁ ଏକ ଅଟୋ ଯୋଗେ ବୌଦ୍ଧ ମେଡିକାଲକୁ ଅଣାଯାଇଥିବା ବେଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଘଟଣା ସ୍ଥଳରେ ଆଦର୍ଶ ଥାନା ଅଧିକାରୀ ରଞ୍ଜିତ ମୁନି ପହଂଚି ଗାଡ଼ି ଏବଂ ଡ୍ରାଇଭରଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛନ୍ତି ।

## ପଂଚାୟତ ସମିତିର ଦଶମ ସାଧାରଣ ଅଧିବେଶନ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ ପରିସରରେ ଥିବା ସଭା ଗୃହ ରେ ଆଜି ଦଶପଲ୍ଲା ପଂଚାୟତ ସମିତି ର ଦଶମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନ ରେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ବ୍ଲକ ଉପାଧ୍ୟକ୍ଷା ଅନୁପମା ବେହେରା, ୧୧ ନଂ ଜିଲ୍ଲା ପରିଷଦ ବସନ୍ତ କୁମାର ପ୍ରଧାନ, ଦଶପଲ୍ଲା ବ୍ଲକ ବିଡ଼ିଓ ଭୁବନାନନ୍ଦ ପଟ୍ଟନାୟକ, ଏବିଡ଼ିଓ ସାରଦା ପ୍ରସାଦ ମହାନ୍ତି ଓ ଅନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ । ଏଥିରେ ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା ।ହେଲେ ଦଶପଲ୍ଲା ପ*ାୟତ ସମିତି ମାଳ ମାଳ ଦୁର୍ନୀତିର ଗନ୍ତାଘର ସାଜିଥିବା ବେଳେ କର୍ମଚାରୀ ବାବୁମାନେ ମାଲେମାଲ ହେଉଛନ୍ତି ବୋଲି ଜନସାଧାରଣ ରେ ଚର୍ଚ୍ଚା ହେଉଛି । କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ସାଧାରଣ ଜନତା ଙ୍କ ପାଇଁ ଅନେକ ବହୁମୁଖୀ ଯୋଜନା ମାନ ପ୍ରଣୟନ କରିଛନ୍ତି । ସେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ହେଉ, ସ୍ୱଚ୍ଛତା ପକ୍ଷ ଯୋଜନା, ଆବାସ ଯୋଜନା, ମଧୁବାବୁ ଭତା ଯୋଜନା, ମୋ ପୋଖରୀ ଯୋଜନା, ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ମହିଳା ସଶକ୍ତି କରଣ ଯୋଜନା, ରାସନ ଯୋଜନା ଆଦି ଅନେକ ଲୋକଙ୍କ ସେବା ପାଇଁ ଉଦିଷ୍ଟ । ମାତ୍ର ଦଶପଲ୍ଲା ବ୍ଲକ ରେ ଅନେକ ବାସହରା ଲୋକ ଅଛନ୍ତି । ରାସ୍ତା କାମ ନିମ୍ନ ମାନର ହେବା ଫଳରେ ରାସ୍ତା ଶୀଘ୍ର ନଷ୍ଟ ହେବା, ଆବାସ ଯୋଜନା ପାଇଁ ଲୋକଙ୍କ ଠାରୁ ପି ସି ନେବା, ରାସନ ଚାଉଳ ହଡପ ହେବା, ମହିଳା ସଶକ୍ତି ନାଁ ରେ ଲୁଟ ହେବା, ସ୍ୱଚ୍ଛତା ଯୋଜନା ନାଁ ରେ ଠକେଇ ଆଦି ଲୁଟ ଚାଲିଅଛି । ମୁଖ୍ୟତଃ ବ୍ଲକ ରେ କାର୍ଯ୍ୟଧୀନ ଥିବା ବିଭିନ୍ନ ବିଭାଗ ରେ ଜେ ଇ ଓ କର୍ମଚାରୀ ବିଶେଷ ସମ୍ପୃକ୍ତଥିବା ଆଲୋଚନା ହେଉଛି । ଯଦି ଠିକ ଭାବେ କାର୍ଯ୍ୟ ଗୁଡିକର ତଦାରଖ କରାଯାଇ ବିଲ ହୁଅନ୍ତା ତେବେ ସରକାରଙ୍କ ଯୋଜନା ଗୁଡିକ ର ସୁଫଳତା ଦେଖିବାକୁ ମିଳନ୍ତା । ତେବେ ଅଧିକ ଦିନ ଧରି କର୍ମଚାରୀ ଙ୍କ ବଦଳି ନ ହେବା ଦ୍ୱାରା ସେମାନଙ୍କର ମନମୁଖୀ କାର୍ଯ୍ୟ ବଳବତର ରହୁଛି ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି । ତେବେ ଏପଟେ ଦଶପଲ୍ଲା କୁ ବିଜେଡି ର ଗଡ଼ କୁହାଯାଉଥିବା ବେଳେ ତାହା ଏହି ବ୍ଲକ ଉପରେ ବଳବତର ରହିଛି ବୋଲି ଆଲୋଚନା ହେଉଛି । ଜନସାଧାରଣ ଏଠି ଭକୁଆ ଭଳି ଚାହିଁ ରହିଛନ୍ତି । 'ଚାହିଁଥାରେ ଜଳକା 'ଉପାଖ୍ୟାନ ଟି ଦଶପଲ୍ଲା ପାଇଁ ପ୍ରଯୁଜ୍ୟ । ତେବେ ନୂତନ ଭାବେ ବିଜେପି ସରକାର ଆସିଥିଲେ ମଧ୍ୟ ଦଶପଲ୍ଲାର ବିଜେପି ନେତୃତ୍ୱ ଆଜି ବିଜେଡ଼ି କବଳରେ ରହିଛି । ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ଠପ ହୋଇ ରହିଛି । ତେବେ ଏହି ଅଧିବେଶନ କୁ ସାମ୍ବାଦିକ ମାନଙ୍କୁ ଡକା ନ ଯିବା ତାହା ମଧ୍ୟ ସୂଚାଇ ଦେଉଛି ଯେ ଦୁର୍ନୀତି ନିଶ୍ଚୟ ଚାଲିଛି, କାଳେ ସବୁ କିଛି ଭିତିରି କଥାର ପର୍ଦାଫାଶ ହୋଇଯିବ । ଦେଖାଯାଉ ନୂତନ ଭାବେ ବ୍ଲକ ଅଧିକାରୀ ଯୋଗ ଦେଇଥିବା ବେଳେ ସମସ୍ତ କାର୍ଯ୍ୟର ତଦାରଖ କରି ସମାଧାନ କରୁଛନ୍ତି ନା ଯେମିତି ଅଛି ସେମିତି ରହୁଛି ତାହା ଦେଖିବାକୁ ବାକି ରହିଲା ।

# ଘାଟ ଆଳରେ ବିକ୍ରି ହେଉଛି ଶହ ଶହ ଟ୍ରିପ ବାଲି, ନିଦରେ ଖଣି ବିଭାଗ



ନିଆଳି, ( ମହାଭାରତ ): ସଂନ୍ଧ୍ୟା ହେବା ମାତ୍ରେ ନଦୀ ପଠାରେ ଲାଗୁଛି ଟ୍ରକର ଲମ୍ବା ଧାଡ଼ି ବାଲି ଚୋରି କରିବା ପାଇଁ ମାଫିଆ ହେଉଛନ୍ତି ସଜବାଜ । ରାତିର ଅନ୍ଧାରରେ ନଦୀର ଗର୍ଭ ଚିରି ମନଇଚ୍ଛା ହେଉଛି ବାଲି ଚୋରି । ସୂର୍ଯ୍ୟକିରଣ ପଡ଼ିବା ପୂର୍ବରୁ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ କରାଯାଉଛି । ଖଣି ବିଭାଗ ଓ ମାଫିଆଙ୍କ ମଧୁଚନ୍ଦ୍ରିକାରେ ବଳି ପଡୁଛି କି ନଦୀ ? କଟକ ଜିଲ୍ଲା ନିଆଳି ତହସିଲ ଅଧିନରେ ଥିବା ପହଙ୍ଗା ବାଲି ଘାଟଟି ରାଜ୍ୟ ସରକାରଙ୍କ ପକ୍ଷରୁ ଲିଜ୍ ପାଇଁ ମାନ୍ୟତା ପାଇଥିବା ବେଳେ ଉକ୍ତ ଲିଜଧାରି ଜଣଙ୍କ ନିଜର ସିମାବର୍ତି ଅଂଚଳରୁ ବାଲି ଉତଳୋନ ନକରି ଏକବରୁଆଁ ପଂଚାୟତର କାଳଖରୁ ଚାଲିଛି ବେଆଇନ ବାଲି ବିକ୍ରି । କାଳଖ ନଦୀ ପଠାରେ ଗଡା ରାସ୍ତା କରି କଂଟାପଡ଼ା ଜଳ ସେଚନ ବିଭାଗ ଅଧିନରେ ଥିବା ନଦୀ ବନ୍ଧକୁ କାଟି ବାଲି ଚୋରା ଚାଲାଣ ନିମନ୍ତେ ରାସ୍ତା ନିର୍ମାଣ କରାଯାଇଛି । ୨୧୦,୨୨୦ଡଉ କୋବେଲକୋର ଶକ୍ତିଶାଳୀ ମେସିନ୍ ଲଗାଇ ଚାଲିଛି ବେଆଇନ ବାଲି ଚୋରି । ରାଜସ୍ୱ ବିଭାଗ ହାତରୁ ଖଣି ବିଭାଗ ହାତକୁ ଲଘୁ ଖଣିଜ ସମ୍ପଦ ହସ୍ତାନ୍ତର ପରେ ନିଆଳି ତହସିଲ୍ ଅଂଚଳରେ ଲୁଟର ପରିମାଣ ବଢ଼ିଥିବା ଅଭିଯୋଗ ହେବା ସହ ରାଜ୍ୟରେ ଖଣି ଲୁଟ ପ୍ରସ୍ମୁଖ ପ୍ରସଙ୍ଗ ହେଇଛି । ଲିଜଧାରି ଜଣଙ୍କ ଉଚ୍ଚତମ ନ୍ୟାୟାଳୟଙ୍କ ଆଇନକୁ ଖୋଲାଖୋଲି ଉଲ୍ଲଙ୍ଘନ କରୁଥିବା ନଜର କୁ ଆସିଛି । ବାଲି ଘାଟରୁ ସର୍ବାଧିକ ୨-୩ ଫୁଟର ଗର୍ତ କରି ବାଲି ଉଠାଇବାର ପ୍ରାବଧାନ ଥିବା ସତ୍ୱେ ଲିଜଧାରି ୬-୭ଫୁଟର ଗର୍ତ କରି ଜୋରଦାର ବାଲି ଖନନ କରୁଛନ୍ତି । ବୈଷିୟିକ ଗାଇଡ୍ ଲାଇନ ଅନୁସାରେ ବ୍ରିଜର ୧କି.ମି ଦୂରତା ଭିତରେ କୌଣସି ବାଲି ଖନନ କରିବାର ଅନୁମତି ନାହିଁ । ନିଆଳି ବିଧାୟକ ଛବି ମଲ୍ଲିକ ବାରମ୍ବାର ବାଲି ଚୋରା ଚାଲାଣ ନକରିବାକୁ ନେଇ ନିର୍ଦ୍ଦେଶ ନାମା ଜାରି କରିଥିବା ବେଳେ ପ୍ରଶାସନ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନେବାପାଇଁ ବାରମ୍ବାର ତାଗିଦ କରୁଥିଲେ ମଧ୍ୟ ଖଣି ବିଭାଗର ନିରବତା ନେଇ ଉଠିଛି ପ୍ରଶ୍ନ । ଆଗାମୀ ଦିନରେ ଉକ୍ତ ଘାଟ ବିରୁଦ୍ଧରେ ଯଦି କଡ଼ା ପଦକ୍ଷେପ ଖଣି ବିଭାଗ ପକ୍ଷରୁ ନିଆ ନଯାଏ ତେବେ ଅଂଚଳ ବାସୀ ତୀବ୍ର ବିରୋଧ ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।









## ସଡ଼କ ଦୁର୍ଘଟଣାରେ ବାପା ମୃତ ପୁଅ ଗୁରୁତର

ବୌଦ୍ଧ(ମହାଭାରତ): ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ବାଉଁଶୁଣି କଲେଜ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ରେ ବାପା ମୃତ ପୁଅ ଗୁରୁତର । ବାଇକ୍ କୁ ଧକ୍କା ଦେଲା ପିକଅପ୍ ଭ୍ୟାନ। ଦୁର୍ଘଟଣା ଘଟାଇ ଫେରାର ମାରିଲା ଡ୍ରାଇଭର । ମୃତକ ବାପା ଗୋଛାପଡ଼ା ଗ୍ରାମର ମଛିନ୍ଦ୍ର ମେହେର ଗୁରୁତର ପୁଅ ଦର୍ଶନ ମେହେର । ଉତ୍ୟକ୍ତ ଲୋକଙ୍କ କଲେଜ୍ ଛକ ନିକଟରେ ଏନଏଚ୫୭ ଅବରୋଧ କରିଥିବା ବେଳେ ଝଉତଙ୍ଗ ଓ ତହସିଲଦାର ପହଞ୍ଚି ବୁଝା ସୁଝ କରିବା ପରେ ହଟିଲା ରାସ୍ତା ରୋକ୍। ସୂଚନା ଅନୁଯାୟୀ ଗୁଛାପଡା ଗ୍ରାମର ବାପା ପୁଅ ମଛିନ୍ଦ୍ର ମେହେର ଦର୍ଶନ ମେହେର ଉଭୟ ଏକ ବାଇକ୍ ଯୋଗେ ବୌଦ୍ଧ ପଟରୁ ସୋନପୁର ଅଭିମୁଖେ ଯାଉଥିବା ବେଳେ ପଛରୁ ବାଇକ୍ କୁ ଧକା ଦେଇଥିଲା ବୋଲେରୋ ପିକଅପ୍ ଭେନ୍ । ଯଦ୍ଦ୍ୱାରା କି ଘଟଣା ସ୍ଥଳରେ ପୁଅ ସମ୍ମୁଖରେ ବାପା ଙ୍କ ଜୀବନ ଚାଲି ଯାଇଥିବା ବେଳେ ପୁଅ ଗୁରୁତର ହୋଇଛନ୍ତି। ଘଟଣା ସ୍ଥଳରେ ଉତ୍ୟକ୍ତ ଲୋକେ ଏନଏଚ ୫୭ ଅବରୋଧ କରିଥିବା ବେଳେ ବୌଦ୍ଧ ତହସିଲଦାର ଅନିତା ସାହୁ, ଲାରେନ୍ ରାଉତରାୟ ଏବଂ ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାସ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ରେଡକ୍ରସ ପାଣ୍ଠି ରୁ ୧୦ ହଜାର ଟଙ୍କା ଦେଇଛନ୍ତି ଏବଂ ସମସ୍ତ ସରକାରୀ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି। ମୃତକ ଙ୍କୁ ମହାପ୍ରୟାଣ ଗାଡ଼ି ରେ ଶବ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଥିବା ବେଳେ ଗୁରୁତର ଙ୍କୁ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମେଡିକାଲ ରେ ଆଣି ଭର୍ତ୍ତି କରାଯାଇଛି।

## ପାପଡ଼ାହାଣ୍ଡି ସହିଦ ସ୍ମୃତି ସ୍ତମ୍ଭ ଓ ପାର୍କର ଉନ୍ନତିକରଣ ନିମନ୍ତେ ବୈଠକ

# ସହିଦ ସ୍ମୃତି ପାର୍କ ପାଇଁ ୫ ଏକର ନୂତନ ଜାଗା ଚିହ୍ନଟର ପ୍ରସ୍ତାବ

ନବରଙ୍ଗପୁର(ମହାଭାରତ): ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୁଲ୍ୟରେ ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଠାରେ ଦେଶ ପାଇଁ ସହିଦ ହୋଇଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଙ୍କ ସ୍ମୃତି ଉଦ୍ଦେଶ୍ୟରେ ସହିଦ ସ୍ମୃତି ପାର୍କ ନିର୍ମାଣ ବାବଦକୁ ୬ କୋଟି ଟଙ୍କା ଅନୁମୋଦନ ହୋଇଯାଇଅଛି ।ଏହି ସହିଦ ସ୍ମୃତି ପାର୍କ ର ନିର୍ମାଣ ଓ ଉତ୍ତିକରଣ ନିମନ୍ତେ କିଭଳି ରୂପରେଖ ତିଆରି ହେବ ଏବଂ ଏ ସମ୍ବଧୀୟ ସର୍ବ ସମ୍ମତି କ୍ରମେ ପଦକ୍ଷେପ ପ୍ରସ୍ତାବ ଗ୍ରହଣ ପାଇଁ ଆଜି ପାପଡ଼ାହାଣ୍ଡି ପଂଚାୟତ ସମିତି ସମ୍ମିଳନୀ ଗୃହରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ,ମାନ୍ୟବର ବିଧାୟକ ଡାବୁ ଗାଁ ମନୋହର ରାନ୍ଧାରୀ , ଜିଲାପାଳ ଡ଼ା ଶୁଭଙ୍କର ମହାପାତ୍ର,ପୂର୍ବତନ ଲୋକସଭା ସଦସ୍ୟ ପର୍ଶୁରାମ ମାଝୀ, ପଂଚାୟତ ସମିତି ଅଧକ୍ଷା ହେମଲତା ମାଝୀ,ଆଦିବାସୀ ସହିଦ ସ୍ମୃତି କେନ୍ଦ୍ର ସଭାପତି ମୁନା ତ୍ରିପାଠୀ,ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ ପ୍ରମୁଖ ମଞ୍ଚାସିନ ଥିଲେ ।ପ୍ରଥମେ ଜିଲ୍ଲାପାଳ ଡ ଶୁଭଙ୍କର ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିବାସହ ସହିଦ ସ୍ମୃତି ପାର୍କ ନିର୍ମାଣ ରୂପରେଖ ରେ ସମସ୍ତଙ୍କ ମତାମତ ଲୋଡ଼ିବା ସହ ପି ପି ଟି ମାଧମରେ ସହିଦ ପାର୍କ ରେ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ରଖିବା ଉପରେ ବିଶେଷ ଧାରଣା ଦେଇଥିଲେ। ସର୍ବ ସମ୍ମତି କ୍ରମେ ସହିଦ ସ୍ମୃତି ପାର୍କ ପାଇଁ ନବରଙ୍ଗପୁର ଉମରକୋଟ ରାସ୍ତା ରେ ୫ ଏକର



ଜାଗା ଚିହ୍ନଟ କରାଯିବ। ସହିଦ ସଂଗ୍ରାମୀ ଙ୍କ ନାମ ସ୍ମୃତି ସ୍ତମ୍ଭ ରେ ସ୍ଥାପନ କରାଯିବ ।ଏକ କମିଟି ଗଠନ କରାଯାଇ ସେଥିରେ ସହିଦ ପରିବାରଙ୍କ ଦାୟଦ, ଜନ ପ୍ରତିନିଧି, ସହରର ବୁଦ୍ଧିଜୀବୀ ,ଏ ସମ୍ବଧୀୟ ଗବେଷଣା ନିବନ୍ଧ ରେ ସଂପୃକ୍ତ ବ୍ୟକ୍ତିବିଶେଷ,ପ୍ରଶାସନିକ ଅଧିକାରୀ ଙ୍କୁ ସାମିଲ କରାଯିବ। ସହିଦ ସ୍ମୃତି ପାର୍କ ରେ ଏନ୍ଟ୍ରାନ୍ସ ଗେଟ,ଷ୍ଟେଚୁ ଏରିଆ, ୱାଟର ଫାଉନଟେନ୍ , ପାର୍କ,ଶିଶୁ ଉଦ୍ୟାନ,ପାଠାଗାର,ଶୌଚାଳୟ, ସିଟିଂ ଏରିଆ, ପାର୍ଥନା ସ୍ଥଳ,ସାଂସ୍କୃତିକ ଉତ୍ସବ ସ୍ଥଳ, ଭିଜୁଆଲ ଗ୍ୟାଲେରୀ ଓ ଅନ୍ୟାନ୍ୟ ସ୍ମୃତି ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ପ୍ରସ୍ତାବ ଗ୍ରହଣ କରାଗଲା। ବୈଠକ ରେ ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନିଜ ବକ୍ତବ୍ୟରେ ପାପଡ଼ାହାଣ୍ଡି ସହିଦ ସ୍ମୃତି ସ୍ତମ୍ଭ ନବରଙ୍ଗପୁର ଜିଲ୍ଲାର ଗୌରବର ଗାଥା ବହନ କରୁଥିବାରୁ ଏହାକୁ ଏକ ଭବ୍ୟ ଭାବରେ ନିର୍ମାଣ କରାଯାଇ ଦେଶର ଏକ ଐତିହାସିକ ସ୍ଥାନ ଭାବେ ପ୍ରତିଷ୍ଠା କରାଯିବାକୁ ଗୁରୁତ୍ୱାରୋପ ଏବଂ ଯଥାଶୀଘ୍ର ୫ ଏକର ଜାଗା ଚିହ୍ନଟ କରି କାମ ଆରମ୍ଭ କରିବାକୁ ଜିଲ୍ଲାପାଳଙ୍କୁ କହିଥିଲେ ।ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଏବଂ ଡାବୁ ଗାଁ ବିଧାୟକ ମନୋହର ରାନ୍ଧାରୀ ନିଜ ବକ୍ତବ୍ୟରେ ଏହି ସହିଦ ସ୍ମୃତି ପାର୍କ ନିର୍ମାଣ ହୋଇ ବିଶେଷ ପ୍ରଚାର ପ୍ରସାର ହେଲେ ପର୍ଯ୍ୟଟକ ମାନଙ୍କ ମଧ୍ୟରେ ଏକ ଉତ୍ସାହ ସୃଷ୍ଟି ହେବ ଏବଂ ଏ ମାଟିର ବିରସନ୍ତାନ ଙ୍କ ବଳିଦାନକୁ ସମସ୍ତେ ଅବଗତ ହେବେ। ଟୁରି ନଦୀ କୂଳରେ ତିଳ ତର୍ପଣ ସ୍ଥାନର ବିଶେଷ ଉନ୍ନତି କରିବାକୁ ବିଧାୟକ ଶ୍ରୀ ମାଝୀ କହିଥିଲେ ।ସଭାରେ ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପାଧକ୍ଷ ସୁଶାନ୍ତ କୁମାର ବେହେରା,ବି ଡି ଓ ମନୋଜ କୁମାର ପାଣିଗ୍ରାହୀ,ସହିଦ ସ୍ମୃତି କମିଟି ସଭ୍ୟ ,ସ୍ୱାଧୀନତା ସଂଗ୍ରାମୀ ଦାୟଦ, ଉଦ୍ଧବ ପ୍ରଧାନୀ, ଟଙ୍କଧର ଗଉଡ, ସିରା ଜୁଦ୍ଧିନ୍ ଅହମଦ,ବିଶେଷ ଗବେଷକ ଡ ବିଜୟ ମିଶ୍ର, ସ୍ୱାଧୀନ ପଟ୍ଟନାୟକ, ଏସ ଇ ଆର୍ ଏଣ୍ଡ ବି କ୍ଷିରୋଧର କନ୍ଧପାଣ , ଡି ଆଇ ପି ଆର୍ ଓ ମନୋଜ କୁମାର ବେହେରା, ଡି ସି ଓ ଘାଷିଆ ହରିଜନ ଙ୍କ ସମେତ ସହର ର ବିଶିଷ୍ଟ ବ୍ୟକ୍ତି, ପଂଚାୟତ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।ଶେଷରେ ମୁନା ତ୍ରିପାଠୀ ସମସ୍ତଙ୍କ ମିଳିତ ସହଯୋଗ କାମନା କରି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପହଲଗାମ ମୃତକଙ୍କ ଲାଗି ଦୀପଦାନ ଓ ଶୋଭାଯାତ୍ରା

ହାଟଡିହ(ମହାଭାରତ): ହାଟଡିହି କାଶ୍ମୀରର ପହଲଗାମ ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁ ବରଣ କରିଥିବା ପର୍ଯ୍ୟଟକଙ୍କ ପାଇଁ ବିଦ୍ୟାଧରପୁର ଠାରେ ସମୂହ ଦୀପଦାନ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୱାନସ୍କାଇଲ କ୍ଲବ ପକ୍ଷରୁ କ୍ଲବ ସଭାପତି ସମ୍ବିତ ବିଶ୍ୱାଳଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାର ସଦସ୍ୟମାନେ ପତିରିଆଶୁଣି ମନ୍ଦିର ନିକଟରୁ ବହାରି ହାରି ପାକିସ୍ଥାନ ବିରୁଦ୍ଧରେ ସ୍ଲୋଗାନ ମାନ ଦେଇ ଏକ ଶୋଭାଯାତ୍ରାରେ ବିଦ୍ୟାଧରପୁର ବଜାର ପରିକ୍ରମା କରିବା ପରେ ବାବା ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସମୂହ ଦୀପଦାନ କରି ମୃତ୍ୟୁ ବରଣ କରିଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦାଗତି କାମନା ପାଇଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। , ସମାଜସେବୀ ପ୍ରେମାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇ ଆତଙ୍କବାଦୀ ସମଗ୍ର ବିଶ୍ୱ ବିଶ୍ୱ ପାଇଁ ବିପଦ, ତେଣୁ ଏହାକୁ ସା ସାରା ବିଶ୍ୱ ବିରୋଧ କରିବା ଉଚିତ ବୋଲି କହିଥିଲେ। ଏଥିରେ ୱାନ ସ୍କାଇଲ କ୍ଲବର ଉପ ସଭାପତି ସତ୍ୟବ୍ରତ ସାମଲ, ସମ୍ପାଦକ ସମ୍ପାଦକ ନାରାୟଣ ସ୍ମୃତିରଞ୍ଜନ ମଲ୍ଲିକ, ସହ ସମ୍ପାଦ ଯେନା, କୋଷାଧକ୍ଷ ନିରାକାର ମଲ୍ଲିକ, ସହ କୋଷାଧକ୍ଷ କମଳ ଲୋଚନ ବିଶ୍ୱାଳ, ଉପଦେଷ୍ଟା ସୁଦୀପ୍ତ ସାହୁ, ବୃନ୍ଦାବନ ବି ବିଶ୍ୱାଳ, ମହେଶ୍ୱର ଯେନା, ଅମୂଲ୍ୟରାଜ, ଜୟନ୍ତ କୁମାର ସାମଲ, ଅସିତ କୁମାର ବିଶ୍ୱାଳ, ଆଦିତ୍ୟ ରାଜ ମଲ୍ଲିକ, ରାକେଶ ବେହେରା, ଧବଳେଶ୍ୱର ଯେନା, ଶାଶ୍ୱତ ଯେନା, ଆଦିତ୍ୟ ନାରାୟଣ ମହାନ୍ତି, ବିଶ୍ୱଜିତ ସାମଲ, ରୁଦ୍ର ନାରାୟଣ ମହାନ୍ତି, ମାଧବାନନ୍ଦ ଯେନା, ହେମନ୍ତ ଯେନା, ମୁକ୍ତିକାନ୍ତ ମଲ, ପାର୍ଥ ସାରଥୀ ବିଶ୍ୱାଳ, ଦେବାଶିଷ ବିଶ୍ୱାଳ, ରତିକାନ୍ତ ମଲ୍ଲିକ, ଦେବାଶିଷ ରାଉତ, ଚିନ୍ମୟ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

## ବ୍ୟାସ ବିଷ୍ଣୁ ସ୍ନେହାଳୟ ଓ ବ୍ୟାସ ମନ୍ଦିର ର ଶିଳାନ୍ୟାସ

ପାରାଦୀପ(ମହାଭାରତ) ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମୀ ସଂଗଠନ ବ୍ୟାସ ଫାଉଣ୍ଡେସନ ଦୀର୍ଘ ସାତ ବର୍ଷ ଧରି ଜିଲ୍ଲା ଓ ଜିଲ୍ଲା ବାହାରେ ବିବିଧ ସେବା କାର୍ଯ୍ୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି। ପ୍ରତି ତିନି ମାସରେ ଏକ ଆଧ୍ୟାତ୍ମିକ ପତ୍ରିକା ପ୍ରକାଶିତ କରାଇ ସମାଜର ଅବକ୍ଷୟକୁ ସୁଧାରିବା ପାଇଁ ଯଥାସାଧ ଚେଷ୍ଟା କରି ଆସୁଅଛି। ସଂଗଠନ ଦୀର୍ଘ ଦିନ ହେବ ଏକ ବୃଦ୍ଧାଶ୍ରମ ଓ ଏକ ବ୍ୟାସ ମନ୍ଦିର ର ସ୍ୱପ୍ନ ଦେଖି ଆସୁଥିଲା। ନିକଟ ଅତୀତରେ ନାଳିଆପାଳ ଗ୍ରାମର ବିଷ୍ଣୁ ଚରଣ ସ୍ୱାଇଁ ସ୍ୱଚ୍ଛାକୃତ ଭାବେ ଜମି ଦାନ କରି ଉକ୍ତ ସ୍ୱପ୍ନ ପୂରଣ ପାଇଁ ପ୍ରାଥମିକ



ଦାୟିତ୍ୱ ପୂର୍ଣ୍ଣ କରିଥିଲେ। ସଂଗଠନ ର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ଡ, ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା, ବିବେକାନନ୍ଦ ହୋତା, ରଂଜନ କୁମାର ପ୍ରଧାନ, ରଶ୍ମିତା ନାୟକ, ଦେବେନ୍ଦ୍ର କୁମାର ମଲ୍ଲିକ, ଯଶୋବନ୍ତ ରାଉତ, ଡ, ପବିତ୍ର କୁମାର କର, ଶରତ ଚନ୍ଦ୍ର ଦାଶ, ଅକ୍ଷୟ କୁମାର ସାହୁ, ପ୍ରଦୀପ୍ତ କୁମାର ସାହାଣୀ, ପ୍ରଶାନ୍ତ କୁମାର ଶତପଥୀ, ନଗେନ୍ଦ୍ର ନାଥ ସ୍ୱାଇଁ, ରାକେଶ କୁମାର ପଟ୍ଟନାୟକ, ସଂଗ୍ରାମ ମନ୍ତ୍ରୀ, ଶଶଧର ପଣ୍ଡା, ଜ୍ଞାନ ଜ କୁମାର ସାମନ୍ତରାୟ, ସାରଦା ପ୍ରସନ୍ନ ଦାସ,ସୁନାକର ବେହେରା ପ୍ରମୁଖ ଙ୍କ ଉତ୍ସର୍ଗୀକୃତ ଉଦ୍ୟମ ଦ୍ୱାରା ଉକ୍ତ ଶିଳାନ୍ୟାସ କାର୍ଯ୍ୟ କ୍ରମ ଆସନ୍ତା ମେ ମାସ ୮ ତାରିଖ ଗୁରୁବାର ଦିନ ହେବାପାଇଁ ପ୍ରସ୍ତୁତି ସାରିଛି। ଉକ୍ତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ପୂଜ୍ୟପୂଜକ ବାବା ବଳିଆ , ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ ମାନ୍ୟବର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ , ଜିଲ୍ଲାପାଳ ଜେ, ସୋନାଲ, ପାରାଦ୍ୱୀପ ବନ୍ଦର ଅଧ୍ୟକ୍ଷ ପି, ଏଲ୍, ହରନାଦ, ପାରାଦ୍ୱୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗଦେବା ର କାର୍ଯ୍ୟକ୍ରମ ରହିଛି । ଏଣୁ ଏହି ସେବାଧର୍ମୀ କାର୍ଯ୍ୟକ୍ରମରେ ସ୍ୱପ୍ନେଶ୍ୱର ମନ୍ଦିର ସନ୍ନିକଟ ବିବଚ୍ଛପୁର, ନାଳିଆପାଳ ଭୂମିପୂଜନ ସ୍ଥାନରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ବ୍ୟାସ ଫାଉଣ୍ଡେସନ ର ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଅନୁରୋଧ କରିଛନ୍ତି।

## ବଉଳା ସାହିତ୍ୟ ସଂସଦର ୩୫ ତମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ

ହାଟଡ଼ିହି(ମହାଭାରତ): ସାହିତ୍ୟ ସମାଜକୁ ଦିଗଦର୍ଶନ ଦେଖାଇ ଥାଏ, ସାହିତ୍ୟ ସମାଜରୁ କୁସଂସ୍କାର ଦୂର କରିବା ସହିତ ସାମାଜିକ ଚାଲି ଚଳଣିକୁ ପରିମାର୍ଜିତ କରିଥାଏ ବୋଲି ହାଟଡିହି ବ୍ଲକ ବିଷ୍ଣୁପ୍ରୀୟା ବାଳାଶ୍ରମ ଠାରେ ବରଳା ସାହିତ୍ୟ ସଂସଦର ୩୫ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ତଥା ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ.ଶିଶିର ବେହେରା, ମତବ୍ୟକ୍ତ କରିଥିଲେ । ଓଡିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବାରେ ସାହିତ୍ୟ ସଂସଦର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ମତବ୍ୟକ୍ତ କରିଛନ୍ତି। ୩୫ ବର୍ଷ ଧରି ଗ୍ରାମା□ଳରେ ଏକ ସାହିତ୍ୟ ଅନୁଷ୍ଠାନ ବଞ୍ଚି ରହିବା ଅନ୍ୟ ମାନଙ୍କ ପାଇଁ ଉଦାହରଣ ବୋଲି ସେ ମତକାରକରିଥିଲେ ।ସଂସଦର ସଭାପତି ବାଳକୃଷ୍ଣ ରାଉତଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବରେ ସଂସଦର ବରିଷ୍ଠ ସଦସ୍ୟ ରକ୍ଷାକର ଦାସ ସ୍ୱାଗତ ଭାଷଣ ପ୍ରଦାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁବାସ ପାତ୍ର ମ□ ସଂଯୋଜନା କରିଥିଲେୟ ସଂସଦର ସମ୍ପାଦକ ସୁରେନ୍ଦ୍ର କୁମାର ପରିଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ।ଏହି ଅବସରରେ ସାହିତ୍ୟ ସଂସଦର ମୁଖପତ୍ର ବରଳାକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହି ଅବସରରେ ଅନାମ ଚରଣ ବେହେରା, ଘନଶ୍ୟାମ ବୋଇତେଇ, ଧୂମକେତୁ ଦାସ, ସରୋଜ କୁମାର ସାହୁ, ମମତାମୟୀ ବିକଲ୍ୟାଣୀ ଭାଉତ ପ୍ରମୁଖ ଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା । ନାରାୟଣ ଚନ୍ଦ୍ର ସାହୁ, ବନମାଳୀ ଜେନା, ମୁରଲୀ ଧର ବେହେରାଙ୍କ ଦ୍ୱାରା ମାନପତ୍ର ପାଠ କରାଯାଇଥିଲା।

## ଆସିକା ସାଂସଦଙ୍କ ଆର ଏଲ ଟି ଆଇ ଓ ମେଡିକାଲ ଗ୍ରସ୍ତ

ଆସିକା (ମହାଭାରତ): ଆସିକା ସାଂସଦ ଅନିତା ସୁଭଦର୍ଶନୀ ପଟ୍ଟନାୟକ ଆସିକା ବାବନପୁର ସ୍ଥିତ ଆର ଏଲ ଟି ଆଇ ଓ ଆସିକା ଉପଖଣ୍ଡ ଚିକିତ୍ସାଳୟ ଗ୍ରସ୍ତ କରିଛନ୍ତି। ଆସିକା ଉପଖଣ୍ଡ ଚିକିତ୍ସାଳୟ ଗ୍ରସ୍ତ କରି ରୋଗୀ ମାନଙ୍କ ସେବା ଏବଂ ଉତ୍ତମ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିକିତ୍ସା ଉପରେ ଅନୁଧ୍ୟାନ କରିଥିଲେ। ଆସିକାର ପ୍ରିୟ ସାଂସଦ ଅନିତା ଶୁଭଦର୍ଶନୀ ପଟ୍ଟନାୟକ, ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ବାଲ ଗୋପାଳ ବେହେରା,ଡାକ୍ତର ଦୀପକ ସାମନ୍ତରାୟ, ଡାକ୍ତର ଆଦିତ୍ୟ, ଡାକ୍ତର ନିଶିକାନ୍ତ, ଡାକ୍ତର ସତୀଶ ପାତ୍ର, ପ୍ରମୁଖ ଉପସ୍ଥିତ ରହିଥିଲେ । ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ମୋଟ ୩୫ ଡାକ୍ତର ସ୍ଥାନରେ ୧୧ ଜଣ ରହିଛନ୍ତି, ୨୩ ଜଣ ସେବିକାଙ୍କ ସ୍ଥାନରେ ୧୦ ଜଣ,ଏହି ମେଡିକାଲ ରେ ଗରିବ ମାନଙ୍କ ପାଇଁ ମହାପରାୟଣ ଗାଡି ର ବ୍ୟବସ୍ଥା ନଥିବା, ଅନେସସ୍ଥେସିଆ (ନିସ୍ତେଜକ ) ବିଶେଷଜ୍ଞ ନଥିବା ଯୋଗୁଁ ଅନେକ ରୋଗୀ ମାନଙ୍କ ଅସ୍ତ୍ର ଉପଚାର ରେ ଅସୁବିଧା ହେଉଥିବା କଥା ମେଡିକାଲ ଅଧିକ୍ଷକ ସାଂସଦଙ୍କୁ ଅବଗତ କରାଇଥିଲେ । ମାନ୍ୟବର ସାଂସଦ ରୋଗୀ ମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଉପରେ ପଚାରି ବୁଝି ଥିଲେ । ମେଡିକାଲ ର ମୌଳିକ ସମସ୍ୟା କୁ ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ,ଙ୍କ ସହ ଯୋଗାଯୋଗ କରି ଏହାର ଆସୁ ସମାଧାନ ପାଇଁ ଚେଷ୍ଟା କରିବାକୁ ପ୍ରତିଶୃତି ପ୍ରଦାନ କରିଥିଲେ ।ସାଂସଦଙ୍କ ଗ୍ରସ୍ତ ସମୟରେ ସ୍ୱାସ୍ଥ୍ୟ ସେବିକା ମିତାଲି ମହାନ୍ତି, ସସ୍ମିତା ପାଣି, ସ୍ୱାସ୍ଥ୍ୟ କର୍ମୀ, ବିଶ୍ୱଜିତ ପ୍ରଧାନ, ସୁନୀଲ ଘଡେଇ, ରମାକାନ୍ତ ସାହୁ, ସତ୍ୟ ନାରୟଣ, ସମେତ ଅନେକ କର୍ମଚାରୀ ଉପସ୍ଥିତ ଥିଲେ।

## କାଜୁ ଜଙ୍ଗଲରୁ ମିଳିଲା ମା'ବ୍ୟାଘ୍ରଦେବୀଙ୍କ ଚୋରି ସାମଗ୍ରୀ

ଭଞ୍ଜନଗର,(ମହାଭାରତ): ଭଞ୍ଜନଗର ଥାନା ଅର୍ନ୍ତଗତ କୁଲାଡ ତଳ ବ୍ୟାଘ୍ରଦେବୀ ମନ୍ଦିରରୁ ଗତ ୨୫ତାରିଖ ରାତିରେ ଚୋରି ହୋଇଥିଲା। ଏହି ଘଟଣାର ସୋମବାର ପର୍ଦ୍ଦାଫାଶ କରିଛି ପୋଲିସ ।ଦେବୀଙ୍କ ୩୫ଟି ରୂପା ଆଖି, ୩ଟି ସୁନା ଚିତା, ୨ଟି ରୂପା ଭୁଲର୍ଡା ଚୋରି ହୋଇଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ଏକ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ସମ୍ପୃକ୍ତ ମୋଟ ୮ଜଣଙ୍କ ମଧ୍ୟରୁ ୪ଜଣଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ଆଉ ୪ଜଣ ଫେରାର ଅଛନ୍ତି। କିନ୍ତୁ ଦୃର୍ବୃତ୍ତ ମାନେ ଭୟରେ ମା'ଙ୍କର ଆହୁରି ଅନେକ ସାମଗ୍ରୀ ଛାଡି ଚାଲି ଯାଇଥିଲେ ।ସୂଚନା ଯୋଗ୍ୟ ଯେ, ୪ଜଣ ଦୁର୍ବୃ□ ସେହିଦିନ ରାତି ପ୍ରାୟ ୨ଟା ସମୟରେ ମନ୍ଦିର ମଧ୍ୟରେ ମୁଖା ପିନ୍ଧି ପଶିଥିଲେ। ପରେ ଠାକୁର ଘର କବାଟ ଭାଙ୍ଗି ଭିତରେ ପଶି ଏକ ଘଣ୍ଟା ମଧ୍ୟରେ ମା'ଙ୍କର ଦେହରେ ଲାଗିଥିବା ବହୁ ସୁନା ଓ ରୁପା ସାମଗ୍ରୀ ଚୋରି କରି



ଉଦ୍ଧାର ହୋଇ ନଥିବା ବେଳେ ଅନ୍ୟ ସମସ୍ତ ଚୋରି ସୁନା ଓ ରୁପା ସାମଗ୍ରୀ ଜବତ କରାଯାଇଛି ।ଆଜି ଉକ୍ତ ୪ଜଣ ଦୁର୍ବୃ□ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।ସେମାନେ ହେଲେ କୁଲାଡ଼ ଅଞ୍ଚଳର ସନ୍ତୋଷ ନାୟକ, ରବୀନ୍ଦ୍ର ନାୟକ, ସୁଶାନ୍ତ ନାୟକ ଓ ଅନ୍ୟ ଜଣେ ନେଇଥିଲେ। ଏସମ୍ପର୍କରେ ଖବର ପାଇ ଗଞ୍ଜାମ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଗଠନ କରି କେସ ନଂ ୪୫୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା। ଘଟଣାସ୍ଥଳର ସିସି ଟିଭି ଫୁଟେଜ ଆଧାରରେ ସମସ୍ତ ଦୁର୍ବୃତ୍ତ ମାନଙ୍କୁ ଚିହ୍ନଟ କରା ଯାଇଥିଲା ।ହେଲେ ସେମାନେ ଫେରାର ଥିଲେ। ସେଥି ମଧ୍ୟରୁ ୪ଜଣ ଧରା ପଡିବା ପରେ ସେମାନଙ୍କୁ ପଚରା ଉଚରା ବେଳେ ସମସ୍ତ ଘଟଣାକୁ ଲୁଟେରା ମାନେ ସ୍ୱୀକାର କରିଥିଲେ ।ନିକଟସ୍ଥ କାଜୁ ଜଙ୍ଗଲରେ ସମସ୍ତ ଚୋରି ସାମଗ୍ରୀ ବିକ୍ରୀ କରି ନ ପାରି ସେମାନେ ମାଟିତଳେ ପୋତିଦେଇ ଥିଲେ। ୨ଟି ସୁନାର ଆଖି କେବଳ ହେଲେ ମାଆ'ଙ୍କର ଗୋଟିଏ ସୁନା ଆଖିପତା ରଖିଥିବା ଟୁକୁନା ସ୍ୱାଇଁ ।ଅନ୍ୟ ୪ଜଣ ଅଭିଯୁକ୍ତଙ୍କୁ ଅତିଶୀଘ୍ର ଗିରଫ କରାଯିବ ବୋଲି ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସୁଜିତ କୁମାର ନାୟକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।ଏହି ଟିମ୍ ରେ ଆଇଆଇସି ଶ୍ରୀ ଜେନାଙ୍କ ସମେତ ଏସ ଆଇ ସମୀର କୁମାର ସେଠୀ,ଏସ ଆଇ ଲକ୍ଷ୍ମୀଧର ମହାନ୍ତି,ଏ ଏସ ଆଇ ଏସ.ଏନ ମଲିକ,ଦିଲୀପ ରାଉତ, ସନ୍ତୋଷ ନାୟକ, ଯଶୋବନ୍ତ ମାଝୀ, ଗଜେନ୍ଦ୍ର ସ୍ୱାଇଁ ସାମିଲ ଥିଲେ।

## ଦଶମ ପରୀକ୍ଷା ଫଳାଫଳ: ତ୍ରିଶାରାଣୀ ସାହୁ ହେଲେ ତୁମୁଡିବନ୍ଧ ବ୍ଲକ ଟପ୍ପର

ତୁମୁଡିବନ୍ଧ (ମହାଭାରତ): ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି । ଏନେଇ ପରୀକ୍ଷାର୍ଥୀ ମାନଙ୍କ ମନରେ ଏବଂ ଅଭିଭାବକ ମାନଙ୍କ ମନରେ ଏକ ପ୍ରକାର ଖୁସିର ମହଲ ଦେଖିବାକୁ ମିଳିଛି । ଚଳିତ ବର୍ଷ ତୁମୁଡିବନ୍ଧ ବ୍ଲକରେ ପାସ ହାର ୮୦% କୁ ପହଞ୍ଚିଛି । ଛାତ୍ର ଅପେକ୍ଷା ଛାତ୍ରୀଙ୍କ ପାସ ହାର ଅଧିକ ପ୍ରତିଶତ ଦେଖିବାକୁ ମିଳିଛି ଯେଉଁଥି ପାଇଁ ପାସ୍ ହେଇଥିବା ଛାତ୍ରୀଙ୍କ ମନରେ ଏକ ଖୁସିର ମହଲ ଦେଖିବାକୁ ମିଳିଛି । ତୁମୁଡିବନ୍ଧ ବ୍ଲକ ରେ ସରକାରୀ ମହିଳା ଉଚ୍ଚ ବିଦ୍ୟାଳୟ ଜଳେଶପଟା ର ଛାତ୍ରୀ ତ୍ରିସାରାଣୀ ସାହୁ ୮୩% ପ୍ରତିଶତରେ ୪୯୬ ମାର୍କ ରଖି ତୁମୁଡିବନ୍ଧ ବ୍ଲକ ଟପ୍ପର ହେଇଛନ୍ତି । ତ୍ରିସାରାଣୀ ସାହୁ ପିଲାଟି ଦିନରୁ ବହୁତ ପରିଶ୍ରମି ଓ ମେଧାବୀ ଛାତ୍ରୀ । ଆଗାମୀ ଦିନରେ ଭଲରେ ପାଠ ପଢି ଡାକ୍ତର ହେଇ ରୋଗୀ ସେବା କରିବାକୁ ଲକ୍ଷ ରଖିଛନ୍ତି । ତ୍ରିଶାରାଣୀ ସାହୁ ଦିନକୁ ୮ ଘଣ୍ଟା ପାଠ ପଢୁଥିବା କହିଛନ୍ତି । ତ୍ରିଶାରାଣୀଙ୍କ ପରୀକ୍ଷାରେ ବଡ ସଫଳତା ପରେ ଅ□ଳ ବାସିଙ୍କ ତରଫରୁ ତାଙ୍କୁ ଶୁଭେଚ୍ଛା ର ସୁଅ ଛୁଟୁଛି । ନିଜର ସଫଳତା ଓ କୃର୍ତ୍ତିତ ର ଶ୍ରେୟ ନିଜ ଅଭିଭାବକ ଓ ସରକାରୀ ଉଚ୍ଚ ମହିଳା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀଙ୍କ ସମେତ ସମସ୍ତ ସହ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଆତ୍ମୀୟ ସୁଜନ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଛନ୍ତି ।

## ମହିଳା ଙ୍କ ବେକରୁ ଦୁର୍ବୃତ ଲୁଟି ନେଲେ ସୁନା ଚେନ

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ସହର ରେ ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଛି । ଏହି ଖଣି ଏରିୟାରେ ରାଜ୍ କରୁଛନ୍ତି ଲୁଟେରା ଡର ଭୟ କାହାରିକୁ ଡର ଭୟ କରୁନାହାନ୍ତି ନା ପୁଲିସ ନାଁ ପ୍ରସାଶନ କାହାରିକୁ ନାହି ଯୋଡ଼ା ଏରିୟାରେ ଏବେ ଲୋକମାନେ ଘରୁ ବାହାରିବାକୁ ଭୟ କଲେନି ରବିବାର ସକାଳ ସମୟରେ ଟାଟା ଷ୍ଟିଲ କିୟାମ୍ପସ ଭିତରେ ଜଣେ ମହିଳା ମଣିଙ୍ଗ୍ ୱରକ୍ କରୁଥିବା ବେଳେ ତାଙ୍କ ବେକରୁ ଦୁବୃର୍ତ୍ତ ମାନେ ସୁନା ଚେନ ଲୁଟି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି ।ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, କୁନ୍ଦୁରୁ ନାଲୟ ଠାରେ ରହୁଥିବା ମହିଳା ଶୁଭାବତି ସିଂ ଦୈନିକ ପ୍ରାତଃ ଭ୍ରମଣ ରେ ଟାଟା ଷ୍ଟିଲ ଡାକ୍ତର ନିକଟ ଅଞ୍ଚଳ କୁ ଯାଇଥାନ୍ତି ।ସବୁ ଦିନ ପରି ରବିବାର ଭୋର୍ ୫ଟା ବେଳେ ସୁଭବତି ସିଂ ଓ ତାଙ୍କ ସାଙ୍ଗ ସହିତ ବାହାରି ଡାକ୍ତରଖାନ। ନିକଟସ୍ଥ ୟୁନିଟ ୩୩କ୍ୟାମ୍ପ କୁ ଯାଇଥିଲେ। ଉକ୍ତ କ୍ୟାମ୍ପ ରେ ଚାଲି ଚାଲି ଯାଉଥିବା ବେଳେ ସକାଳ ପ୍ରାୟ ୬.୧୦ ମିନିଟ ସମୟରେ ତିନି ଜଣ ଦୃର୍ବୃତ୍ତ ଏକ ବାଇକ୍ ରେ ଆସି ମହିଳା ଦ୍ୱୟଙ୍କ ସମ୍ମୁଖ ରେ ବାଇକ୍ ଠିଆ କଲେ ।ସେମାନଙ୍କ ମଧ୍ୟ ରୁ ଜଣେ ବାଇକ୍ ରୁ ଓହ୍ଲାଇ ଆସି ସୁଭାବତି ଙ୍କ ନିକଟକୁ ଚାଲି ଚାଲି ଆସି ତାଙ୍କ ବେକ୍ ରେ ହାତ ରଖି ସୁନା ଚେନ୍ ଟି ଛଡାଇ ନେଇ ଚାଲି ଚାଲି ବାଇକ୍ ନିକଟକୁ ଯାଇଥିଲା ।ପରେ ତିନି ଜଣ ଦୃର୍ବୃତ୍ତ ବାଇକ୍ ରେ ସେଠାରୁ ପଳାଇ ଯାଇଥିଲେ ।ତେବେ ସୁନା ଚେନ ଲୁଟି ନେଇଯିବା ବେଳେ ଶୁଭାବତି ଚିତ୍କାର କରିଥିଲେ ହେଁ କ୍ୟାମ୍ପ ରେ ଥିବା କେହି ହେଲେ ଶୁଣି ନ ଥିଲେ । ଏ ନେଇ ଶୁଭାବତି ଘରକୁ ଯାଇ ତାଙ୍କ ପୁଅ କୁ କହିବା ପରେ ପୋଲିସ କୁ ଖବର ଦିଆ ଯାଇଥିଲା।


## କୁନ୍ଦୁରା ବ୍ଲକ ମିଳିତ ଅଭିଯୋଗ ଜନଶୁଣାଣୀ

# ଅତିରିକ୍ତ ଜିଲ୍ଲା ଅଧିକାରୀମାନଙ୍କ ଦ୍ୱାରା ଆୟୋଜିତକୁ ନେଇ ସ୍ଥାନୀୟ ଲୋକଙ୍କ ଭିତରେ ଅସନ୍ତୋଷ

କୁନ୍ଦୁରା(ମହାଭାରତ ) :- କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହ ଠାରେ ଆଜି କୋରାପୁଟ ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ମିଳିତ ଅଭିଯୋଗ ଜନଶୁଣାଣୀ ଶିବିର ପୂର୍ବ ନିର୍ଦ୍ଧାରିତ କ୍ରମେ ଆୟୋଜନ କରାଯାଇଥିଲା । କୌଣସି କକ୍ଷରଣ ବଶତଃ ଆଜିର ଏହି ଜନଶୁଣାଣୀ ଶିବିର ରେ ଜିଲ୍ଲା ମୁଖ୍ୟ ଅଧିକାରୀ - ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କେହି ମଧ୍ୟ ଉପସ୍ଥିତ ନଥିଲେ । କୋରାପୁଟ ଅତିରିକ୍ତ ଜିଲ୍ଲାପାଳ - ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ- ମୋନବ୍ରୋତା ଶତପଥୀ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ-ଆର ଏନ୍ ମିଶ୍ର ଆସି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ତୁଲାଇଥିଲେ । କୁନ୍ଦୁରା ବ୍ଲକ ଚେୟାରମ୍ୟାନ - ରାଜେଶ୍ୱରୀ ପରଜା, ଜିଲ୍ଲାପରିଷଦ ଉପାଧ୍ୟକ୍ଷ-ରାଧାବିନୋଦ ସାମନ୍ତରାୟ ଓ ଜିଲ୍ଲାପରିଷଦ-୨ କନକଲତା ପେଣ୍ଟିଆ, କୁନ୍ଦୁରା ବିଡ଼ିଓ- କପିଳେଶ୍ୱର ତାଣ୍ଡି, ତହସିଲଦାର- ବିନୋଦଚନ୍ଦ୍ର ନାୟକ ଙ୍କ ସମେତ ପ୍ରାୟତଃ ସବୁ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । କିନ୍ତୁ ଜିଲ୍ଲା ଅଧିକାରୀ ମାନଙ୍କ ଅନୁପସ୍ଥିତି କୁ ଏବଂ ଅତିରିକ୍ତ ଅଧିକାରୀ ଙ୍କ ଦ୍ୱାରା ହେଉଥିବା ଜନସୁନାଣୀକୁ ନେଇ କୁନ୍ଦୁରା ବ୍ଲକ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରାୟ ୬-୮ ମାସ କୁ ଥରେ ବ୍ଲକ ରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଜନଶୁଣାଣୀ ହେଉଛି ସେଥିରେ ବି ଜିଲ୍ଲା ମୁଖ୍ୟ ଅଧିକାରୀ ମାନେ ଯଦି ନଆସନ୍ତି ତେବେ ଏ ପ୍ରହସନ ବନ୍ଦ କରିଦେବା ଉଚିତ ବୋଲି କହିଥିଲେ । ଗୋଟେ ପରେ ଗୋଟେ ଅଭିଯୋଗ କୁ ଅନୁଧ୍ୟାନ କରି ଅତିରିକ୍ତ ଜିଲ୍ଲାପାଳ କୁନ୍ଦୁରା ବିଡ଼ିଓ ଙ୍କ କାର୍ଯ୍ୟଦକ୍ଷତା ଏବଂ କାର୍ଯ୍ୟକାରିତା କୁ ନେଇ ଶିବିର ଚାଲିଥିବା ସମୟରେ ସର୍ବସାମ୍ମୁଖରେ ବିଡ଼ିଓ ଙ୍କ ଉପରେ ଗର୍ଜିଥିଲେ । ଆପଣ କେବଳ ନାମକୁ ମାତ୍ର ବିଡ଼ିଓ ଅଛନ୍ତି କି ବ୍ଲକର କିଛିବି ଭଲ ମନ୍ଦ ଜାଣୁନାହାନ୍ତି କେମିତି, ବ୍ଲକର କୌଣସି ବିଷୟବସ୍ତୁ କୁ ବିଲକୁଲ ଧ୍ୟାନ ଦେଉନାହାନ୍ତି କି କୌଣସି ଲୋକର କିଛିବି ସମସ୍ୟା ବୁଝୁନାହାନ୍ତି କି, ସରପୋ□ ମାନେ ଅଭିଯୋଗ ନେଇକି ଆସୁଛନ୍ତି କେମିତି, ଏଥିରୁ ଆପଣଙ୍କ ଦକ୍ଷତା ଜଣା ପଡୁଛି ବୋଲି ଅତିରିକ୍ତ ଜିଲ୍ଲାପାଳ ବିଡ଼ିଓ ଙ୍କ ଉପରେ ଗର୍ଜି ଥିଲେ ।ଆଜିର ଅଭିଯୋଗ ଶୁଣାଣୀ ଶିବିର ରେ ମୋଟ ୩୮ ଟି ଅଭିଯୋଗ ଶୁଣାଣୀ ହୋଇଥିଲା ।ସେଥିରୁ ବ୍ୟକ୍ତିଗତ ୮ ଟି ରହିଥିବା ବେଳେ ୩୦ ଟି ସମ୍ମୁହିକ ସମସ୍ୟା ଅଭିଯୋଗ ହୋଇଥିଲା । ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର ବିଷୟରେ ଅଧିକାଂଶ ଲୋକ ଜାଣିପାରୁନାହାନ୍ତି । ହ୍ୱାଟ୍ସଆପ ଗ୍ରୁପ ମାଧ୍ୟମରେ ପ୍ରତେକ ପି ଇ ଓ, ସରପୋ□ ମାନଙ୍କୁ ସୂଚନା ଦେଇଦିଆଯାଉଛି କିନ୍ତୁ ଯେଉଁଲୋକ ମାନେ ଅଭିଯୋଗ ନେଇକି ଆସିବେ ସେମାନଙ୍କ ପାଖକୁ ସୂଚନା ପହଞ୍ଚୁ ନାହିଁ । ପଞ୍ଚାୟତ ସ୍ତରରେ ଲୋକଙ୍କୁ ସୂଚନା ଦେଲାଭଳି କୌଣସି ବ୍ୟବସ୍ଥା କରାଯାଉନାହିଁ । ତା ସହିତ ବର୍ତମାନ ଅନଲାଇନ ପୋର୍ଟାଲ ରେ ଅଭିଯୋଗ ପଞ୍ଜିକରଣ କରି ଶିବିରକୁ ଆସିବା ବିଷୟ ଯୋଗୁଁ ଆଜିର ଶିବିର ରେ ଅଭିଯୋଗ ସଂଖ୍ୟା ବହୁତ କମିଯାଇଛି । କରଣ କୁନ୍ଦୁରା ଭଳି ଅନୁର୍ନତ ଜଙ୍ଗଲ ପାହାଡ଼ ଘେରା ବ୍ଲକ ରେ ବିଦ୍ୟୁତ ସମସ୍ୟା ଏବଂ ଟାୱାର ସମସ୍ୟା ଲାଗିରହିଛି ଏମିତିରେ କିପ୍ରକାର ଅଭିଯୋଗ ଲୋକ ପୋର୍ଟାଲ ମାଧ୍ୟମରେ କରିବେ ଆଉ କିପରି ଲୋକଙ୍କ ସମସ୍ୟା ପ୍ରଶାସନ ବୁଝିବ ବୋଲି ଲୋକଙ୍କ ଭିତରେ ଅସସନ୍ତ ଦେଖିବାକୁ ମିଳିଥିଲା । ଆଜିର ମୁଖ୍ୟ ଅଭିଯୋଗ ଗୁଡିକ ମଧ୍ୟରେ - ସାଗରଗୁଡା ଠାରୁ କୋଲାବ ନଦୀ ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଦ୍ୱାରା କରାଯାଉଥିବା ରାସ୍ତା ନିୟମ ଅନୁସାରେ ପ୍ରଶସ୍ତ କରାଯାଉ , ଗରିବ ଆଦିବାସୀ ଙ୍କ ଘର ଏବଂ ଚାଷୀଙ୍କ ଚାଷ ଜମି ଉପରେ ରାସ୍ତା କରାଯାଉଛି କିନ୍ତୁ ବଡବଡିଆ ଲୋକଙ୍କ କୋଠା ବାଡ଼ି କୁ ଦେଖି ଛଡ଼ାଯାଉ ବୋଲି ଅଭିଯୋଗ ହୋଇଥିଲା। ପାନୀୟ ଜଳ ସମସ୍ୟା,ବୁଦ୍ୟୁତ ସଂଯୋଗ ସମସ୍ୟା, ଭୋଟା ମିଳୁନଥିବା ସମସ୍ୟା ଏବଂ ମୁଖ୍ୟତଃ ଗାଁ ଗହଳି ରାସ୍ତା ଘାଟ ସମସ୍ୟା ଅଧିକ ଦେଖିବାକୁ ମିଳିଥିଲା ।

## ଆତଙ୍କବାଦୀ ଆକ୍ରମଣକୁ ତୀବ୍ର ନିନ୍ଦା କଲେ ରୁଷ ରାଷ୍ଟ୍ରପତି


ନୂଆଦିଲ୍ଲୀ : ମୋଦିଙ୍କ ସହ କଥା ହେଲେ ପୁଟିନ । ଫୋନ୍ କରି ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଲେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି ରୁଷ ରାଷ୍ଟ୍ରପତି । ପହଲଗାମ ଆକ୍ରମଣ ଘଟଣାରେ ଭାରତକୁ ପୂର୍ଣ୍ଣ ସମର୍ଥନ ଘୋଷଣା



କରିଛନ୍ତି । ଘୃଣ୍ୟ ଆକ୍ରମଣ ପଛରେ ଥିବା ଷଡ଼ଯନ୍ତ୍ରକାରୀ ଓ ଆକ୍ରମଣକାରୀ ଦଣ୍ଡିତ ହେବା ଆବଶ୍ୟକ ବୋଲି କହିଛନ୍ତି ରୁଷ ରାଷ୍ଟ୍ରପତି । ଏଥିସହ ଦୁଇ ଦେଶ ମଧ୍ୟରେ ସ୍ୱତନ୍ତ୍ର ରଣନୀତିକ ସହଯୋଗ ଜାରି ରହିବା ନେଇ ପ୍ରତିବଦ୍ଧତା ଦୋହରାଇଛନ୍ତି ଦୁଇ ନେତା । ଏହି ଅବସରରେ ରୁଷ ଭିକ୍ଟ୍ରି ଡେ' ଉତ୍ସବ ପାଇଁ ପୁଟିନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ମୋଦି। ସେହିପରି ଚଳିତ ବର୍ଷ ଶେଷ ଆଡ଼କୁ ଭାରତରେ ହେବାକୁ ଥିବା ବାର୍ଷିକ ସମ୍ମିଳନୀରେ ଯୋଗ ଦେବାକୁ ପୁଟିନଙ୍କୁ ନିମନ୍ତ୍ରଣ କରିଛନ୍ତି ପ୍ରଧାନମନ୍ତ୍ରୀ ।

## ଯୁଦ୍ଧ ପାଇଁ ମେ ୭ରେ ମକ୍ ଡ୍ରିଲ

ନୂଆଦିଲ୍ଲୀ : ବଢ଼ିଲା ଯୁଦ୍ଧ ସମ୍ଭାବନା । ମେ ୭ରେ ପ୍ରତିରକ୍ଷା ପ୍ରସ୍ତୁତି ଡ୍ରିଲ କରିବେ କିଛି ରାଜ୍ୟ । ମକ୍ ଡ୍ରିଲ ପାଇଁ ନିର୍ଦ୍ଦେଶ ଦେଇଛି ଗୃହ ମନ୍ତ୍ରାଳୟ । ଯୁଦ୍ଧ ସମୟରେ କି ପଦକ୍ଷେପ ନେବାକୁ ହେବ ତାକୁ ନେଇ ଏହି ମକ୍ ଡ୍ରିଲ । ଏୟାର ରେଡ୍ ୱାର୍ଣ୍ଣିଂ ସାଇରନ୍ ବାଜିଲେ କଣ କରିବାକୁ ହେବ, ତା ଉପରେ ମକ ଡ୍ରିଲ ହେବ । ସେହିପରି ସାଧାରଣ ନାଗରିକ, ଛାତ୍ରଛାତ୍ରୀଙ୍କୁ ତାଲିମ



ଦିଆଯିବ । ଯୁଦ୍ଧ ସମୟରେ ସେମାନେ ନିଜକୁ କିଭଳି ରକ୍ଷା କରିବେ ସେ ନେଇ ତାଙ୍କୁ ତାଲିମ ଦିଆଯିବ । ରାତିରେ କିଭଳି ସହରକୁ ସଂପୂର୍ଣ୍ଣ ଅନ୍ଧାର କରାଯିବ, ସେନେଇ ମକ ଡ୍ରିଲ ହେବ । ସେହିପରି ଆବଶ୍ୟକ ସ୍ଥଳେ ଲୋକଙ୍କୁ ଖାଲି କରାଯିବ । ଏହି ପ୍ଲାନିଂ କିଭଳି ହେବ, ମକଡ୍ରିଲ ବେଳେ ତାର ରିହରସାଲ କରାଯିବ । ଗତକାଲି ରାତିରେ ପଞ୍ଜାବ ଫିରୋଜପୁରରେ ବ୍ଲାକ୍ ଆଉଟ ମକ୍ ଡ୍ରିଲ ହୋଇଥିଲା । ଏହା ପୂର୍ବରୁ କେବଳ ୧୯୭୧ ଯୁଦ୍ଧ ବେଳେ ଏଭଳି ମକ ଡ୍ରିଲ ହୋଇଥିଲା । ପହଲଗାମ ଆକ୍ରମଣ ପରେ ଦୁଇ ଦେଶ ଯୁଦ୍ଧ ପ୍ରସ୍ତୁତି କରୁଥିବା ବେଳେ ବିଭିନ୍ନ ରାଜ୍ୟକୁ ମକ ଡ୍ରିଲ କରିବାକୁ କୁହାଯାଇଛି ।

## ଉଜ୍ଜୈନ ମହାକାଳେଶ୍ୱର ମନ୍ଦିରରେ ଭୟଙ୍କର ଅଗ୍ନିକାଣ୍ଡ

ନୂଆଦିଲ୍ଲୀ : ମଧ୍ୟପ୍ରଦେଶ ଉଜ୍ଜୈନ ସ୍ଥିତ ଶ୍ରୀ ମହାକାଳେଶ୍ୱର ମନ୍ଦିର ପରିସରରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ମନ୍ଦିରର ଶଙ୍ଖ ଦ୍ୱାରା ଉପରେ ଭୟଙ୍କର ନିଆଁ ଲାଗିଥିବା ଦେଖିବାକୁ ମିଳିଛି । ନିଆଁର ଧୂଆଁ ୧ କିଲୋମିଟର ଦୂରରୁ ମଧ୍ୟ ଦେଖାଯାଉଥିଲା । ଧୂଆଁ ଦେଖି ସ୍ଥାନୀୟ ଲୋକ ଭୟଭୀତ ହୋଇଯାଇଥିଲେ । ଘଟଣା ସମ୍ପର୍କରେ ସୂଚନା ମିଳିବା ମାତ୍ରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଏହି ଘଟଣା ଯୋଗୁଁ ମନ୍ଦିରରେ ଦର୍ଶନ କିଛି ସମୟ ପାଇଁ ବନ୍ଦ ରହିଥିଲା । ନିଆଁ ଲାଗିବା ପରେ ମହାକାଳ ମନ୍ଦିର ସମିତିର ଅଧିକାରୀ ଏବଂ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ । ସୂଚନା ପାଇଁ ଘଟଣା ସ୍ଥଳରେ ୪ଟି ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ୨୦ ମିନିଟ ପର୍ଯ୍ୟନ୍ତ ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରାଯାଇଥିଲା । ନିଆଁ ମନ୍ଦିରର ସିସିଟିଭି କଣ୍ଟ୍ରୋଲ ରୁମ ଉପରେ ରଖାଯାଇଥିବା ବ୍ୟାଟେରୀରୁ ଲାଗିଥିଲା । ଉଜ୍ଜୈନ ଜିଲ୍ଲା କଲେକ୍ଟର ରୋଶନ ସିଂହଙ୍କ ଅନୁସାରେ, ଘଟଣାଟି ସୋମବାର ଦିନ ପ୍ରାୟ ୧୨:୪୫ ରେ ଘଟିଥିଲା । ଅଗ୍ନିକାଣ୍ଡ ଯୋଗୁଁ ମହାକାଳେଶ୍ୱର ମନ୍ଦିରରେ ଦର୍ଶନ କିଛି ସମୟ ପାଇଁ ବନ୍ଦ ରହିଥିଲା । ସୁରକ୍ଷା ଦୃଷ୍ଟିରୁ ଶ୍ରଦ୍ଧାଳୁମାନଙ୍କୁ ମନ୍ଦିର ପରିସରରୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ନିଆଁ ଲାଗିବା ଯୋଗୁଁ ପଲ୍ୟୁସନ ବୋର୍ଡର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ ସିଷ୍ଟମ ଲାଗିଥିବା ସ୍ଥାନ ନଷ୍ଟ ହୋଇଯାଇଛି । ସବୁକିଛି ଜଳି ପାଉଁଶ ହୋଇଯାଇଥିବା ଖବର ମିଳିଛି । ବର୍ତ୍ତମାନ ବ୍ୟାଟେରୀରେ ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ ।

## ବିଦେଶୀ ଫିଲ୍ମ ପାଇଁ ଆମେରିକାରେ ଲାଗିବ ଟାରିଫ

ନୂଆଦିଲ୍ଲୀ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଏକ ଆଶ୍ଚର୍ଯ୍ୟଜନକ ନିଷ୍ପତ୍ତି ନେଇଛନ୍ତି । ସେ ଏବେ ଶୁଳ୍କ ସମ୍ପର୍କିତ ଜାରି ଥିବା ପ୍ରସଙ୍ଗରେ ଚଳଚ୍ଚିତ୍ର ଶିଳ୍ପକୁ ମଧ୍ୟ ସାମିଲ କରିଛନ୍ତି । ଆମେରିକା ବାହାରେ ନିର୍ମିତ ଚଳଚ୍ଚିତ୍ର ଉପରେ ଟ୍ରମ୍ପ ୧୦୦ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି । ଏହା ହଲିଉଡ୍ ? ଉପରେ ସିଧାସଳଖ ପ୍ରଭାବ ପକାଇପାରେ । ଟ୍ରମ୍ପ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଏହି ସୂଚନା ଦେଇଛନ୍ତି । ଏକ ପୋଷ୍ଟ ଟ୍ରମ୍ପ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ?ରେ ସେୟାର କରିଛନ୍ତି । ଟ୍ରମ୍ପଙ୍କ ୧୦୦ ପ୍ରତିଶତ ଶୁଳ୍କ ନିଷ୍ପତ୍ତିର ସିଧାସଳଖ ପ୍ରଭାବ ହଲିଉଡ୍ ? ଉପରେ ପଡ଼ିବ । ହଲିଉଡ୍ ?ରେ ନିର୍ମିତ ଚଳଚ୍ଚିତ୍ରଗୁଡ଼ିକୁ ଏବେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ । ଟ୍ରମ୍ପ ବିଶ୍ୱାସ କରନ୍ତି ଯେ ବିଦେଶରେ ନିର୍ମିତ ଚଳଚ୍ଚିତ୍ର ଦ୍ୱାରା ଆମେରିକାର କ୍ଷତି ହେଉଛି । ସେପଟେ ବଲିଉଡ୍ ?ରେ ଏନେଇ ବିରୋଧ ଆରମ୍ଭ ହେଲାଣି ।

## ବିଏସଏଫରେ ଯୋଡ଼ିହେବ ୧୬ ନୂଆ ବାଟାଲିଅନ

ନୂଆଦିଲ୍ଲୀ : ସୀମା ସୁରକ୍ଷା ବଳ (ବିଏସଏଫ)ରେ ଯୋଡ଼ି ହେବ ୧୬ ନୂଆ ବାଟାଲିଅନ । ଏଥିପାଇଁ ସୃଷ୍ଟି ହେବ ୧୭ ହଜାର ନୂଆ ପଦବୀ । ପାକିସ୍ତାନ ଏବଂ ବାଂଲାଦେଶ ପଟୁ ଭାରତ ପ୍ରତି ଅଧିକ ବିପଦ ସୃଷ୍ଟି ହେଉଥିବାରୁ ବିଏସଏଫ ପକ୍ଷରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହା ସହିତ ପଶ୍ଚିମାଞ୍ଚଳ ଏବଂ ପୂର୍ବାଞ୍ଚଳରେ ୨ଟି ନୂଆ ଫରୱାର୍ଡ ହେଡ୍ ?କ୍ୱାର୍ଟର୍ସ ପ୍ରତିଷ୍ଠା ଲାଗି ମଧ୍ୟ ଯୋଜନା ରହିଛି । ଏହି ଦୁଇଟି ନୂଆ ଫରୱାର୍ଡ ହେଡ୍ ?କ୍ୱାର୍ଟର୍ସ ଅଧୀନରେ ୧୬ ବାଟାଲିଅନ ରହିବେ, ଯେଉଁମାନେ ପାକିସ୍ତାନ ଏବଂ ବାଂଲାଦେଶ ସୀମାରେ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖିବା ଲାଗି ମୁତୟନ ହେବେ । ଗୋଟିଏ ଫରୱାର୍ଡ ହେଡ୍ ?କ୍ୱାର୍ଟର୍ସ ଜାମ୍ମୁରେ ଏବଂ ଅନ୍ୟଟି ମିଜୋରମରେ ପ୍ରତିଷ୍ଠା ହେବ । ଏଥିପାଇଁ ସରକାରଙ୍କ ତରଫରୁ ପ୍ରାରମ୍ଭିକ ଅନୁମୋଦନ ମିଳିସାରିଛି । ଚୂଡ଼ାନ୍ତ ଅନୁମୋଦନ ପାଇଁ ଅପେକ୍ଷା ରହିଥିବା ସୂଚନା ମିଳିଛି । ବିଏସଏଫର ସମ୍ପ୍ରସାରଣ ପ୍ରସ୍ତାବକୁ କେନ୍ଦ୍ର ସରକାର ଗ୍ରହଣ କରିଛନ୍ତି । ବର୍ତ୍ତମାନ ୧୯୩ ବାଟାଲିଅନ ରହିଛି । ପ୍ରତି ବାଟାଲିଅନରେ ୧୦୦୦ ଲେଖାଏ ଯବାନ ରହିଛନ୍ତି । ଅତିରିକ୍ତ ୧୬ ବାଟାଲିଅନ ଅନ୍ତର୍ଭୁକ୍ତ ହେବା ପରେ ଉଭୟ ପାକିସ୍ତାନ ଏବଂ ବାଂଲାଦେଶ ସୀମାରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି ପାଇବ । ଏହି ପ୍ରସ୍ତାବକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମର୍ଥନ ଜଣାଇଛି ।

# ବଢ଼ିଲା ଜମ୍ମୁ କଶ୍ମୀର ଜେଲ୍ ସୁରକ୍ଷା ବ୍ୟବସ୍ଥା



ନୂଆଦିଲ୍ଲୀ : ଜମ୍ମୁ ଜେଲରେ ହୋଇପାରେ ଆତଙ୍କବାଦୀ ଆକ୍ରମଣ । ବଢ଼ିଲା ସୁରକ୍ଷା ବ୍ୟବସ୍ଥା । ଶ୍ରୀନଗର ସେଣ୍ଟ୍ରାଲ ଜେଲ୍ ଏବଂ ଜମ୍ମୁର କୋଟ ବଲୱାଲ ଜେଲ୍ ଭଳି ହାଇ ସିକ୍ୟୁରିଟି ସୁବିଧା ଥିବା ଜେଲକୁ ଟାର୍ଗେଟ କରାଯାଇପାରେ । ଏନେଇ ସୂଚନା ଦେଇଛି ଗୁଇନ୍ଦା ବିଭାଗ । ଶ୍ରୀନଗର ସେଣ୍ଟ୍ରାଲ ଜେଲ୍ ଏବଂ ଜମ୍ମୁର କୋଟ ବଲୱାଲ ଜେଲ୍ ରେ ବର୍ତ୍ତମାନ ଅନେକ ହାଇ ପ୍ରୋଫାଇଲ୍ ଆତଙ୍କବାଦୀ ଏବଂ ସ୍ଲିପର ସେଲ୍ ସଦସ୍ୟ ଅଛନ୍ତି । ଏମାନେ ଲଜିଷ୍ଟିକ୍ ସାହାଯ୍ୟ, ଆଶ୍ରୟ ଏବଂ ଆକ୍ରମଣରେ ସିଧାସଳଖ ସମ୍ପୃକ୍ତ ନ ଥିଲେ ମଧ୍ୟ ଆତଙ୍କବାଦୀଙ୍କୁ ସହାୟତା ଯୋଗାଇବା ପାଇଁ ଜଣାଶୁଣା । ଏହି ଜେଲ୍ ଗୁଡିକୁ ଆତଙ୍କବାଦୀ ଟାର୍ଗେଟ କରି ପାରନ୍ତି ବୋଲି ଗୁଇନ୍ଦା ସୂଚନା ମିଳିଛି । ସୂଚନା ମିଳିବା ପରେ ଉଚ୍ଚ ଅଧିକାରୀଙ୍କୁ ସାକ୍ଷାତ କରିଛନ୍ତି ସିଆଇଏସଏଫ୍ ଡିଜି । ସମୀକ୍ଷା ପରେ ଜେଲ ଗୁଡିକର ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି । ୨୦୨୩ରେ ସିଆଇଏସଏଫକୁ ଜମ୍ମୁ କଶ୍ମୀର ଜେଲର ସୁରକ୍ଷା ଦାୟିତ୍ୱ ଦିଆଯାଇଥିଲା । ପହଲଗାମ ଆତଙ୍କୀ ଆକ୍ରମଣ ପରେ ଏନଆଇଏ ଜମ୍ମୁ ଜେଲରେ ବନ୍ଦ ଥିବା ଦୁଇ ଓଭର ଗ୍ରାଉଣ୍ଡ ୱାର୍କର ନିସାର ଏବଂ ମୁସ୍ତାକକୁ ପଚରାଉଚରା କରିଥିଲା । ଦୁହେଁ ଏପ୍ରିଲ ୨୦୨୩ରୁ ଜମ୍ମୁ ଜେଲରେ ବନ୍ଦୀ ରହିଛନ୍ତି । ଏମାନେ ୨୦୨୩, ଜାନୁଆରୀ ୧ ରଜୌରୀରେ ହୋଇଥିବା ଆତଙ୍କୀ ଆକ୍ରମଣର ସଂପୃକ୍ତ ହୋଇ ଗିରଫ ହୋଇଥିଲେ । ଏହି ଘଟଣାରେ ଦୁଇ ଜଣ ପିଲା ସହିତ ୭ ଜଣ ନାଗରିକଙ୍କ ପ୍ରାଣ ଯାଇଥିଲା । ସୂଚନାଯୋଗ୍ୟ, ଏପ୍ରିଲ ୨୨ରେ ହୋଇଥିବା ଆତଙ୍କୀ ଆକ୍ରମଣ ପରେ ଭାରତ ପ୍ରମୁଖ କାର୍ଯ୍ୟାନୁଷ୍ଠାନ ନେଉଛି । ୨୬ ଜଣ ନିର୍ଦ୍ଦୋଷ ପର୍ଯ୍ୟଟକଙ୍କୁ ହତ୍ୟା କରିବା ପରେ ଏବେ ପାକିସ୍ତାନ ହଇରାଣ ହେଉଛି । ପହଲଗାମ୍ ଆତଙ୍କୀ ହମଲାର ପ୍ରତିଶୋଧ ନେବାକୁ ଜଳ ଷ୍ଟ୍ରାଇକ ସହ ସିନ୍ଧୁ ନଦୀ ଚୁକ୍ତି ବାତିଲ ଏବଂ ପାକିସ୍ତାନୀଙ୍କ ଭିସା ବାତିଲ ଭଳି ବଡ ପଦକ୍ଷେପ ନେଇଛି ଭାରତ । ପାକିସ୍ତାନ ପାଇଁ ନିଜର ଏୟାରସ୍ପେସ୍ ବନ୍ଦ କରିବା ସହ ପାକିସ୍ତାନର କଳାକାର, ଖେଳାଳୀ, ନେତା ଏବଂ ପ୍ରଧାନମନ୍ତ୍ରୀଙ୍କୁ ୟୁଟ୍ୟୁବ ଏବଂ ସୋସିଆଲ ମିଡିଆ ବନ୍ଦ କରିବା ପରେ ଏବେ ଆମଦାନୀ-ରପ୍ତାନୀ ବନ୍ଦ କରିଛି ।

## ଭୂକମ୍ପ ଝଟକାରେ ଥରିଲା ପାକିସ୍ତାନ



ନୂଆଦିଲ୍ଲୀ : ପାକିସ୍ତାନରେ ଭୂକମ୍ପର ଝଟକା ଅନୁଭୂତ । ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୨ ଥିବା ରେକର୍ଡ କରାଯାଇଛି । ଭୂକମ୍ପ ଝଟକା ଅପରାହ୍ନ ୪ଟା ୫ ମିନିଟରେ ଆସିଥିଲା । ଭୂକମ୍ପ ଝଟକା ଭୟଭୀତ ହୋଇ ଲୋକ ଘରୁ ବାହାରି ଚାଲିଆସିଥିଲେ । କିଛିଦିନ ତଳେ ୨୦୨୫ ଏପ୍ରିଲ ୩୦ ତାରିଖରେ ପାକିସ୍ତାନରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା । ସେହି ସମୟରେ ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୪ ରେକର୍ଡ କରାଯାଇଥିଲା । ସୂଚନାଯୋଗ୍ୟ, ପାକିସ୍ତାନର ଅନେକ ସହରରେ ଏପ୍ରିଲ ୫ ତାରିଖ ସୋମବାର ଦିନ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା । ଭାରତ ଆକ୍ରମଣ ଭୟରେ ଭୟଭୀତ ଥିବା ପରିସ୍ଥିତିରେ ଭୂକମ୍ପର ଝଟକାରେ ପାକିସ୍ତାନବାସୀ ଥରହର ହୋଇଯାଇଛନ୍ତି । ଭୂକମ୍ପ ଝଟକାରେ ଥରିଲା ପାକିସ୍ତାନ, ଭୟରେ ଘରୁ ବାହାରି ଦୌଡିଲେ ଲୋକ ପାକିସ୍ତାନରେ ଭୂକମ୍ପର ଝଟକା ଅନୁଭୂତ । ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୨ ଥିବା ରେକର୍ଡ କରାଯାଇଛି । ଭୂକମ୍ପ ଝଟକା ଅପରାହ୍ନ ୪ଟା ୫ ମିନିଟରେ ଆସିଥିଲା । ଭୂକମ୍ପ ଝଟକା ଭୟଭୀତ ହୋଇ ଲୋକ ଘରୁ ବାହାରି ଚାଲିଆସିଥିଲେ । କିଛିଦିନ ତଳେ ୨୦୨୫ ଏପ୍ରିଲ ୩୦ ତାରିଖରେ ପାକିସ୍ତାନରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା । ସେହି ସମୟରେ ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୪ ରେକର୍ଡ କରାଯାଇଥିଲା ।ସୂଚନାଯୋଗ୍ୟ, ପାକିସ୍ତାନର ଅନେକ ସହରରେ ଏପ୍ରିଲ ୫ ତାରିଖ ସୋମବାର ଦିନ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା । ଭାରତ ଆକ୍ରମଣ ଭୟରେ ଭୟଭୀତ ଥିବା ପରିସ୍ଥିତିରେ ଭୂକମ୍ପର ଝଟକାରେ ପାକିସ୍ତାନବାସୀ ଥରହର ହୋଇଯାଇଛନ୍ତି ।

## ୟେମେନ୍ ବନ୍ଦରରେ ଇସ୍ରାଏଲ୍ର ବୋମାମାଡ଼

ସାନା : ହୁଟି ଆତଙ୍କବାଦୀ ଇସ୍ରାଏଲ୍ ?ର ତେଲ୍ ? ଆଭିଭ୍ ?ସ୍ଥିତ ବେନ୍ ? ଗୁରିଅନ୍ ? ଏୟାରପୋର୍ଟ ନିକଟରେ ମିଶାଇଲ୍ ? ମାଡ଼ କରିବାର ଦିନକ ପରେ ଇସ୍ରାଏଲୀ ସେନା ଏହାର ପ୍ରତିଶୋଧ ନେଇଛି । ଇସ୍ରାଏଲ୍ ? ପକ୍ଷରୁ ସୋମବାର ସନ୍ଧ୍ୟାରେ ୟେମେନ୍ ?ର ହୋଦେଇଦାହ ବନ୍ଦରକୁ ଟାର୍ଗେଟ କରି ୩୦ଟି ଯୁଦ୍ଧବିମାନରୁ ବୋମାମାଡ଼ କରାଯାଇଛି । ବନ୍ଦର ଏକ ନିଆଁ ପିଣ୍ଡୁଳାରେ ପରିଣତ ହେବା ସହ ପ୍ରବଳ ଧୂଆଁ ଉଠୁଥିବା ଦେଖିବାକୁ ମିଳିଛି । ଉକ୍ତ ବନ୍ଦର ଦେଇ ଇରାନୀୟ ଅସ୍ତ୍ର ଓ ସାମରିକ ସରଞ୍ଜାମ ଅନ୍ ?ସାରଲ୍ଲାହକୁ ଚୋରା ଚାଲାଣ ହେଉଥିଲା ବୋଲି ଇସ୍ରାଏଲ୍ ? କହିଛି । ବନ୍ଦର ସମେତ ଏକ ସିମେଣ୍ଟ କାରଖାନା କ୍ଷତିଗ୍ରସ୍ତ ହୋଇଥିବାବେଳେ ୨୧ ଜଣ ଆହତ ହୋଇଥିବା ୟେମେନି ଗଣମାଧ୍ୟମ ପକ୍ଷରୁ କୁହାଯାଇଛି ।

## କୋଠାରେ ଅଗ୍ନିକାଣ୍ଡ:୫ ମୃତ


ନୂଆଦିଲ୍ଲୀ : ଉତ୍ତରପ୍ରଦେଶ କାନପୁରର ଚମନଗଞ୍ଜରେ ଭୟାବହ ଅଗ୍ନିକାଣ୍ଡ । ଗୋଟିଏ ପରିବାରର ୫ଜଣଙ୍କ ମୃତ୍ୟୁ ହୋଇଛି । ଗତକାଲିରେ ରାତିରେ ଚମନଗଞ୍ଜ ଅଞ୍ଚଳର ୫ ମହଲା କୋଠାରେ ହଠାତ ନିଆଁ ଲାଗିଯାଇଥିଲା । ଏଥିରେ ବାପା, ମାଆଙ୍କ ସମେତ ୩ ଛୁଆଙ୍କ ଜୀବନ ଯାଇଛି । ସମସ୍ତ ମୃତଦେହ ଉଦ୍ଧାର କରାଯାଇଛି । ନିଆଁ ଏତେ ଭୟଙ୍କରା ଥିଲା ଯେ ଆୟତ୍ତ କରିବାକୁ ଦମକଳ ବାହିନୀକୁ ୮ ଘଣ୍ଟା ସମୟ ଲାଗିଥିଲା । ଅନ୍ୟପଟେ ଅଗ୍ନିକାଣ୍ଡର ଭୟାବହତାକୁ ଦୃଷ୍ଟିରେ ରଖି, ଆଖପାଖ କୋଠାଗୁଡ଼ିକୁ ଖାଲି କରାଯାଇଛି । ଅଗ୍ନିଶମ ବାହିନୀର କର୍ମଚାରୀମାନେ ସିଡ଼ି ବ୍ୟବହାର କରି କୋଠାରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରୁଛନ୍ତି । ସୂଚନା ଅନୁଯାୟୀ, ପାଞ୍ଚ ମହଲା ବିଶିଷ୍ଟ କୋଠାରେ ଏକ ବେଆଇନ ଜୋତା କାରଖାନା ଚାଲୁଥିଲା । ଯଦିଓ ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ, ପ୍ରାରମ୍ଭିକ ତଦନ୍ତରୁ ସର୍ଟସର୍କିଟରୁ ନିଆଁ ଲାଗିଥିବା ଜଣାପଡିଛି । କୁହାଯାଏ ଯେ ନିଆଁ ଧୀରେ ଧୀରେ ଭୟଙ୍କର ରୂପ ନେଇଥିଲା ଏବଂ ସମଗ୍ର କୋଠାଟି ନିଆଁରେ ପୋଡ଼ି ଯାଇଥିଲା । ବର୍ତ୍ତମାନ ନିଆଁ ଲିଭାଇବା ପାଇଁ ପ୍ରୟାସ ଜାରି ରହିଛି । ସମଗ୍ର ପ୍ରଶାସନିକ କର୍ମଚାରୀ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି ।

## ଭାରତର ମିସାଇଲ ପାୱାର ଦେଖି ଛାନିଆ ପାକିସ୍ତାନ



ନୂଆଦିଲ୍ଲୀ : ପହଲଗାମ ବଦଲା ପାଇଁ ଆକ୍ସନ ମୋଡରେ ଭାରତ । ଆକ୍ରମଣ ହେଲେ କଣ କରିବ ପାକିସ୍ତାନ ? ଭାରତର ସାମରିକ ପ୍ରସ୍ତୁତି ଦେଖି ଛାନିଆ ପାକିସ୍ତାନ ଦେଖାଉଛି ମିସାଇଲ ପାୱାର । ଦୁଇ ଦିନରେ ଦୁଇଟି ମିସାଇଲ ଟେଷ୍ଟ କଲାଣି ଇସଲାମାବାଦ । ଆଜି ସର୍ଫେସ୍ ଟୁ ସର୍ଫେସ୍ ଫତାହ ମିସାଇଲ ଟେଷ୍ଟ କରିଛି । ପରୀକ୍ଷଣ ସଫଳ ହୋଇଥିବା ଦାବି କରିଛି । ଏହାର ରେଞ୍ଜ ରହିଛି ମାତ୍ର ୧୨୦ କିଲୋମିଟର । ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହୋଇ ପାରିବ ଏହି କ୍ଷେପଣାସ୍ତ୍ର । ଗତ ୩ ତାରିଖରେ ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର 'ଅବଦାଲି' ପରୀକ୍ଷା କରିଥିଲା ପାକିସ୍ତାନ । ଏହାର ଲକ୍ଷ୍ୟଭେଦ କ୍ଷମତା ୪୫୦ କିଲୋମିଟର । ସମ୍ଭାବ୍ୟ ଯୁଦ୍ଧ ଉତ୍ତେଜନା ଭିତରେ ମିଲିଟାରୀ ଡ୍ରିଲ୍ 'ଏକ୍ସରସାଇଜ ଇଣ୍ଡସ' ଚଳାଇଛି ପାକିସ୍ତାନ । ଭାରତୀୟ ସେନାକୁ ସାମରିକ ଅପରେସନ୍ ପାଇଁ ପ୍ରଧାନମନ୍ତ୍ରୀ ମୋଦି ପୂର୍ଣ୍ଣ ସ୍ୱାଧୀନତା ଦେବା ପରଠାରୁ ହାଇ ଆଲର୍ଟରେ ପାକିସ୍ତାନ । ଯେ କୌଣସି ମୁହୂର୍ତ୍ତରେ ପହଲଗାମ ବଦଲା ନେଇପାରେ ଭାରତ । ପାକିସ୍ତାନ ବିରୋଧରେ ହୋଇପାରେ ବଡ଼ ସାମରିକ ଆକ୍ସନ । ତିନି ସେନା ସହ ପ୍ରଧାନମନ୍ତ୍ରୀ ଓ ପ୍ରତିରକ୍ଷାମନ୍ତ୍ରୀଙ୍କ ଘନଘନ ବୈଠକ । ତିନି ସେନାର ମୁଖ୍ୟଙ୍କ ସହ ମାରାଥନ ବୈଠକ ପରେ ପ୍ରତିରକ୍ଷା ସଚିବଙ୍କ ସହ ମୋଦିଙ୍କ ଆଲୋଚନା । ଆଜି ପ୍ରଧାନମନ୍ତ୍ରୀଙ୍କୁ ଭେଟିଛନ୍ତି ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂ ।

# ଆତଙ୍କବାଦୀଙ୍କୁ ଖାଦ୍ୟ ଓ ଆଶ୍ରୟ ଦେଇଥିବା ବ୍ୟକ୍ତି ମୃତ



ନୂଆଦିଲ୍ଲୀ : ଜମ୍ମୁ ଓ କଶ୍ମୀରର କୁଲଗାମ ଜିଲ୍ଲାରେ ଆତଙ୍କବାଦୀଙ୍କୁ ଖାଦ୍ୟ ଓ ଆଶ୍ରୟ ଦେଇଥିବା ଆତଙ୍କୀ ନଦୀକୁ ଡେଇଁ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ମୃତ୍ୟୁ ହୋଇଛି । ବ୍ୟକ୍ତି ଜଣକ ସୁରକ୍ଷାକର୍ମୀମାନେ ସର୍ଚ୍ଚ ଅପରେସନ ଚଳାଇଥିବା ବେଳେ ଆତଙ୍କବାଦୀ ଜଙ୍ଗଲରୁ ନଦୀକୁ ଡେଇଁ ଖସିଯାଇଛି । ଯାହାର ଭିଡିଓ ସାମ୍ନାକୁ ଆସିଛି । ଜମ୍ମୁ କଶ୍ମୀର ରକି ନଦୀକୁ ଡେଇଁ ଆତଙ୍କବାଦୀ ପହଁରି ପହଁରି ଯାଉଥିବାର ଭିଡିଓ ଦେଖିବାକୁ ମିଳିଛି । ଆତଙ୍କବାଦୀଙ୍କୁ ଧରିବା ପାଇଁ ରାଷ୍ଟ୍ରୀୟ ରାଇଫଲ ଏବଂ ଏସଓଜି ଯବାନମାନେ ଆତଙ୍କବାଦୀର ପିଛା କରୁଥିବା ବେଳେ ତାର ମୃତ୍ୟୁ ହୋଇଛି । ବ୍ୟକ୍ତି ଜଣଙ୍କ କୁଲଗାମ ଜିଲ୍ଲାର । ଆତଙ୍କୀଙ୍କୁ ରହିବା ଏବଂ ଖାଇବାକୁ ଦେଇଥିଲେ । ସେ ପହଲଗାମ ଆତଙ୍କୀଙ୍କୁ ସହଯୋଗ କରୁଥିଲା । ୨୩ ବର୍ଷୀୟ ଇମିତିଆଜ ଅହମଦ ମାଗ୍ରେ ଜଙ୍ଗଲରେ ଥିବା ନଦୀକୁ ଡେଇଁ ପଡ଼ିଥିଲା । ଶନିବାର ପୋଲିସ ମାଗ୍ରେଙ୍କୁ ଗିରଫ କରିଥିଲା । ପଚରାଉଚରା ବେଳେ ସେ ପୋଲିସକୁ କହିଥିଲେ ଯେ, ସେ କୁଲଗାମର ତଙ୍ଗମାର୍ଗରେ ଜଙ୍ଗଲରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ଖାଦ୍ୟ ଓ ଲଜିଷ୍ଟିକ୍ସ ଯୋଗାଇ ଦେଇଥିଲେ । ରବିବାର ସକାଳେ, ପୋଲିସ ଓ ସେନାର ମିଳିତ ଟିମ୍ ଆତଙ୍କୀ ଲୁଚିବା ସ୍ଥାନରେ ଅଭିଯାନ ପାଇଁ ନେଇ ଯାଉଥିବା ବେଳେ ଆତଙ୍କୀ ଜଣକ ନଦୀରେ ଡେଇଁ ପଡ଼ିଥିଲେ । ଏହାପରେ ପୋଲିସ ଡ୍ରୋନ ଫୁଟେଜ ଜାରି କରିଛି । ଯେଉଁଥିରେ ଆତଙ୍କୀ ଜଣକ ପାଣିପିଇବା ବାହାନା କରି ପାଣି ପିଉଥିବା ବେଳେ ନଦୀକୁ ଡେଇଁ ଖସିଯିବାକୁ ଚେଷ୍ଟା କରୁଛି । କିନ୍ତୁ ପାଣିର ସ୍ରୋତରେ ପଥରରେ ମାଡ଼ ହୋଇ ଜୀବନ ଚାଲିଯାଉଛି ।

## ପାକିସ୍ତାନ ସାଇବର ଅପରାଧୀଙ୍କ ଟାର୍ଗେଟରେ ଭାରତୀୟ ପ୍ରତିରକ୍ଷା ସଂସ୍ଥା

ନୂଆଦିଲ୍ଲୀ : ଭାରତ ସହ ସାଇବର ଯୁଦ୍ଧ କରିବାକୁ ଚାହୁଁଛି ପାକିସ୍ତାନ । ପାକିସ୍ତାନୀ ହ୍ୟାକର ଗୋଷ୍ଠୀ 'ପାକିସ୍ତାନ ସାଇବର ଫୋର୍ସ' ଭାରତର ମିଲିଟାରୀ ଇଞ୍ଜିନିୟରିଂ ସର୍ଭିସ (ଏମଇଏସ) ଏବଂ ମନୋହର ପାରିକର ଇନଷ୍ଟିଚ୍ୟୁଟ ଫର ଡିଫେନ୍ସ ଷ୍ଟଡିଜ ଆଣ୍ଡ ଆନାଲିସିସ (ଆଇଡିଏସଏ) ଭଳି ପ୍ରତିରକ୍ଷା ସଂସ୍ଥାଗୁଡ଼ିକର




ୱେବସାଇଟ୍ ହ୍ୟାକ କରି ସମ୍ବେଦନଶୀଳ ତଥ୍ୟ ହାତେଇଥିବା ଦାବି କରିଛି । ଏକ୍ସରେ ପୋଷ୍ଟ କରି ଏହି ହ୍ୟାକର ଦାବି କରିଛି ,ସେମାନେ ଏମଇଏସ ଏବଂ ଆଇଡିଏସଏରୁ ଗୁରୁତ୍ୱପୂର୍ଣ୍ଣ ଡାଟା ଚୋରି କରିଛନ୍ତି । ଏହା ସହ ଆରମୋଡ ଭେହିକଲ ଲିମିଟେଡ ୱେବସାଇଟକୁ ମଧ୍ୟ ଖରାପ କରାଯାଇଛି ବୋଲି ଦାବି କରିଛନ୍ତି ପାକିସ୍ତାନୀ ହ୍ୟାକର । ଭାରତୀୟ ସାଇବର ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ଆକ୍ରମଣର ତଦନ୍ତ ଆରମ୍ଭ କରିଛନ୍ତି । ଅଧିକାରୀମାନେ କହିଛନ୍ତି ଏହି ଆକ୍ରମଣଗୁଡ଼ିକ ପାକିସ୍ତାନର ଅସନ୍ତୋଷର ଏକ ପ୍ରତୀକ । ଏହା ପୂର୍ବରୁ ମଧ୍ୟ ପାକିସ୍ତାନୀ ହ୍ୟାକର ଗୋଷ୍ଠୀ 'ସାଇବର ଗ୍ରୁପ ହୋକ୍ସ' ଏବଂ 'ନ୍ୟାସନାଲ ସାଇବର କ୍ରୁ' ଭାରତୀୟ ୱେବସାଇଟଗୁଡ଼ିକୁ ଟାର୍ଗେଟ କରିଥିଲେ, କିନ୍ତୁ ଭାରତୀୟ ଏଜେନ୍ସିଗୁଡ଼ିକ ସେଗୁଡ଼ିକୁ ବିଫଳ କରିଥିଲେ । ଭାରତୀୟ ଅଧିକାରୀମାନେ ଏହାକୁ ଗୁରୁତର ସହ ନେଇ ସାଇବର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକରିବା ପାଇଁ ପଦକ୍ଷେପ ନେଉଛନ୍ତି ।

# ଭାରତର ବଡ଼ ଶତ୍ରୁ ଚୀନ, ତଥାପି ଚେତୁନାହାନ୍ତି ସରକାର

ନୂଆଦିଲ୍ଲୀ : ଚୀନ ଭାରତର ପଡ଼ୋଶୀ ଏବଂ ପରମ ଶତ୍ରୁ ମଧ୍ୟ । ଭାରତ ପ୍ରତି ଯେତେବେଳେ ବିପଦ ଆସେ ଚୀନ ସେତେବେଳେ ଭାରତର ଶତ୍ରୁ ରାଷ୍ଟ୍ର ସହିତ ଛିଡ଼ା ହୋଇଆସିଛି । ବର୍ତ୍ତମାନ ପହଲଗାଉଁ ଆକ୍ରମଣ ପରେ ବି ସମାନ ପରିସ୍ଥିତି ଉପୁଜିଛି । ପହଲଗାଉଁ ଆକ୍ରମଣ ପରେ ଭାରତ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ଭାରତ ପକ୍ଷରୁ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଚାଲିଥିବା ସମୟରେ ଚୀନ ପୁନର୍ବାର ପାକିସ୍ତାନ ସହିତ ଛିଡ଼ା ହୋଇଛି । ଚୀନ ରାଷ୍ଟ୍ରଦୂତ ଜିୟାଙ୍ଗ ଝାଇଡୋଙ୍ଗ ସୋମବାର ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲ୍ଲୀ ଜର୍ଦ୍ଦାରୀଙ୍କୁ ଭେଟି ଚୀନ ସର୍ବଦା ପାକିସ୍ତାନର ସମର୍ଥନ କରିବ ବୋଲି ଭରସା ଦେଇଛନ୍ତି । ଦକ୍ଷିଣ ଏସିଆରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ଲାଗି ପାକିସ୍ତାନକୁ ସବୁ ପରିସ୍ଥିତିରେ ଚୀନ ସହଯୋଗ ଜାରି ରଖିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।




ବିଭିନ୍ନ ସମୟରେ ଚୀନର ଏଭଳି ପଦକ୍ଷେପ ସତ୍ତ୍ୱେ କେନ୍ଦ୍ର ସରକାର ଏହି ରାଷ୍ଟ୍ର ସହିତ ବ୍ୟାବସାୟିକ ସମ୍ପର୍କ ବୃଦ୍ଧି କରୁଥିବାରୁ ଏହାକୁ ବିଭିନ୍ନ କ୍ଷେତ୍ରରେ ସମାଲୋଚନା କରାଯାଇଛି । ଚୀନର ନୂଆ ନୂଆ ଉତ୍ପାଦ ଏବେ ଭାରତୀୟ ବଜାରକୁ କବଜା କରିବାରେ ଲାଗିଛନ୍ତି । ସରକାର ଏସବୁ ପ୍ରତି ଧ୍ୟାନ ଦେଇ ଚୀନ ବିରୋଧରେ ଦୀର୍ଘକାଳୀନ କଠୋର ବାଣିଜ୍ୟିକ ପଦକ୍ଷେପ ନେବାର ସମୟ ଆସିଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି । ତେବେ ପାକିସ୍ତାନକୁ କୂଟନୈତିକ ସ୍ତରରେ ବଡ଼ ଝଟକା ଦେବା ପରେ ଭାରତ ଆର୍ଥିକ କ୍ଷେତ୍ରରେ ବି ପାକିସ୍ତାନକୁ ତଳିତଳାନ୍ତ କରିବାକୁ ପଦକ୍ଷେପ ନେବା ଆରମ୍ଭ କରିଛି । ପାକିସ୍ତାନ ସହିତ ସମସ୍ତ ପ୍ରକାର ଆମଦାନୀ ଓ ରପ୍ତାନୀ କାରବାର ବନ୍ଦ କରିଦିଆଯାଇଛି । ଏବେ ପାକିସ୍ତାନକୁ ପାଣି ଯୋଗାଣ ବନ୍ଦ କରିବା ଲାଗି ଭାରତ ପକ୍ଷରୁ ଏସୀୟ ଉନ୍ନୟନ ବ୍ୟାଙ୍କ(ଏଡିବି) ନିକଟରେ ଦାବି କରାଯାଇଛି ।

# ପ୍ଲେ ଅଫ୍‌ର ନିକଟତର ହେଲା ପଞ୍ଜାବ




ନୂଆଦିଲ୍ଲୀ,୫।୫: ଆଇପିଏଲ୍ ୨୦୨୫ର ୫୪ତମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍ ଲକ୍ଷ୍ନୌ ସୁପରଜାଏଣ୍ଟସ୍‌କୁ ୩୭ ରନ୍‌ରେ ପରାସ୍ତ କରିଛି। ପ୍ରଥମେ ପାଳି ଖେଳି ପଞ୍ଜାବ ଦଳ ୨୩୬ ରନ କରିଥିଲା। ଏହା ଜବାବରେ ଏଲ୍ଏସ୍‌ଜି ଦଳ ନିର୍ଦ୍ଧାରିତ ୨୦ ଓଭରରେ କେବଳ ୧୯୯ ରନ କରିପାରିଥିଲା ଏବଂ ୩୭ ରନରେ ମ୍ୟାଚ୍ ହାରି ଯାଇଥିଲା। ପଞ୍ଜାବ କିଙ୍ଗ୍ସ ପକ୍ଷରୁ ପ୍ରଭସିମରନ୍ ୯୧ ରନର ଏକ ଦମଦାର ଇନିଂସ ଖେଳିଥିଲେ ଏବଂ ଦ୍ୱିତୀୟ ଇନିଂସରେ ବୋଲିଂରେ ଅର୍ଶଦୀପ ସିଂହ ୩ଟି ୱିକେଟ୍ ନେଇଥିଲେ।

ଧର୍ମଶାଳାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ, ପଞ୍ଜାବ କିଙ୍ଗ୍ସ ପ୍ରଥମେ ଖେଳି ୨୩୬ ରନ୍‌ର ଏକ ବିଶାଳ ସ୍କୋର କରିଥିଲା ଜବାବରେ, ଲକ୍ଷ୍ନୌ ଦଳର ଆରମ୍ଭ ବହୁତ ଖରାପ ହୋଇଥିଲା। କାରଣ ଉଭୟ ପ୍ରାରମ୍ଭିକ ବ୍ୟାଟର ୧୬ ରନ୍ ମଧ୍ୟରେ ପ୍ୟାଭିଲିୟନ ଫେରିଥିଲେ। ଏଡେନ୍ ମାର୍କରାମ ୧୩ ରନ୍ କରିଥିବା ବେଳେ ମିଚେଲ୍ ମାର୍ଶ ତାଙ୍କର ଖାତା ମଧ୍ୟ ଖୋଲିପାରି ନଥିଲେ। ନିକୋଲାସ୍ ପୁରନ୍ ଲଗାତାର ପଞ୍ଚମ ମ୍ୟାଚ୍ ପାଇଁ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। କାରଣ ସେ ପଞ୍ଜାବ ବିପକ୍ଷରେ ମାତ୍ର ୬ ରନ୍ କରିପାରିଥିଲେ। ଅଧିନାୟକ ରିଷଭ ପନ୍ତଙ୍କ ଖରାପ ଫର୍ମ ଜାରି ରହିଛି, ସେ ୧୭ ବଲ୍ ରେ ୧୮ ରନ୍ କରିବା ପରେ ଆଉଟ୍ ହୋଇଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ଲକ୍ଷ୍ନୌ ଦଳର ଅଧା ଖେଳାଳି ୭୩ ରନ୍‌ରେ ପାଭିଲିୟନ ଫେରିଯାଇଥିଲେ। ଏହିଠାରୁ ଅବଦୁଲ ସମଦ ଏବଂ ଆୟୁଷ ବଦୋନି ମ୍ୟାଚ୍ ସମ୍ଭାଳିଲେ ଏବଂ ୮୧ ରନର ଭାଗୀଦାରି କରିଥିଲେ, କିନ୍ତୁ ଯେତେବେଳେ ଦଳ ବିଜୟ ଆଡ଼କୁ ଅଗ୍ରସର ହେଉଥିଲା, ସେତେବେଳେ ସମଦ ୨୪ ବଲ୍‌ରେ ୪୫ ରନ କରି ଆଉଟ ହୋଇଥିଲେ। ଆୟୁଷ ବଦୋନି ଯେତେବେଳେ ସେ ଦ୍ରୁତ ଗତିରେ ସଟ୍ ମାରିବା ଆରମ୍ଭ କଲେ। ସେତେବେଳେ ବହୁତ ଡେରି ହୋଇଯାଇଥିଲା। ସେ ୪୦ ବଲ୍‌ରେ ୭୪ ରନ୍‌ର ଏକ ଇନିଂସ ଖେଳିଥିଲେ, ଏଥିରେ ସେ ୫ ଚୌକା ଏବଂ ୫ ଛକା ମାରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ କିଙ୍ଗ୍ସ ୫ ୱିକେଟ୍ ହରାଇ ୨୩୬ ରନର ବିଶାଳ ସ୍କୋର କରିଛି ପ୍ରଭସିମରନ ସିଂ ୯୧ ରନର ବିସ୍ଫୋରକ ଇନିଂସ ଖେଳିଛନ୍ତି। ଅଧିନାୟକ ଶ୍ରେୟସ ଆୟର ୪୫ ରନ କରିଥିବା ବେଳେ ଶଶାଙ୍କ ସିଂ ୩୩ ରନ ଦ୍ରୁତ ରନ କରିଛନ୍ତି।

## ଶାମିଙ୍କୁ ମିଳିଲା ହତ୍ୟା ଧମକ

ନୂଆଦିଲ୍ଲୀ,୫।୫: ଉ□ର ପ୍ରଦେଶର ଆମରୋହା ନିବାସୀ ଭାରତୀୟ କ୍ରିକେଟ ଦଳର ଦ୍ରୁତ ବୋଲର ମହମ୍ମଦ ଶାମିଙ୍କୁ ମିଳିଛି ହତ୍ୟା ଧମକ ଇମେଲ ମାଧ୍ୟମରେ ତାଙ୍କୁ ଏହି ଧମକ ମିଳିଛି ଏନେଇ ଶାମିଙ୍କ ଭାଇ ହସିବ ଆମରୋହା ପୋଲିସ ନିକଟରେ ପହଞ୍ଚିଥିଲେ। ଆମରୋହା ଏସ୍‌ପି ଅମିତ କୁମାର ଆନନ୍ଦଙ୍କ ନିର୍ଦ୍ଦେଶ ପରେ ସାଇବର ସେଲ୍‌ରେ ଏହି ମାମଲା ସମ୍ପର୍କରେ ଏକ ଏଫ୍ଆଇଆର୍ ପଞ୍ଜିକୃତ ହୋଇଥିଲା। ତେବେ ଶାମି ରବିବାର ତାଙ୍କ ଇମେଲରେ ରାଜପୁତ ସିନ୍ଧର ନାମକ ଏକ ମେଲ ଆଇଡିରୁ ଏକ ଧମକପୂର୍ଣ୍ଣ ମେସେଜ ପାଇଥିବା ତାଙ୍କ ଭାଇ ପୋଲିସକୁ କହିଛନ୍ତି। ତେବେ ଏହି କଥା ସାମ୍ନାକୁ ଆସିବା ପରେ ଆମରୋହା ସାଇବର ସେଲ୍ ଟିମ୍ ତଦନ୍ତ ଆରମ୍ଭ କରିଛି। ଶାମିଙ୍କୁ ମେଲରେ ହତ୍ୟା ଧମକ ଦିଆଯାଇଛି। ଏ ସଂକ୍ରାନ୍ତରେ ପ୍ରଥମେ ମେ ୪ରେ ଏକ ଇମେଲ ଆସିଥିଲା। ଏହାପରେ ଦ୍ୱିତୀୟ ଇମେଲ ଆଜି ସକାଳେ ଆସିଥିଲା। ସେଥିରେ ଲେଖାଯାଇଛି ଯେ ଆମେ ତୁମକୁ ହତ୍ୟା କରିବୁ ସରକାର ଆମର କିଛି କରିପାରିବେ ନାହିଁ ବୋଲି କୁହାଯାଇଛି। କର୍ଣାଟକର ରାଜପୁତ ସିନ୍ଧର ନାମକ ମେଲ୍ ଆଇଡିରୁ ମେଲଟି ପଠାଇଛନ୍ତି, ଯେଉଁଥିରେ ୧ କୋଟି ଟଙ୍କା ନ ଦେଲେ ଜୀବନରେ ମାରି ଦେବାକୁ ଧମକ ମିଳିଛି। ପୋଲିସ ତଦନ୍ତ କରୁଛି। ବ□ମାନ ଶାମି ଆଇପିଏଲ୍ ୨୦୨୫ ଟୁର୍ନାମେଣ୍ଟରେ ବ୍ୟସ୍ତ ଅଛନ୍ତି ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ସେ ଖେଳୁଛନ୍ତି ଚଳିତ ଆଇପିଏଲ୍‌ରେ ହାଇଦ୍ରାବାଦ ଟିମ୍‌ର ପ୍ରଦର୍ଶନ ସେତେଟା ଭଲ ରହିନାହିଁ ଏଯାଏ ଦଳ ୧୦ ମ୍ୟାଚ୍ ଖେଳିଥିବା ବେଳେ ୭ ମ୍ୟାଚରେ ପରାଜିତ ହୋଇଛି।

### ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)

**ପଏଣ୍ଟ ତାଲିକା**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୧ | ୦୮ | ୦୩ | ୧୬ |
| ପଞ୍ଜାବ କିଙ୍ଗ୍‌ସ | ୧୧ | ୦୭ | ୦୩ | ୧୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୦୭ | ୦୪ | ୧୪ |
| ଗୁଜରାଟ ଟାଇଟନ୍ସ | ୧୦ | ୦୭ | ୦୩ | ୧୪ |
| ଦିଲ୍ଲୀ କ୍ୟାପିଟାଲ୍ | ୧୧ | ୦୬ | ୦୪ | ୧୩ |
| କୋଲକାତା ନାଇଟ୍ ରାଇଡର୍ସ | ୧୧ | ୦୫ | ୦୫ | ୧୧ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୧୧ | ୦୫ | ୦୬ | ୧୦ |
| ସନରାଇଜର୍ସ ହାଇଦ୍ରାବାଦ | ୧୧ | ୦୩ | ୦୭ | ୦୭ |
| ରାଜସ୍ଥାନ ରୟାଲ୍‌ସ | ୧୨ | ୦୩ | ୦୯ | ୦୬ |
| ଚେନ୍ନାଇ ସୁପର କିଙ୍ଗ୍‌ସ | ୧୧ | ୦୨ | ୦୯ | ୦୪ |

### ଇଣ୍ଡୋ-ନେପାଳ ଆନ୍ତର୍ଜାତୀୟ ଟୋଙ୍ଗ- ଇଲ୍- ମୁଁ -ଡୁ ଚାମ୍ପିଅନ୍‌ସିପ

# ଓଡିଶା ଜିତିଲା ୧୫ ସ୍ୱର୍ଣ୍ଣ, ୮ ରୌପ୍ୟ



ଭୁବନେଶ୍ୱର,୫।୫: ଟୋଙ୍ଗ-ଇଲ୍-ମୁଁ-ଡୁ ଫେଡ୍‌ରେସନ ଇଣ୍ଡିଆ ପକ୍ଷରୁ ପଞ୍ଜାବର ଅମୃତସହର ଠାରେ ଅନୁଷ୍ଠିତ ଇଣ୍ଡୋ-ନେପାଳ ଟୋଙ୍ଗ-ଇଲ୍-ମୁଁ-ଡୁ ଚାମ୍ପିଅନ୍‌ସିପରେ ଓଡିଶାର ପ୍ରତିଯୋଗୀମାନେ ୧୫ ଟି ସ୍ୱର୍ଣ୍ଣ, ୮ ଟି ରୌପ୍ୟ ଓ ୩ ଟି କାଂସ୍ୟ ପଦକ ଜତିଛନ୍ତି। ଓଡିଶା ଟିମ୍ ଭୁବନେଶ୍ୱରେ ପହଞ୍ଚିବା ପରେ ସମସ୍ତଙ୍କୁ ବିପୁଳ ସ୍ୱାଗତ କରାଯାଇଛି।

ଏହି ଚାମ୍ପିଅନ୍‌ସିପ ୨ ରୁ ଆରମ୍ଭ ହୋଇ ୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଓଡିଶାରୁ ୩୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡିଶାର ପ୍ରତିଯୋଗୀମାନେ ତିନି ଦିନ ଧରି ଉନ୍ନତ ଖେଳ ପ୍ରଦର୍ଶନ କରି ୧୫ ଟି ସ୍ୱର୍ଣ୍ଣ, ୮ ଟି ରୌପ୍ୟ ଓ ୩ ଟି କାଂସ୍ୟ ପଦକ ହାତେଇ ଥିଲେ। ଓଡିଶା ପାଇଁ କୃତିତ୍ୱ ଆଣିଥିବାରୁ ଓଡିଶା ଆସୋସିଏସନର ସଭାପତି ବୀର କିଶୋର ଦେବ, ଚେୟାରମ୍ୟାନ ରବି ନାରାୟଣ ରାଉତରାୟ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଋଷଭ ପନ୍ତଙ୍କ ହାତରୁ ଗଲା ଅଧିନାୟକ ପଦ




ନୂଆଦିଲ୍ଲୀ,୫।୫: ଆଇପିଏଲ ୨୦୨୫ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଆସୁଛନ୍ତି ଋଷଭ ପନ୍ତ। ଏହି ଖେଳାଳି ଭଲ ରନ୍ ସ୍କୋର କରିପାରୁ ନ ଥିବା ବେଳେ ଦଳ ଲକ୍ଷ୍ନୌ ସୁପରଜିଆଣ୍ଟସ ମଧ୍ୟ ଭଲ ପ୍ରଦର୍ଶନ କରୁନାହିଁ। ଏବେ ଖବର ଆସିଛି ଯେ ଋଷଭ ପନ୍ତ ଟିମ ଇଣ୍ଡିଆର ଅଧିନାୟକ ପଦ ହରାଇଛନ୍ତି।ତାଙ୍କ ବଦଳରେ ଶୁଭମନ ଗିଲ ଟେଷ୍ଟ ଦଳର ପରବ□ୀ ଉପ-ଅଧିନାୟକ ହୋଇପାରନ୍ତି। ଜସପ୍ରିତ ବୁମ୍‌ରାହ ତାଙ୍କ ଫିଟନେସ କାରଣରୁ ଇଂଲଣ୍ଡ ଟେଷ୍ଟ ସିରିଜର ସମସ୍ତ ୫ଟି ମ୍ୟାଚ୍ ଖେଳିପାରିବେ ନାହିଁ। ତେଣୁ ଗିଲଙ୍କୁ ଉପ-ଅଧିନାୟକ ଦାୟିତ୍ୱ ଦିଆଯିବ। ସେହି ସମୟରେ ଭବିଷ୍ୟତରେ ମଧ୍ୟ ଟେଷ୍ଟ ଅଧିନାୟକତ୍ୱ ଗିଲଙ୍କ ହାତରେ ଯିବା ଭଳି ମନେ ହେଉଛି।କିନ୍ତୁ ଏହି ସୁଯୋଗ ଋଷଭ ପନ୍ତଙ୍କ ହାତକୁ ଆସିଥାନ୍ତା କିନ୍ତୁ ହଠାତ ଏହି ଖେଳାଳିଙ୍କ ହାତରୁ ସବୁକିଛି ଖସିଯିବା ପରି ମନେ ହେଉଛି।

ଋଷଭ ପନ୍ତଙ୍କୁ ଲକ୍ଷ୍ନୌ ସୁପରଜିଆଣ୍ଟସ ୨୭ କୋଟି ଟଙ୍କାରେ କିଣିଥିଲା, ଯାହାଫଳରେ ତାଙ୍କ ଦଳ ଚାମ୍ପିଅନ ହୋଇପାରିବ। କିନ୍ତୁ ଏହି ଖେଳାଳି ଭଲ ବ୍ୟାଟିଂ କରିପାରୁନାହାନ୍ତି କି ଅଧିନାୟକତ୍ୱରେ ଫେଲ୍ ମାରିଛନ୍ତି। ଏହି ସିଜିନରେ ପନ୍ତ ୧୧ଟି ଇନିଂସରେ କେବଳ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ଦୁଇଥର ୦ ରନ ରେ ଆଉଟ ହୋଇଛନ୍ତି। ତାଙ୍କ ନାମରେ ମୋଟ ୬ ସିଙ୍ଗଲ ଡିଜିଟ ସ୍କୋର ଅଛି। କେବଳ ଏତିକି ନୁହେଁ ସେ ଅଧିନାୟକ୍ କ୍ଷେତ୍ରରେ ମଧ୍ୟ ବିଫଳ ହେଉଥିବା ପରି ମନେ ହେଉଛି। ତାଙ୍କ ମୁହଁରେ ଖରାପ ବ୍ୟାଟିଂର ଋପ ସ୍ପଷ୍ଟ ଭାବରେ ଦେଖାଯାଉଛି। ସେ ବୋଲରମାନଙ୍କ ଉପରେ ଚିତ୍କାର କରୁଛନ୍ତି। ଯେଉଁଥିରୁ ଏହା ସ୍ପଷ୍ଟ ଯେ ରିଷଭ ପନ୍ତ ଋପରେ ଭାଙ୍ଗି ପଡୁଛନ୍ତି ଏବଂ ଏହା ଟେଷ୍ଟ ଦଳର ଅଧିନାୟକ୍ ପାଇଁ ତାଙ୍କର ଦାବି ଉପରେ ପୂର୍ଣ୍ଣଚ୍ଛେଦ ପକାଇଛି। ଅନ୍ୟପକ୍ଷରେ, ଶୁଭମନ ଗିଲ କେବଳ ଟେଷ୍ଟ ଉପ-ଅଧିନାୟକ ନୁହେଁ ବରଂ ଆଇପିଏଲ୍‌ରୁ ହିଁ ଅଧିନାୟକତ୍ୱ ପାଇଁ ମଧ୍ୟ ନିଜର ଦାବି ରଖିଛନ୍ତି।

ଚଳିତ ଆଇପିଏଲ୍‌ରେ ଶୁଭମନ ଗିଲଙ୍କ ବ୍ୟାଟିଂ ଏବଂ ଅଧିନାୟକ୍ ଚମତ୍କାର ରହିଛି। ସେ ୧୦ଟି ମ୍ୟାଚ୍‌ରେ ୫୦ ରୁ ଅଧିକ ହାରରେ ୪୬୫ ରନ କରିଛନ୍ତି। ତାଙ୍କର ଷ୍ଟ୍ରାଇକ୍ ରେଟ୍ ମଧ୍ୟ ୧୬୨ ରୁ ଅଧିକ ବିଶ୍ ମଧ୍ୟ ତାଙ୍କର ନେତୃ ଗୁଣକୁ ପ୍ରଶଂସା କରୁଛି। ଗୁଜରାଟ ଦଳ ପଏଣ୍ଟ ଟେବୁଲରେ ଚତୁର୍ଥ ସ୍ଥାନରେ ଅଛି ଏବଂ ଦଳ ୧୦ ଟି ମ୍ୟାଚ ରୁ ୭ ଟିରେ ବିଜୟୀ ହୋଇଛି।ଏହା ସ୍ପଷ୍ଟ ଯେ ଗିଲଙ୍କ ଏପରି ଅଧିନାୟକ୍ ପ୍ରଦର୍ଶନ ଟେଷ୍ଟ ଦଳର ଅଧିନାୟକ ହେବାର ଦାବିକୁ ଆହୁରି ଦୃଢ଼ କରୁଛି। ଟିମ୍ ଇଣ୍ଡିଆକୁ ଆସନ୍ତା ମାସରେ ଇଂଲଣ୍ଡ ଗସ୍ତ କରିବାକୁ ପଡିବ ଏବଂ ଏହି ମାସରେ ଦଳ ଘୋଷଣା କରାଯିବ। ଏବେ ପନ୍ତ ଏବଂ ଗିଲଙ୍କ ଭବିଷ୍ୟତରେ କଣ ଲେଖା ହୋଇଛି ତାହା ଦେଖିବାକୁ ବାକି ରହିଲା।

# ରୁଡ୍‌ଙ୍କୁ ପ୍ରଥମ ମାଷ୍ଟର୍ସ ଟାଇଟଲ




ମାଡ୍ରିଡ୍, ୫।୫: କାସ୍ପର ରୁଡ୍ ମାଡ୍ରିଡ୍ ଓପନ ଫାଇନାଲ ଜିତିଛନ୍ତି। ସେ ଜ୍ୟାକ୍ ଡ୍ରାପରଙ୍କୁ ୭-୫, ୩-୬, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି।ଏଥିସହିତ ସେ ନରୱେର ପ୍ରଥମ ଖେଳାଳି ହିସାବରେ ମାଷ୍ଟର୍ସ ୧,୦୦୦ ଟାଇଟଲ ହାସଲ କରିଛନ୍ତି।

୧୫ତମ ର୍‌ୟାଙ୍କିଙ୍ଗପ୍ରାପ୍ତ ୨୬ ବର୍ଷୀୟ ରୁଡ୍ ସୋମବାର ପ୍ରକାଶିତ ସଦ୍ୟତମ ର୍‌ୟାଙ୍କିଙ୍ଗ ତାଲିକାରେ ଟପ୍ ୧୦ରେ ପ୍ରବେଶ କରିବା ସହ ୭ମ ସ୍ଥାନ ଅଧିକାର କରି ନେଇଛନ୍ତି। ୧୯୯୦ରେ ମାଷ୍ଟର୍ସ ସିରିଜର ପ୍ରଚଳନ ହେବାପରଠାରୁ ୧୩ ଥର ଟୁର୍ ଚାମ୍ପିୟନ ନରୱେର ପ୍ରଥମ ଖେଳାଳି ଭାବେ ଏକ ମାଷ୍ଟର୍ସ ୧୦୦୦ ଟ୍ରଫି ହାସଲ କରିଥିବା ଏଟିପି କହିଛି।

ଗତବର୍ଷ ମଣ୍ଟେ କାର୍ଲୋଠାରେ ଷ୍ଟିଫାନସ ସିରସସିପାସ ଏବଂ ୨୦୨୨ରେ ମାୟାମିରେ କାର୍ଲୋସ ଅଲ୍‌କରାଜଙ୍କ ପରେ ରୁଡ୍‌ଙ୍କର ଏହାଥିଲା। ତୃତୀୟ ଫାଇନାଲ ଆହୁରି ମଧ୍ୟ ୨୦୨୦ ଆରମ୍ଭରୁ ଅନ୍ୟ ଯେକୌଣସି ଖେଳାଳିଙ୍କ ତୁଳନାରେ ରୁଡ୍ ସବୁଠାରୁ ଅଧିକ ୧୨ଟି କ୍ଲେ ଟାଇଟଲ ହାସଲ କରିଛନ୍ତି।ଡ୍ରାପର ମାର୍ଚ୍ଚରେ ଇଣ୍ଡିଆନ ୱେଲ୍ସ ଚାମ୍ପିୟନ ହୋଇଥିଲେ। ମାଡ୍ରିଡ୍‌ରେ କ୍ୱାର୍ଟରଫାଇନାଲ ଜିତିବା ପରେ ର୍‌ୟାଙ୍କିଙ୍ଗ ତାଲିକାର ୫ମ ସ୍ଥାନ ଅଧିକାର କରିନେଇଛନ୍ତି।

## ବୈଭବଙ୍କୁ ପ୍ରଶଂସା କଲେ ମୋଦି

ନୂଆଦିଲ୍ଲୀ,୫।୫:ଆଇପିଏଲରେ ୩୫ ବଲ୍‌ରେ ଶତକ ହାସଲ କରିଥିବା ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଆଜିକାଲି ଚର୍ଚ୍ଚାରେ ଅଛନ୍ତି ତାଙ୍କ ବ୍ୟାଟିଂରେ ସମସ୍ତେ ପ୍ରଭାବିତ ଏବେ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ତାଙ୍କର ବହୁତ ପ୍ରଶଂସା କରିଛନ୍ତି।

ପାଟଲିପୁତ୍ର ଷ୍ଟାଡିୟମରେ ଆୟୋଜିତ ଖେଲୋ ଇଣ୍ଡିଆ। ୟୁଥ ଗେମ୍ସ ୨୦୨୫ର ଉଦଘାଟନୀ ସମାରୋହରେ ସେ କହିଥିଲେ,ଆମେ ସମସ୍ତେ ଆଇପିଏଲରେ ବିହାରର ପୁଅ ବୈଭବ ସୂର୍ଯ୍ୟବଂଶୀଙ୍କ ଚମତ୍କାର ପ୍ରଦର୍ଶନ ଦେଖିଛୁ। ବୈଭବ ଏତେ କମ ବୟସରେ ଏତେ ବଡ଼ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କ ଖେଳ ପଛରେ ତାଙ୍କର କଠିନ ପରିଶ୍ରମ ରହିଛି, କିନ୍ତୁ ବିଭିନ୍ନ ସ୍ତରରେ ମ୍ୟାଚ ଖେଳିବା ମଧ୍ୟ ତାଙ୍କୁ ସାହାଯ୍ୟ କରିଛି ଏହାର ଅର୍ଥ, ଯେତେ ଅଧିକ ଖେଳିବ, ସେ ସେତେ ଅଧିକ ପ୍ରସ୍ଫୁଟିତ ହେବ। ୧୪ ବର୍ଷୀୟ ଖେଳାଳି ଗୁଜୁରାଟ ଟାଇଟାନ୍ସ ବିପକ୍ଷରେ ତାଙ୍କର ତୃତୀୟ ମ୍ୟାଚ୍‌ରେ ୩୫ ବଲ୍‌ରେ ଶତକ ହାସଲ କରିଥିଲେ ଏବଂ ପୁରୁଷ ୨୦ କ୍ରିକେଟ୍‌ରେ ଶତକ ହାସଲ କରିଥିବା ସବୁଠାରୁ ଯୁବ ବ୍ୟାଟ୍ସମ୍ୟାନ ହୋଇଥିଲେ। ସେ ଆଇପିଏଲରେ ଦ୍ରୁତତମ ଶତକ ହାସଲ କରିବାରେ ଭାରତୀୟ ବ୍ୟାଟସମ୍ୟାନ ମଧ୍ୟ ହୋଇଛନ୍ତି।ସେ ଆଇପିଏଲରେ ଦ୍ରୁତତମ ଶତକ ହାସଲ କରିବାରେ କ୍ରିସ ଗେଲଙ୍କ ପରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

### ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଅଙ୍କିତଙ୍କ ଘାତକ ବୋଲିଂରେ ସ୍କୁଲ-ଏଫ୍ ବିଜୟୀ




କେନ୍ଦ୍ରାପଡ଼ା,୫।୫: କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ (୧୫ବର୍ଷରୁ କମ) କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚର୍ତୁଦଶ ଲିଗ ମ୍ୟାଚ୍ ସ୍କୁଲ-ସି ଓ ସ୍କୁଲ-ଏଫ ମଧ୍ୟରେ ଖେଳାଯାଇଥିଲା। ସ୍କୁଲ-ଏଫ ପ୍ରଥମେ ଟସ ଜିତି ବ୍ୟାଟିଂ କରି ୩୦.୪ ଓଭରରେ ୧୫୭ ରନ୍ କରି ଅଲଆଉଟ ହୋଇ। ଯାଇଥିଲେ। ଜବାବରେ ସ୍କୁଲ-ସି ୧୭ ଓଭରରେ ୪୦ ରନ୍ କରି ଅଲଆଉଟ ହୋଇଯାଇଥିଲେ। ଫଳରେ ଏଥିରେ ସ୍କୁଲ-ଏଫ ୧୧୭ ରନରେ ବିଜୟୀ ହୋଇଛି। ସ୍କୁଲ-ଏଫ ଦଳର ଅଙ୍କିତ ସାହୁ ବ୍ୟାଟିଂ କରି ୨୬ବଲରେ ଗୋଟିଏ ଛକା ସହ ୨ଟି ଚୌକା ସହ ୨୮ରନ କରିଥିବା ବେଳେ ୫ଓଭର ବୋଲିଂ କରି ୩ଟି ମେଡେନ ସହ ୧୩ରନ ଦେଇ ୫ଟି ଉଇକେଟ ଅକ୍ତିଆର କରି ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିଲେ। ଅତିଥି ଭାବେ ରେଜେଶ ପାତ୍ର ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ଅଙ୍କିତଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ବିଶ୍ୱଜିତ ଅଧିକାରୀ ଓ ରାଜେଶ ପାତ୍ର ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଭାବେ ଚିରଞ୍ଜିବୀ ବଳ କାର୍ଯ୍ୟ ତୁଲାଇଥିବା ବେଳେ ବରଦା କାନ୍ତ ବରାଳ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ନେତୃତ୍ୱରେ ପ୍ରଫୁଲ୍ଲ କୁମାର ମଲ୍ଲିକ, ଆକବର ଅଲ୍ଲୀ ଖାଁ, ସମିର କୁମାର ମହାପାତ୍ର, ପ୍ରଣବ କୁମାର ଦାସ, ଅନୁପ କୁମାର ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ସାରାଙ୍କୁ ମିଳିଗଲା ନୂଆ ବୟଫ୍ରେଣ୍ଡ୍ !



ମୁମ୍ବାଇ,୫।୫: ମହାନ ଭାରତୀୟ ବ୍ୟାଟସମ୍ୟାନ ସଚିନ ତେନ୍ଦୁଲକରଙ୍କ ଝିଅ ସାରା ପ୍ରାୟତଃ ଚର୍ଚ୍ଚାରେ ଥାଅନ୍ତି। କେତେବେଳେ ସୋସିଆଲ ମିଡିଆରେ ତାଙ୍କ ବୋଲ୍ଡ ଅନ୍ଦାଜ୍ ପାଇଁ ତ କେତେବେଳେ ତାଙ୍କ ଡେଟିଂ ଖବର ପାଇଁ ଏବେ ସାରାଙ୍କୁ ଏକ ନୂଆ। ବୟଫ୍ରେଣ୍ଡ୍ ମିଳିଯାଇଛି। ସାରା ଏବଂ ଉଦୀୟମାନ ବଲିଉଡ ଅଭିନେତା ସିଦ୍ଧାନ୍ତ ଚତୁର୍ବେଦୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ଚର୍ଚ୍ଚା ହେଉଛି।

ସାରା ଏବଂ ସିଦ୍ଧାନ୍ତଙ୍କୁ ନିକଟ ଅତୀତରେ କିଛି ଥର ଏକାଠି ଦେଖିବାକୁ ମିଳିଛି। ଉଭୟ ବ□ମାନ ସାଧାରଣ ପ୍ରଶଂସକଙ୍କ ଦୃଷ୍ଟିରୁ ସେମାନଙ୍କ ସମ୍ପର୍କକୁ ଦୂରରେ ରଖୁଛନ୍ତି। ନିକଟରେ ସାରା ଏବଂ ଷ୍ଟାର ଭାରତୀୟ କ୍ରିକେଟର ଶୁବମନ ଗିଲ ପରସ୍ପରକୁ ଅନଫଲୋ କରିଥିଲେ। ଉଭୟଙ୍କ ସମ୍ପର୍କକୁ ନେଇ ୨-୩ ବର୍ଷ ଧରି ଚର୍ଚ୍ଚାରେ ରହିଛି। କିଛି ମାସ ପୂର୍ବରୁ ସାରାଙ୍କୁ ସଚିନ ତେନ୍ଦୁଲକର ଫାଉଣ୍ଡେସନର ନିର୍ଦ୍ଦେଶକ କରାଯାଇଥିଲା। ଏହି ଫାଉଣ୍ଡେସନ ପଛୁଆ ଅଞ୍ଚଳର ଗରିବ ପିଲାମାନଙ୍କୁ ସାହାଯ୍ୟ କରେ। ଏହା ବ୍ୟତୀତ, ସମ୍ପ୍ରତି ସାରା ଇ-କ୍ରିକେଟ ପ୍ରିମିୟର ଲିଗ୍‌ରେ ମୁମ୍ବାଇ ଦଳ କିଣିଥିଲେ, ଯାହା ଏହି ପ୍ରତିଯୋଗିତାରେ ମଧ୍ୟ ଅଂଶଗ୍ରହଣ କରିଥିଲା।

### ଆଇସିସିର ବାର୍ଷିକ ରାଙ୍କିଙ୍ଗ ଜାରି

# ଟେଷ୍ଟରେ ଅଷ୍ଟ୍ରେଲିଆ, ଦିନିକିଆ ଓ ଟି-୨୦ରେ ଶୀର୍ଷରେ ଭାରତ

ନୂଆଦିଲ୍ଲୀ,୫।୫(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ବାର୍ଷିକ ଦଳ ମାନ୍ୟତା ଜାରି କରିଛି। ଅଷ୍ଟ୍ରେଲିଆ ଟେଷ୍ଟରେ ଶୀର୍ଷରେ ଥିବା ବେଳେ ଭାରତୀୟ ଦଳ ଦିନିକିଆ ଓ ଟି-୨୦ରେ ନମ୍ବରୱାନ ସ୍ଥାନରେ ରହିଛି। କିନ୍ତୁ ଭାରତୀୟ ଦଳକୁ ଟେଷ୍ଟ ଫର୍ମାଟରେ ଦୁଇ ଲଗାତାର ସିରିଜ୍ ପରାଜୟର ଝଟକା ଲାଗିଛି। ଦଳ ଟପ୍-୩ରୁ ବାଦ୍ ପଡ଼ି ଚତୁର୍ଥ ସ୍ଥାନକୁ ଖସି ଆସିଛି।ଅଷ୍ଟ୍ରେଲିଆ। ତିନି ଫର୍ମାଟ୍‌ରେ ଟପ୍-୩ରେ ରହିଛି, ଯାହା କଙ୍ଗାରୁ ଦଳ ପାଇଁ ବଡ଼ ଉପଲବ୍ଧି ଇଂଲଣ୍ଡ ଟେଷ୍ଟ ମାନ୍ୟତାରେ ଅଷ୍ଟ୍ରେଲିଆର ନିକଟତର ରହିଛି।

ଅଷ୍ଟ୍ରେଲିଆ ୧୨୬ ପଏଣ୍ଟ ସହ ଶୀର୍ଷରେ ରହିଛି। ଇଂଲଣ୍ଡ ଖାତାରେ ୧୧୩ ପଏଣ୍ଟ ରହିଛି ଏବଂ ଦ୍ୱିତୀୟ ସ୍ଥାନରେ ରହିଛି। ଦକ୍ଷିଣ ଆଫ୍ରିକା ୧୧୧ ସହ ଦ୍ୱିତୀୟରୁ ତୃତୀୟ ସ୍ଥାନକୁ ଖସି ଆସିଛି ଭାରତୀୟ ୧୦୫ ପଏଣ୍ଟ ପାଇ ଚତୁର୍ଥରେ ରହିଛି। ନ୍ୟୁଜିଲାଣ୍ଡ ଟେଷ୍ଟ ମାନ୍ୟତାରେ ୯୫ ଅଙ୍କ ସହ ପଞ୍ଚମ, ଶ୍ରୀଲଙ୍କା(୮୭) ଷଷ୍ଠ, ପାକିସ୍ତାନ(୭୮) ସପ୍ତମ, ୱେଷ୍ଟଇଣ୍ଡିଜ(୭୩) ଅଷ୍ଟମ, ବାଂଲାଦେଶ(୬୨) ନବମ ଓ ଆୟରଲାଣ୍ଡ(୩୦) ଦଶମ ସ୍ଥାନରେ ରହିଛି।

ଭାରତ ୧୨୪ ରେଟିଂ ପଏଣ୍ଟ ସହ ଏକ ନମ୍ବର ସ୍ଥାନରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ୧୦୯ ଅଙ୍କ ସହ ଦ୍ୱିତୀୟରେ ରହିଛି। ୧୦୯ ପଏଣ୍ଟ ସହ ଅଷ୍ଟ୍ରେଲିଆ ତୃତୀୟ, ୧୦୪ ପଏଣ୍ଟ ସହ ଶ୍ରୀଲଙ୍କା ଚତୁର୍ଥ, ପାକିସ୍ତାନ(୧୦୪) ପଞ୍ଚମ, ଦକ୍ଷିଣ ଆଫ୍ରିକା(୯୬) ଷଷ୍ଠ, ଆଫଗାନିସ୍ତାନ(୯୧) ସପ୍ତମ, ଇଂଲଣ୍ଡ(୮୪) ଅଷ୍ଟମ, ୱେଷ୍ଟଇଣ୍ଡିଜ(୮୩) ନବମ ଓ ବାଂଲାଦେଶ(୭୬) ଦଶମ ସ୍ଥାନରେ ରହିଛି। ଭାରତ ୨୭୧ ପଏଣ୍ଟ ସହ ଶୀର୍ଷରେ ରହିଛି। ୨୬୨ ଅଙ୍କ ସହ ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନରେ ରହିଛି। ୨୫୪ ପଏଣ୍ଟ ସହ ଇଂଲଣ୍ଡ ତୃତୀୟ, ୨୪୯ ପଏଣ୍ଟ ସହ ନ୍ୟୁଜିଲାଣ୍ଡ ଚତୁର୍ଥ, ୨୪୬ ପଏଣ୍ଟ ସହ ୱେଷ୍ଟଇଣ୍ଡିଜ ପଞ୍ଚମରେ ରହିଛି। ସେହିପରି ଦକ୍ଷିଣ ଆଫ୍ରିକା(୨୪୫) ଷଷ୍ଠ, ଶ୍ରୀଲଙ୍କା(୨୩୫) ସପ୍ତମ, ପାକିସ୍ତାନ(୨୨୮) ଅଷ୍ଟମ, ବାଂଲାଦେଶ(୨୨୫) ନବମ ଓ ଆଫଗାନିସ୍ତାନ(୨୨୩) ଦଶମ ସ୍ଥାନରେ ରହିଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ